ରେଳ କୋଚ୍ କାରଖାନା ଉଦ୍‌ଘାଟନ କଲେ କେସିଆର୍ | ୧୦

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ଅଭିନୟ ପାଇଁ ଚାକିରି ଛାଡିଥିଲେ ତାପସୀ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur.

ବିଂଶତମ ବର୍ଷ ସଂଖ୍ୟା-୯୨ | Vol. 20 No-92 | 23 JUNE 2023 FRIDAY BHUBANESWAR | ଶୁକ୍ରବାର, ୨୩ ଜୁନ୍ ୨୦୨୩ | ପୃଷ୍ଠା-୧୨ | ମୂଲ୍ୟ: ୭.୦୦

ସଂକ୍ଷେପରେ...

ସ୍ମୃତିରଞ୍ଜନ ପ୍ରଧାନ ଗଜପତିର ନୂଆ ଜିଲ୍ଲାପାଳ

ଭୁବନେଶ୍ୱର, ୨୨।୬(ଭାସ୍କର ନ୍ୟୁଜ): ଗଜପତିର ନୂଆ ଜିଲ୍ଲାପାଳ ଭାବେ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି । ଜିଲ୍ଲାପାଳ ଥିବା ଲିଙ୍ଗରାଜ ପଣ୍ଡାଙ୍କୁ ସାମାଜିକ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଝାରସୁଗୁଡ଼ାରେ ନଡ୍ଡା

ଝାରସୁଗୁଡ଼ା, ୨୨।୬(ଭାସ୍କର ନ୍ୟୁଜ): ଗୁରୁବାର ସନ୍ଧ୍ୟାରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଝାରସୁଗୁଡ଼ାରେ ପହଞ୍ଚିଥିବା ସୂଚନା ମିଳିଛି । ଦଳର ବରିଷ୍ଠ ନେତାମାନେ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ସେ ବରଗଡ଼ ଲୋକସଭା କ୍ଷେତ୍ରର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟି ଆଲୋଚନା କରିଥିଲେ । ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ତାଙ୍କର ଏକ ସାଧାରଣ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଓଡିଶାର ଦୁଇ ସ୍ୱାସ୍ଥ୍ୟ କର୍ମୀଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର

ନୂଆଦିଲ୍ଲୀ, ୨୨।୬ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ କାମ ପାଇଁ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାରରେ ସମ୍ମାନିତ କରିଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାର ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀ ଅଛନ୍ତି । ୨୦୨୨ ପାଇଁ ନର୍ସ ସେବତୀ ସାହୁ ଓ ୨୦୨୩ ପାଇଁ ଏଏନଏମ ମଞ୍ଜୁଲତା ମହାରଣାଙ୍କୁ ପୁରସ୍କାର ମିଳିଛି ।

ସେନ୍‌ସେକ୍ସ: ୬୩,୨୩୮.୮୯

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୭ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

୨୨।୬ର ମତାମତ

ରାଜ୍ୟରେ ଘନଘନ ଚାଲିଥିବା ହାତୀ ଆକ୍ରମଣକୁ ରୋକିବା ସମ୍ଭବ କି ?



ଆଜିର ପ୍ରସଙ୍ଗ

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ଘୋ ଘୋ କଣ୍ଢୁଛି ଶିରୀକ୍ଷେତ୍ର ପୁରୀ
ଗଣି ହେଉନାହିଁ ମୁଣ୍ଡ,
ମଠ, ଧର୍ମଶାଳା, ହୋଟେଲ, ଲଅଜ
ବେଳାଭୂମି, ବଡଦାଣ୍ଡ ।
ସବୁଠି ଶ୍ରଦ୍ଧାଳୁ ରୁଣ୍ଡ,
ବାହୁଡା ପର୍ଯ୍ୟନ୍ତ ରହିବ ଏ ଭିଡ
ଅଦ୍ଭୁତ କାଳିଆ କାଣ୍ଡ ।

ପାଣିପାଗ ବିଭାଗର ସୂଚନା

ଓଡ଼ିଶା ଛୁଇଁଲା ମୌସୁମୀ

୩ ଜିଲ୍ଲାକୁ ଛୁଇଁଥିବା ସୂଚନା
ଦୁଇ ଦିନ ମଧ୍ୟରେ ସାରା ଓଡ଼ିଶା ଛୁଇଁବ
୪ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା
ଭୁବନେଶ୍ୱରରେ ୯୦.୪ମିମି ବର୍ଷା ରେକର୍ଡ

ଭୁବନେଶ୍ୱର, ୨୨।୬ (ଭାସ୍କର ନ୍ୟୁଜ) : ଶେଷରେ ଦୀର୍ଘ ପ୍ରତିକ୍ଷାର ଅନ୍ତ ଘଟିଛି । ଗୁରୁବାର ଓଡ଼ିଶା ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମୌସୁମୀ ବାୟୁ ମାଲକାନାଗିରି, କୋରାପୁଟ ଓ ଗଜପତି ଜିଲ୍ଲାକୁ ପ୍ରବେଶ କରିଛି । ଆସନ୍ତା ଦୁଇ ଦିନ ମଧ୍ୟରେ ଏହା ସାରା ଓଡ଼ିଶାକୁ ଛୁଇଁବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ମୌସୁମୀ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଆଉ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ପୂର୍ବରୁ ଦୁଇଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଥିଲା । ମୌସୁମୀ ପ୍ରବେଶ ସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲ୍‌କାରୁ ମଧ୍ୟମଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ମାଲାକାନଗିରିର କୋରଗୁଣ୍ଡାରେ ୬୧, ଚିତ୍ରକୋଣ୍ଡାରେ ୬୦, ସୁନ୍ଦରଗଡର ଟେଣ୍ଡାପାଲିରେ ୫୮.୪, ଢ଼େଙ୍କାନାଳର ଭୁବନରେ ୭୦ ଓ ଯାଜପୁରର ସୁକିନ୍ଦାରେ ୬୫, କେନ୍ଦୁଝରରେ ୬୬.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବର୍ଷା ଫଳରେ ଲୋକଙ୍କୁ ତାତିରୁ ଆଶ୍ୱସ୍ତି ମିଳିଛି । ୧୧ଟି ଜିଲ୍ଲାରେ ମୌସୁମୀଜନିତ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ୪ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । ଯେଉଁ ୪ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବ ସେଗୁଡିକ ହେଲା - ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି । ସେହିପରି ୧୧ ଜିଲ୍ଲା ହେଲା- ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ରାୟଗଡା, ଗଜପତି, ● ପୃଷ୍ଠା ୮ ଦେଖନ୍ତୁ

ଆଡପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

ଆଜିଠୁ ଭକ୍ତଙ୍କୁ ମିଳିବ ଆଡପ ଅବଢା

ପୁରୀ, ୨୨।୬(ଭାସ୍କର ନ୍ୟୁଜ): ଶରଧାବାଲିରେ ରଥାରୂଢ ଶ୍ରୀଜିଉମାନେ ଗୁରୁବାର ସନ୍ଧ୍ୟାରେ ଆଡପ ମଣ୍ଡପକୁ ବିଜେ କରିଛନ୍ତି । ସନ୍ଧ୍ୟାଧୂପ ସରିବା ପରେ ଘୋଡାଫିଟା, ଚାରମାଳ ବନ୍ଧା ଓ ମୁଦିରତ୍ନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୁଷ୍ପାଞ୍ଜଳି ଦିଆଯିବା ପରେ ମହାପ୍ରଭୁ ଗୋଟି ପହଣ୍ଡିରେ ଆଡପ ମଣ୍ଡପକୁ ବିଜେ କରିଥିଲେ । ପ୍ରଥମେ ମଦନମୋହନ ଓ କୃଷ୍ଣ ବଳରାମଙ୍କ ପହଣ୍ଡି ୫ଟା ୪୦ରେ ଆରମ୍ଭ ହୋଇଥିଲା । ପରେ ୬ଟାରେ ସୁଦର୍ଶନଙ୍କ ପହଣ୍ଡି କରାଯାଇଥିଲା । ୬ଟା ୧୦ରେ ଗୋଟି ପହଣ୍ଡିରେ ଶ୍ରୀ ବଳଭଦ୍ର, ୭ଟା ୨୦ରେ ମା' ସୁଭଦ୍ରା ପହଣ୍ଡିବିଜେ କରିଥିଲେ । ଶେଷରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଡପ ମଣ୍ଡପ ବିଜେ ପହଣ୍ଡି ୭ଟା ୫୫ରେ ଆରମ୍ଭ ହୋଇଥିଲା । ପହଣ୍ଡି ଆରମ୍ଭ ହେବାର କିଛି ସମୟ ପରେ ବର୍ଷା ହୋଇଥିଲା । ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେବା ସହ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମଙ୍ଗଳବାର ରଥଟଣାରେ ବିଳମ୍ବ ଯୋଗୁ ଦୁଇ ରଥ ନନ୍ଦିଘୋଷ ଓ ଦେବଦଳନ ସନ୍ଧ୍ୟା ପୂର୍ବରୁ ଶରଧାବାଲିରେ ପହଞ୍ଚି ପାରିନଥିଲେ । ଗୁରୁବାର ସକାଳେ ତିନି ରଥ ଉପରେ ମଙ୍ଗଳ ଆଳତୀ କରାଯାଇଥିଲା । ୬ଟା ୨୫ରୁ ୭ଟା ଭିତରେ ମଙ୍ଗଳ ଆଳତୀ, ୭ଟାରୁ ୭ଟା ୧୦ ମଧ୍ୟରେ ମଇଲମ, ୭ଟା ୧୦ରୁ ୭ଟା ୫୫ ମଧ୍ୟରେ ଅବକାଶ, ୧୦ଟା ୪୫ରୁ ୧୦ଟା ୫୫ ମଧ୍ୟରେ ତିନି ରଥର ମହାସ୍ନାନ, ୧୦ଟା ୫୫ରୁ ୧୧ଟା ୫ ମଧ୍ୟରେ ସର୍ବାଙ୍ଗ, ୧୧ଟାରୁ ୧୧.୨୦ ମଧ୍ୟରେ ବେଶ, ୧୧ଟା ୩୦ରୁ ୧୨.୨୦ ମଧ୍ୟରେ ତିନିରଥରେ ଘଣ୍ଟଛତା ମଧ୍ୟାହ୍ନ ଧୂପ, ୧୨ଟା ୩୫ରୁ ୧୨.୫୦ ମଧ୍ୟରେ ସନ୍ଧ୍ୟା ଆଳତୀ, ୧.୧୦ରୁ ୧.୪୫ ମଧ୍ୟରେ ସନ୍ଧ୍ୟା ଧୂପ, ୨ଟା୫ରୁ ୨.୧୫ ମଧ୍ୟରେ ଚନ୍ଦନ ଲାଗି, ୨.୨୦ରୁ ୨.୪୦ ମଧ୍ୟରେ ବଡ଼ସିଂହାର ବେଶ, ୨.୫୦ରୁ ୩.୧୦ ବଡ଼ସିଂହାର ଭୋଗ, ୩.୨୫ରୁ ୩.୩୦ରେ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା । ଭକ୍ତ ବିନୋଦିଆ କାଳିଆ ଠାକୁରଙ୍କୁ ଦେଖି ଭକ୍ତମାନେ ଶରଧାବାଲିରେ ଭାବବିହ୍ୱଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ମହାପ୍ରଭୁଙ୍କୁ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗି ରହିଛି । ଆସନ୍ତା ରବିବାର ମହାପ୍ରଭୁଙ୍କ ଅଧରପୋଛା ନୀତି ଅନୁଷ୍ଠିତ ହେବ । ଏଥିପୂର୍ବରୁ ଶୁକ୍ରବାର ଭକ୍ତଙ୍କ ପାଇଁ ଆଡପ ଅବଢା ଯୋଗାଇ ଦିଆଯିବ ।

ହ୍ୱାଇଟ୍ ହାଉସ୍‌ରେ ଦୁଇ ମହାଶକ୍ତିଙ୍କ ମହାମିଳନ

ମୋଦୀ-ବାଇଡେନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା



ୱାଶିଂଟନ୍, ୨୨।୬: ଆମେରିକାର ହ୍ୱାଇଟ୍ ହାଉସରେ ଦୁଇ ମହାଶକ୍ତିଙ୍କ ମହାମିଳନ ଘଟିଛି । ଆମେରିକାକୁ ପ୍ରଥମ ଥର ରାଷ୍ଟ୍ରୀୟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ହ୍ୱାଇଟ୍ ହାଉସରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଜୋ.ବାଇଡେନ ଓ ପ୍ରଥମ ମହିଳା ଜିଲ୍ ବାଇଡେନ ମୋଦୀଙ୍କୁ ସ୍ୱାଗତ ଜଣାଇଥିଲେ । ଦୁଇଦେଶର ଜାତୀୟ ସଂଗୀତ ସହ ୧୯ଟି ତୋପ ସଲାମୀ ଦ୍ୱାରା ମୋଦୀଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ମୋଦୀ ଏବଂ ବାଇଡେନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ବିଶେଷକରି ଗରିବୀ ଦୂରୀକରଣ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବାର ବିସ୍ତାର, ଖାଦ୍ୟ ସୁରକ୍ଷାର ସମାଧାନ ଦିଗରେ ଉଭୟ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ପରେ ମୋଦୀ ହ୍ୱାଇଟ୍ ହାଉସରେ ଉପସ୍ଥିତ ଥିବା ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିଥିଲେ । ମୋଦୀ ମଧ୍ୟ ତାଙ୍କ ସମ୍ବୋଧନରେ ଭବ୍ୟ ସ୍ୱାଗତ ପାଇଁ ବାଇଡେନ ଓ ଜିଲ୍ ବାଇଡେନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସେ କହିଥିଲେ ଯେ ହ୍ୱାଇଟ୍ ହାଉସରେ ଯେଭଳି ସମ୍ବର୍ଦ୍ଧନା ପ୍ରଦାନ କରାଗଲା ତାହା ୧୪୦ କୋଟି ଭାରତୀୟଙ୍କ ପାଇଁ ସମ୍ମାନର ବିଷୟ । ଏଥିପୂର୍ବରୁ ଶ୍ରୀ ମୋଦୀ ବାଇଡେନ ଦମ୍ପତିଙ୍କୁ ୭.୫ ● ପୃଷ୍ଠା ୮ ଦେଖନ୍ତୁ

ପୁନଃନିର୍ମାଣ ହେବ ବାହାନଗା ହାଇସ୍କୁଲ

ଅଢ଼େଇ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ବାହାନଗା, ୨୨।୬ (ଭାସ୍କର ନ୍ୟୁଜ୍) : ୫-ଟି ଉପକ୍ରମରେ ବାଲେଶ୍ୱର ଜିଲ୍ଲା ବାହାନଗା ହାଇସ୍କୁଲର ପୁନଃନିର୍ମାଣ କରାଯିବ । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇକୋଟି ୪୯ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଅର୍ଥ ଯୋଗାଇ ଦିଆଯିବ । ସୂଚନାଯୋଗ୍ୟ ଯେ ଗତ ୨ତାରିଖରେ ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଷ୍ଟେସନରେ ଭୟାବହ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ବାହାନଗା ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉଦ୍ଧାର ଓ ସେବା କାର୍ଯ୍ୟରେ ସ୍ୱଇଚ୍ଛାରେ ଯୋଗଦାନ କରିଥିଲେ । ସେମାନଙ୍କ ମହତ ଯୋଗଦାନକୁ ଉତ୍ସାହିତ କରିବା ନିମନ୍ତେ ବାହାନଗା ହାଇସ୍କୁଲକୁ ୫-ଟି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭିକେ ପାଣ୍ଡିଆନ୍ ବାହାନଗା ଯାଇ ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଲୋକପ୍ରତିନିଧି, ସ୍କୁଲ ପରିଚାଳନା କମିଟି ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହିତ ମତାମତ ଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଏହି ବିଦ୍ୟାଳୟରେ ମୃତଦେହଗୁଡିକୁ ରଖା ଯାଇଥିଲା । ଯାହାଫଳରେ ବିଦ୍ୟାଳୟ ଆସିବାକୁ ଛାତ୍ରଛାତ୍ରୀମାନେ ଭୟ କରୁଥିଲେ । ● ପୃଷ୍ଠା ୮ ଦେଖନ୍ତୁ

ବାହାନଗା ହେବ ମଡେଲ ପଞ୍ଚାୟତ

ବାହନଗା, ୨୨।୬(ଭାସ୍କର ନ୍ୟୁଜ୍) : ସାରା ଦେଶ ପାଇଁ ବାହନଗା ସାଜିବ ମଡେଲ । ଏହି ପଞ୍ଚାୟତକୁ ମଡେଲ ପଞ୍ଚାୟତରେ ପରିଣତ କରାଯିବ । ୫-ଟି ସଚିବ ବାଲେଶ୍ୱର ଗସ୍ତରେ ଥିବା ବେଳେ ବାହନଗା ଯାଇ ସେଠାକାର ଲୋକମାନଙ୍କୁ ଧନ୍ୟବାଦ ଦେବା ସହ ଏହି ଶୁଭ ସମ୍ବାଦ ଦେଇଥିଲେ । ସେ କହିଥିଲେ ଟ୍ରେନ୍ ଟ୍ରାଜେଡି ବେଳେ ସ୍ଥାନୀୟ ଲୋକେ ଦେବଦୂତ ସାଜି ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ସେହି କାଳରାତ୍ରିର କଥା ମନେ ପକାଇ ଶ୍ରୀ ପାଣ୍ଡିଆନ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗ ପାଇଁ ବହୁ ଲୋକ ଟ୍ରେନ ଟ୍ରାଜେଡିରେ ବଞ୍ଚି ଯାଇଥିବାରୁ ସାରା ରାଜ୍ୟ ବାହାନଗାବାସୀଙ୍କ ନିକଟରେ ଋଣୀ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ ।



କଟକ (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଖାନ ନଗର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଓ ପ୍ରାଣାୟାମ କରିଥିଲେ । ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗ ପରିବେଷଣ କରିଥିଲେ । ଏନ୍‌ଆଇସିର କଟକ ଜିଲ୍ଲା ମୁଖ୍ୟ ଶ୍ରୀମତୀ ଇତିଶ୍ରୀ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନ୍ତର୍ଜାତୀୟ ଯୋଗ ଦିବସ କୁ ଉଦ୍ଘାଟନ କରି କହିଲେ ଭାରତୀୟ ସଂସ୍କୃତି ପରମ୍ପରାରେ ଯୋଗକୁ ପ୍ରାଧାନ୍ୟ ଦିଆଯାଇଛି ଯାହାକି ବର୍ତ୍ତମାନ ସମଗ୍ର ବିଶ୍ୱର ୨୩ ଗୋଟି ଦେଶ ଓ ଜାତିସଙ୍ଘ ଦ୍ୱାରା ଆଦୃତ ଓ ପାଳିତ ହେଉଅଛି । ପ୍ରତିଦିନ ଯୋଗ ଅଭ୍ୟାସ ଦ୍ୱାରା ମଣିଷ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ଓ ନିରୋଗ ହୋଇଥାଏ । ଅତୀତରେ ଭାରତୀୟ ମୁନି ଋଷି ମାନେ ଯୋଗ ଅଭ୍ୟାସ କରି ସମସ୍ତ ପ୍ରକାର ବ୍ୟାଧିରୁ ମୁକ୍ତି ପାଉଥିଲେ ଏବଂ ବିଶ୍ୱକୁ ସୁସ୍ଥ ରହିବାର କୌଶଳ ଓ ବାର୍ତ୍ତା ପ୍ରଦାନ କରୁଥିଲେ ।

କଟକ-ଭୁବନେଶ୍ୱରରେ ପ୍ରାକ୍ ମୌସୁମୀ ବର୍ଷା

ତାତି ଓ ଗୁଳୁଗୁଳିରୁ ଲୋକଙ୍କୁ ମିଳିଲା ଆଶ୍ୱସ୍ତି

କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଟକ ଓ ଭୁବନେଶ୍ୱର ବାସୀଙ୍କୁ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି । ଗୁରୁବାର ସକାଳେ ଉଭୟ ସହରରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ମଧ୍ୟାହ୍ନରେ ଆକସ୍ମିକ ଭାବେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି । ଏହି କାରଣରୁ ଉଭୟ ମହାନଗରର ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଆଜି କଟକ-ଭୁବନେଶ୍ୱରର ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଛି । ଏହି ବର୍ଷାର ପ୍ରଭାବରେ କଟକ- ଭୁବନେଶ୍ୱରର ଅନେକ ସ୍ଥାନ ଜଳାର୍ଣ୍ଣବ ହୋଇଥିବା ଜଣାଯାଇଛି । ଏଣେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାର ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହୋଇଛି । ବର୍ଷା ପ୍ରଭାବରେ ରାଜଧାନୀର ଇସ୍କନ ମନ୍ଦିର ସାମ୍ନା ରାସ୍ତାଠାରୁ ଆରମ୍ଭ କରି ଖଣ୍ଡଗିରି, ରାଜମହଲ, ରାଜଭବନ, ରସୁଲଗଡ଼ ଆଦି ସ୍ଥାନମାନଙ୍କରେ ପାଣି ଜମି ରହିବାରୁ ପଥଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ଏକ୍ସପାରି ସାମଗ୍ରୀ ବିକ୍ରି ନେଇ ମାମଲା

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଏକ୍ସପାରୀ ସାମଗ୍ରୀ ବିକ୍ରୀ ହେଉଥିବା ଦର୍ଶାଇ ହାଇକୋର୍ଟରେ ଏକ ଜନହିତ ମାମଲା ରୁଜୁ କରାଯାଇଛି । ବିଶେଷ କରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶନାମା ପାଳନ କରାଯାଉ ନାହିଁ ବୋଲି ଆବେଦନକାରୀ ଡ. ସୁନୀଲ କୁମାର ରଥଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଛି । ସେହିପରି ବଜାରରେ ମଧ୍ୟ ପଚା ଫଳ, ପରିବା ମଧ୍ୟ ବିକ୍ରି ହେଉଛି । ସିଏମ୍‌ସିର ଫୁଡ୍ ସେଫ୍ଟି ଅଫିସର ମଧ୍ୟ ଏକ୍ସପାରି ସାମଗ୍ରୀ ବିକ୍ରି କିପରି ବନ୍ଦ କରାଯିବ ସେ ନେଇ ପଦକ୍ଷେପ ନେଉନାହାନ୍ତି । ନିୟମିତ ଭାବେ କଟକ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଗଲେ ହୁଏତ ପରିସ୍ଥିତିରେ ପରିବର୍ତ୍ତନ ହେବ ବୋଲି କୁହାଯାଇଛି । ରୁଜୁ ମାମଲାରେ ଦର୍ଶାଯାଇଛି ଯେ ମର୍କତନଗର ଅଞ୍ଚଳରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଏକ୍ସପାରି ସାମଗ୍ରୀ ବିକ୍ରି କରାଯାଉଛି । ଏ ସମ୍ପର୍କରେ କଟକ ଜିଲ୍ଲା ଖାଉଟି ଅଦାଲତରେ ୪ଟି ମାମଲା ବିଚାରାଧୀନ ରହିଛି ।

ଅହେତୁକ ବିଦ୍ୟୁତ୍ କାଟ ଯୋଗୁଁ ଜନ ଅସନ୍ତୋଷ

କଟକ(ଭାସ୍କର ନ୍ୟୁଜ୍): ସିଡ଼ିଏ, ସେକ୍ଟର-୬, ୱାର୍ଡ଼ ନଂ ୬ରେ ଅହେତୁକ ବିଦ୍ୟୁତ୍ କାଟ ଯୋଗୁଁ ସିଡ଼ିଏ ଅନ୍ତେବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ଦେଖାଦେଇଛି । ଏଠାରେ ସୂଚନାଯୋଗ୍ୟ ଯେ ସାମାନ୍ୟ ପବନ ଓ ବର୍ଷା ହେଲେ ସିଡ଼ିଏରେ ଥିବା ବିଦ୍ୟୁତ ଅଧିକାରୀମାନେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ କରିଦେବା ଫଳରେ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ରୋଗରେ ପିଡ଼ୀତ ବ୍ୟକ୍ତିମାନେ ନାହିଁ ନଥିବା ଅସୁବିଧା ହେଉଛି । ବର୍ଷା ପବନ ହେବା ଫଳରେ ବିଦ୍ୟୁତ କର୍ମଚାରୀମାନେ ୧୯୧୨କୁ ଫୋନ କଲେ ଫୋନ କଲ୍‌ର କୌଣସି ଉତ୍ତର ମିଳୁନାହିଁ, ବିଦ୍ୟୁତ କର୍ମଚାରୀ ଫୋନକୁ ଏନେଗେଜ କରିଦେଉଥିବାର ପରିଲକ୍ଷିତ ହେଉଅଛି । ଫଳରେ ଅଞ୍ଚଳ ପକ୍ଷରୁ ଘୋର ଅସନ୍ତୋଷ ହେବା ସଙ୍ଗେ ସଙ୍ଗେ ଏହାର ପ୍ରତିବାଦ ସ୍ୱରୂପ ସ୍ଥାୟୀ ପ୍ରତିକାର ପାଇଁ ଦାବୀପତ୍ର ଏସଡ଼ିଓଙ୍କ ଜରିଆରେ ବିଦ୍ୟୁତ ଏକଜୁକିଟିଭ ଇନିୟରଙ୍କୁ ପ୍ରଦାନ କରାଯାଇଛି । ଗତ ୪ ତାରିଖରେ ସାମାନ୍ୟ ଝଡ଼ ବର୍ଷ ଯୋଗୁଁ କିଛି ଡ଼ାଳ ଏବେ ପର୍ଯ୍ୟନ୍ତ ଭାଙ୍ଗି ବିଦ୍ୟୁତ ତାରରେ ଝୁଲି ରହିଥିବାର ପରିଲକ୍ଷିତ ହେଉଛି । ସେହିପରି ଟିପିକଲଡ଼ ପକ୍ଷରୁ ସେକ୍ଟର-୬ରେ ଥିବା ଟ୍ରାନସଫରମର ଗୁଡ଼ିକୁ ସୁରକ୍ଷିତ କିମ୍ବା ରକ୍ଷଣାବେକ୍ଷଣ କରାଯାଉନଥିବାରୁ ବେଳେ ବେଳେ ଟ୍ରାନସଫରମର ଗୁଡ଼ିକରୁ ନିଆଁ ବାହାରୁଥିବା ବେଳେ କିଛି ଟ୍ରାନସଫରମର ବ୍ରଷ୍ଟ ହେଉଅଛି । ବିଦ୍ୟୁତ କର୍ମଚାରୀମାନେ ପ୍ରତ୍ୟେକ ମାସରେ ବିଦ୍ୟୁତ ତାରକୁ ଲାଗି ରହିଥିବା ଡ଼ାଳଗୁଡ଼ିକୁ କାଟିବା ନାମରେ ବିଦ୍ୟୁତ ସରବରାହ ମାସକୁ ୪ଥର ବନ୍ଦ କରୁଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କିମ୍ବା କର୍ମଚାରୀମାନଙ୍କର ମୁନମୁଖି କାର୍ଯ୍ୟ ଯୋଗୁଁ ସିଡ଼ିଏ ଅନ୍ତେବାସୀ ବିଦ୍ୟୁତ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ପଞ୍ଚାୟତ ସ୍ତରରେ ଜାତୀୟ ପେନସନ ପ୍ରଦାନ କରାଯାଉ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାରେ ଜାତୀୟ ପେନସନ ପାଉଥିବା ୨୦ ଲକ୍ଷ ଲୋକ ଅଛନ୍ତି ଯେଉଁଥିରୁ ୫୦% ଅର୍ଥ ଓଡିଶା ସରକାର ବହନ କରୁଛନ୍ତି । ବୃଦ୍ଧାବସ୍ଥା ଏବଂ ଭିନ୍ନକ୍ଷମ ପେନସନ ସମେତ ଜାତୀୟ ପେନସନ ପାଉଥିବା ହିତାଧିକାରୀମାନେ ସେମାନଙ୍କ ପେନସନ ଗଣ୍ଡାକ ପାଇଁ ଗ୍ରାମାଂଚଳରେ ଅବସ୍ଥିତ ବ୍ୟାଙ୍କକୁ ବହୁ ଦୂର ଯାତ୍ରା କରିବାକୁ ପଡୁଥିବାରୁ ସେମାନେ ହଇରାଣ ହେଉଥିବା କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର । ଜାତୀୟ ପେନସନଧାରୀଙ୍କ ଦୁରାବସ୍ଥା ସଂକ୍ରାନ୍ତରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମତୀ ମିଶ୍ର କହିଛନ୍ତି ଯେ, ଓଡ଼ିଶାର ୨୮ ଲକ୍ଷ ଲୋକ ମଧୁ ବାବୁ ପେନସନ ପାଉଛନ୍ତି ଯେଉଁଥିରେ ବୃଦ୍ଧବୃଦ୍ଧା ପେନସନ୍ ଏବଂ ଭିନ୍ନକ୍ଷମ ପେନସନ୍ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ସ୍ତରରେ ସେମାନଙ୍କ ପେନସନ ପ୍ରଦାନ କରୁଛନ୍ତି । ଯାହା ଦ୍ୱାରା ସେମାନେ ସେମାନଙ୍କ ପେନସନ୍ ଗଣ୍ଡାକ ପାଇବାରେ ହଇରାଣ ହେବେ ନାହିଁ । ଓଡିଶାରେ ଉପଯୁକ୍ତ ବ୍ୟାଙ୍କିଙ୍ଗ୍ କଭରେଜ୍ ଅଭାବରୁ ବ୍ୟାଙ୍କଗୁଡିକ ହିତାଧିକାରୀଙ୍କ ନିଜ ଗ୍ରାମଠାରୁ ବହୁ ଦୂରରେ ଅବସ୍ଥିତ । କେନ୍ଦ୍ର ଦ୍ୱାରା ଓଡିଶାରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଐତିହାସିକ ଅବହେଳା ହେତୁ ଓଡିଶାର ବ୍ୟାଙ୍କିଙ୍ଗ୍ ନେଟୱାର୍କ ଅତ୍ୟନ୍ତ ଦୁର୍ବଳ ଏବଂ ୬୦% ରୁ ଅଧିକ ପଂଚାୟତରେ ଆଜି ମଧ୍ୟ କୌଣସି ବ୍ୟାଙ୍କ ସେବା ମିଳିପାରୁ ନାହିଁ । ବିଜେଡି ଦାବି କରିଛି ଯେ କେନ୍ଦ୍ର ଓଡିଶାରେ ବ୍ୟାଙ୍କିଙ୍ଗ କଭରେଜକୁ ଶୀଘ୍ର ବଢାଉ ଯାହା ଦ୍ୱାରା ଜାତୀୟ ପେନସନ ପାଉଥିବା ବୃଦ୍ଧବୃଦ୍ଧା ତଥା ଭିନ୍ନକ୍ଷମ ହିତାଧିକାରୀଙ୍କୁ ସେମାନଙ୍କ ପେନସନ୍ ପାଇବା ପାଇଁ ବହୁ ଦୂରରେ ଅବସ୍ଥିତ ବ୍ୟାଙ୍କକୁ ଦୀର୍ଘ ସମୟ ଯାତ୍ରା କରିବାକୁ ପଡ଼ିବ ନାହିଁ । ତେଣୁ ରାଜ୍ୟ ସରକାର ଯେଭଳି ପଂଚାୟତ ସ୍ତରରେ ମଧୁବାବୁ ପେନସନ ପ୍ରଦାନ କରୁଛନ୍ତି ଅନୁରୂପ ଭାବେ ପଂଚାୟତ ସ୍ତରରେ ଜାତୀୟ ପେନସନ ପ୍ରଦାନ ଲାଗି ଶ୍ରୀମତୀ ମିଶ୍ର ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଓମ ପ୍ରକାଶ ସାହୁ ଉପସ୍ଥିତ ଥିଲେ ।

ସୌରିନ ଭଟ୍ଟଙ୍କ ବିରୋଧରେ ଯୌନ ଶୋଷଣ ମାମଲା

ଖାଲି ହାତରେ ଫେରିଲା ପୋଲିସ୍

କଟକ(ଭାସ୍କର ନ୍ୟୁଜ୍): ଫେରାର କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ବିରୋଧରେ ଆଗତ ଯୌନ ଶୋଷଣ ମାମଲାରେ ତଦନ୍ତ ପାଇଁ କଲିକତା ଯାଇଥିବା ସ୍ୱତନ୍ତ୍ର ପୋଲିସ୍ ଟିମ୍ ଖାଲି ହାତରେ ଫେରିଛି । ଗତ ବୁଧବାର ରାତିରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲାବେଳେ ସୌରିନ୍‌କୁ ପାଇନଥିଲା । ଅନ୍ୟପକ୍ଷରେ ତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ସୌରିନ ଭଟ୍ଟ ଏବେ ଦିଲ୍ଲୀରେ । ତେବେ ସେମାନେ ପୀଡ଼ିତା ସୌରିନଙ୍କୁ ବ୍ଲାକମେଲ୍ କରୁଥିବାର ପାଲଟା ଅଭିଯୋଗ ଆଣିଛନ୍ତି । ସୂଚନାଥାଉକି ସୌରିନ୍ ଭଟ୍ଟକୁ ଧରିବା ପାଇଁ ଜଣେ ମହିଳା ଏସ୍‌ଆଇଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଏହି ଚଢ଼ଉରେ ସାମିଲ ହୋଇଥିଲେ । ଏହି ଚଢ଼ଉରେ କଲିକତା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବି ସହଯୋଗ କରିଥିଲେ ।

ରାଜ୍ୟ ଆହାର ସୋସାଇଟିକୁ ୨୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ପରିଚାଳନା ପାଇଁ ଗଠିତ ରାଜ୍ୟସ୍ତରୀୟ ଆହାର କମିଟିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୫-୧୬ରୁ ୨୦୨୧-୨୨ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହାର କାର୍ଯ୍ୟକ୍ରମ ପାଇଁ ୨୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ଏକ ଅତ୍ୟନ୍ତ ଲୋକପ୍ରିୟ କାର୍ଯ୍ୟକ୍ରମ । ସହର ମାନଙ୍କରେ ହସ୍‌ପିଟାଲ, ବସଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ଗହଳି ସ୍ଥାନରେ ଜରୁରୀ କାର୍ଯ୍ୟ ପାଇଁ ଯାଇଥିବା ଗରିବ ଲୋକମାନେ ଏହାଦ୍ୱାରା ମାତ୍ର ୫ ଟଙ୍କାରେ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଆହାର ପାଇପାରୁଛନ୍ତି ।

ଓସିଏଚ୍‌ସିଏଲ୍ ସଭାପତି ଓ ନିର୍ଦ୍ଦେଶକଙ୍କ ବିରୋଧରେ ଏତାଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କୋଅପରେଟିଭ୍ ହାଉସିଂ କର୍ପୋରେସନ୍ ଲିମିଟେଡ୍ (ଓସିଏଚ୍‌ସିଏଲ୍) ର ସଭାପତି ଏବଂ ନିର୍ଦ୍ଦେଶକଙ୍କ ବିରୋଧରେ ଖାରବେଳନଗର ଥାନାରେ ଏକ ଏତାଲା ଦାୟର ହୋଇଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ଓସିଏଚ୍‌ସିଏଲ୍‌ର ବୋର୍ଡ ବୈଠକ ଚାଲିଥିବାବେଳେ ଓସିଏଚ୍‌ସିଏଲ୍‌ର ଯୁଗ୍ମ ରେଜିଷ୍ଟାର କମ୍ ପରିଚାଳନା ନିର୍ଦ୍ଦେଶକ ଭକ୍ତବନ୍ଧୁ ସାହୁଙ୍କୁ ସଂସ୍ଥାର ସଭାପତି ବିଶ୍ୱରଞ୍ଜନ ମହାନ୍ତି ଏବଂ ନିର୍ଦ୍ଦେଶକ ନିରଞ୍ଜନ ପ୍ରଧାନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ନିର୍ଯାତନା ଦେଇଥିଲେ । ଏ ନେଇ ଶ୍ରୀ ସାହୁ ଏତଲା ଦାୟର କରିବା ପରେ କେସ୍ ନମ୍ବର ୨୯୯/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲୁରହିଛି ।

ରାଜ୍ୟ ଖବର

ମାଲକାନଗିର,(ଭାସ୍କର ନ୍ୟୁଜ୍): ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମାଲକାନଗିରି ମହାବିଦ୍ୟାଳୟ ଯୁବ ରେଡ୍ କ୍ରସର ସ୍ୱେଚ୍ଛା ସେବୀ ରାମ ଚନ୍ଦ୍ର ଚାଟୀ, ପିଙ୍କୁ ଖରା ଏବଂ ଜିଲ୍ଲା ଯୁବ ରେଡ୍ କ୍ରସର ଆବାହକ ତଥା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡଃ ରଞ୍ଜନ କୁମାର ସ୍ୱାଇଁ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଭୀଷଣ ରୌଦ୍ରତାପ ମଧ୍ୟରେ ଆୟୋଜିତ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଯୋଗଦେଇ ଭକ୍ତଙ୍କୁ ଜଳ ବିତରଣ, ଜଳ ସିଞ୍ଚନ, ବଡ଼ଦାଣ୍ଡ ସଫେଇ କାର୍ଯ୍ୟ ତଥା ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗେଇବା ଭଳି ମାନବ ଧର୍ମୀ କାର୍ଯ୍ୟ ସମ୍ପାଦନ କରିଥିଲେ । ଭାରତୀୟ ରେଡ୍ କ୍ରସ୍ ସମାଜ ଓଡ଼ିଶା ଶାଖାର ଅବୈତନିକ ସଚିବ ଡ଼ଃ ବିଭୂତି ଭୂଷଣ ପଟ୍ଟନାୟକ ଉପରୋକ୍ତ ସ୍ୱେଚ୍ଛା ସେବୀ ଏବଂ ଅବହକଙ୍କୁ ଏକ ସମ୍ମିଳନୀରେ ଉଚ୍ଚ ପ୍ରଶଂସା ସହିତ ମାନପତ୍ର ପ୍ରଦାନ କରିଥିଲେ । ପୁରୀରୁ ପ୍ରତ୍ୟାବର୍ତ୍ତନ ପରେ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅଧ୍ୟାପକ, ଅଧ୍ୟାପିକା ତଥା ଅଣଶିକ୍ଷକଙ୍କ ଉପସ୍ଥିତିରେ ସ୍ୱେଚ୍ଛା ସେବୀ ଓ ଆବାହକ ଡ଼ଃ ରଞ୍ଜନ କୁମାର ସ୍ୱାଇଁଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏବଂ ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା

ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ

କରଞ୍ଜିଆ,(ଭାସ୍କର ନ୍ୟୁଜ୍): ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରତ ଡାକ୍ତରଙ୍କୁ ଆକ୍ରମଣ ପରେ ଡାକ୍ତର ଥାନାରେ ଏତଲା ଦାଏର କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶଯେ, ୨୦ ତାରିଖ ରାତି ୮ ଟା ପରେ କଳେଇଯାଉ ଗ୍ରାମର ମଦନ ମୁର୍ମୁଙ୍କୁ ଜଟିଳ ଅବସ୍ଥାରେ ତାଙ୍କ ସମ୍ପର୍କୀୟ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀ ସେତେବେଳେ ଇନଡୋର ଡ୍ୟୁଟିରେ ଥିଲେ । ରୋଗୀ ଜଟିଳ ପରିସ୍ଥିତିରେ ଥିବାରୁ ସେ ଅନ୍ୟତ୍ର ବଡ଼ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ । ମାତ୍ର ସମ୍ପର୍କୀୟ ସେଠାରେ ଚିକିତ୍ସା କରିବାକୁ ଅନୁରୋଧ କରିବାରୁ ସମ୍ପର୍କୀୟ ରିସ୍କ ନେବାକୁ ରୋଗୀ କଲ୍ୟାଣ ସମିତି ଆଡ଼ମିସନ କାର୍ଡରେ ଦସ୍ତଖତ କରିବାକୁ କହିଥିଲେ । ସମ୍ପର୍କୀୟ ଦସ୍ତଖତ ମଧ୍ୟ କରିଥିଲେ । ମାତ୍ର ତାଙ୍କ ସହିତ ଆସିଥିବା ଜଣେ ଯୁବକ ସେତେବେଳକୁ ୩.୦୫ ସେକେଣ୍ଡ ଭିଡିଓ ରେକର୍ଡିଙ୍ଗ କରିଥିଲେ । ଭିଡିଓ କାହିଁକି ରେକର୍ଡିଙ୍ଗ କରୁଛ ବୋଲି ଡାକ୍ତର ପଚାରିବାରୁ ସେ ରେକର୍ଡିଙ୍ଗ କରିନଥିବା କହିଥିଲା । ସେଠାରେ ଥିବା ୧୦୮ ଫାର୍ମାସିଷ୍ଟ ଫୋନ ନେଇ ଚେକ କରିବା ସହିତ ଡିଲିଟ କରିଥିଲେ । ଡାକ୍ତର ବିରକ୍ତ ହୋଇ ସମ୍ପୃକ୍ତ ଯୁବକଙ୍କୁ ଚାଲିଯିବାକୁ କହିଥିଲେ । କାହିଁକି ରେକର୍ଡିଙ୍ଗ କରୁଥିଲ ପଚାରିବାରୁ ଡାକ୍ତର ମାଝୀ ରେକର୍ଡିଙ୍ଗ କରିବାକୁ କହିଥିଲେ ବୋଲି ଯୁବକ କହିଥିଲା । ଏଥିରେ ବିରକ୍ତ ପ୍ରକାଶ କରି ଡାକ୍ତର ରୋଗୀଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେବାକୁ ରେଫର କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ରୋଗୀଙ୍କ ସମ୍ପର୍କୀୟ ତଥା ଗ୍ରାମବାସୀ କିଛି ସମୟ ପରେ ପହଞ୍ଚି ଡାକ୍ତରଙ୍କୁ ବିଧା ଗୋଇଠା ମାରିବା ଆରମ୍ଭ କଲେ । ନରସିଂହ ମୁର୍ମୁ ଏବଂ ବନମାଳୀ ମୁର୍ମୁ ପ୍ରଥମେ ଆସି ଆକ୍ରମଣ କରିଥିବା ଡାକ୍ତର କହିଛନ୍ତି । ଡାକ୍ତର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତ୍ୱରିତ ପଦକ୍ଷେପ ନେଇ ପଚରା ଉଚୁରା ଜାରି ରଖିଛି । ଆକ୍ରମଣକରି ଅତ୍ୟନ୍ତକୁ - ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି । ତେବେ ଜଣେ ଲୋକପ୍ରିୟ ଏବଂ ଅତ୍ୟନ୍ତ ସେବାକାରୀ ଡାକ୍ତରଙ୍କୁ ଡାକ୍ତରଖାନା ଭିତରେ ଯୋଜନା ବଦ୍ଧ ଆକ୍ରମଣକୁ ସବୁ ସ୍ତରରେ ନିନ୍ଦା କରାଯାଇଛି ।

କର୍କଟ ରୋଗରେ ପରଲୋକ

ନିଶ୍ଚିନ୍ତକୋଇଲି,(ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ସ୍ୱର୍ଗତ ନନ୍ଦକିଶୋର ରାଉତଙ୍କର ଏକମାତ୍ର ପୁତ୍ର ରଞ୍ଜନ ରାଉତ(୩୮) ଙ୍କର ଗତକାଲି ରାତ୍ରରେ ଭୁବନେଶ୍ୱର ଏକ ଘରୋଇ ନର୍ସିଂହୋମରେ ଅକାଳ ବିୟୋଗ ଘଟିଛି । ଶ୍ରୀ ରାଉତ ଦୀର୍ଘ ଦିନ ହେଲା କର୍କଟରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଶ୍ରୀ ରାଉତ ବ୍ରହ୍ମପୁର ଠାରେ ଟାଟା ପାୱାର କର୍ମଚାରୀ ରୂପେ କାର୍ଯ୍ୟରତ ଥିଲେ । ଶ୍ରୀ ରାଉତ

Chhattisgarh

Unleashing Industrial Growth and Investment Opportunities

Industrial Growth in 4 Years

New Industrial Units	Total Investment	Jobs Created
3,007	₹37,031 crore	52,735

Agriculture and Food Processing Sector

New Units	Total Investment
486	₹931 crore

Ethanol Production

MOU	Total Investment
18	₹3,300 crore

CHHATTISGARH TAKES THE LEAD

- Leading state in 'Ease of Doing Business'
- Leading producer of coal, iron ore, dolomite and tin
- A power surplus state
- Consistent low average unemployment rate
- Access to high potential markets
- Low operating and capital cost
- Proactive administration ensuring law and order

INVESTOR FRIENDLY INDUSTRIAL POLICY 2019-24

- Special incentive package for investment in mega & ultra-mega projects of steel sector
- Bespoke policy and 85 services across industries through Single Window System
- Paradigm shift for incentivizing industrial growth in tribal areas
- Category based exemption on power tariff
- 30% reduction in premium of land allotment in industrial areas

Shri Bhupesh Baghel
Chief Minister, Chhattisgarh

Pro Active
Pro People

S - 37494/1

Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprvcg.gov.in

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟ କୁମାରବେଗପଲ୍ଲୀ ଗ୍ରାମ ହନୁମାନ ମନ୍ଦିର ଛକରେ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଭାତରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ଗ୍ରାମ ପୁଷ୍କରିଣୀରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ଆସିବା ପରେ ୧୦୮ ହନୁମାନ ଚାଳିଶା ପାଠ କରଯାଇଥିଲା । ଏହି ଅବସରରେ ଚାରି ପ୍ରହାର ନାମଯଜ୍ଞ ସହ ଘୃତ ଯଜ୍ଞ ଓ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ସିମାଞ୍ଚଳ ଦାସଙ୍କ ତତ୍ତ୍ୱାବଧାନରେ ପୁରୋହିତ ଫକୀର ମୋହନ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ଗ୍ରାମର କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମ ବାସୀଙ୍କ ସହଯୋଗରେ ଏହି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି । ଛତ୍ରପୁର ନିକଟ କୁମାରବେଗପଲ୍ଲୀ ଗ୍ରାମ ହନୁମାନ ମନ୍ଦିର ଛକରେ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଭାତରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ଗ୍ରାମ ପୁଷ୍କରିଣୀରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ଆସିବା ପରେ ୧୦୮ ହନୁମାନ ଚାଳିଶା ପାଠ କରଯାଇଥିଲା । ଏହି ଅବସରରେ ଚାରି ପ୍ରହାର ନାମଯଜ୍ଞ ସହ ଘୃତ ଯଜ୍ଞ ଓ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ସିମାଞ୍ଚଳ ଦାସଙ୍କ ତତ୍ତ୍ୱାବଧାନରେ ପୁରୋହିତ ଫକୀର ମୋହନ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ଗ୍ରାମର କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମ ବାସୀଙ୍କ ସହଯୋଗରେ ଏହି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି ।

ନାଟେଙ୍ଗା ରଘୁନାଥ ମନ୍ଦିର ଜମି ଜବରଦଖଲ ଅଭିଯୋଗ

ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବେଲଗୁଣ୍ଡା ବ୍ଲକ୍ ନାଟେଙ୍ଗା ଗ୍ରାମରେ ବିଜେ ରଘୁନାଥ ମନ୍ଦିରର ବହୁ ମୂଲ୍ୟବାନ ଜମି ଜବର ଦଖଲ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣୀ ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିକଟରେ ଗ୍ରାମବାସୀମାନେ ଅଭିଯୋଗପତ୍ର ଦାଖଲ କରି ଏହାର ଉପଯୁକ୍ତ ତଦନ୍ତ କରି ମନ୍ଦିର ଜମି ପୁର୍ନଉଦ୍ଧାର ପାଇଁ ଦାବି ଜଣାଇଥିଲେ । କିଛି ଲୋକ ଏହି ଜମିରେ ରାସ୍ତା ନିର୍ମାଣ କରି ବିକ୍ରୀ ପାଇଁ ଉଦ୍ୟମ କରୁଥିବା ବେଳେ ଏହାକୁ ଗ୍ରାମବାସୀମାନେ ବିରୋଧ କରିବାରୁ ସେମାନଙ୍କୁ ଧମକ ଚମକ ଦେଉଥିବା ନେଇ ସେମାନେ ଜିଲ୍ଲାପାଳଙ୍କୁ ସୂଚିତ କରିଛନ୍ତି । ତେଣୁ ଏହାର ଉପଯୁକ୍ତ ତଦନ୍ତ କରିବାକୁ ଜିଲ୍ଲାପାଳ ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ଦେବୋତ୍ତର ବିଭାଗ ଅଧୀନରେ ଭଞ୍ଜନଗର ବ୍ଲକ୍ ବାଉଁଶଲୁଣ୍ଡିରେ ନାଟେଙ୍ଗା ରଘୁନାଥ ମନ୍ଦିରର କିଛି ଜମି ରହିଥିବା ବେଳେ କିଛି ଅସାଧୁ ବ୍ୟକ୍ତି ବେଆଇନ ଭାବେ ଏହି ଜମିର କିସମ ପରିବର୍ତ୍ତନ କରାଇ ମନ୍ଦିର ଜମିରେ ରାସ୍ତା ନିର୍ମାଣ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଦେବୋତ୍ତର ବିଭାଗ ଅଧୀନରେ ପରିଚାଳିତ ହେଉଥିବା ମନ୍ଦିର ଗୁଡ଼ିକର ବହୁ ମୂଲ୍ୟବାନ ଜମି ରହିଥିବା ବେଳେ ସେଗୁଡ଼ିକୁ ଚିହ୍ନଟ କରିବା ଜରୁରୀ ହୋଇପଡ଼ିଛି । ଏଭଳି ଅନେକ ଜମି ଜବରଦଖଲରେ ରହିଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଏଦିଗରେ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି । ସେହିପରି ନାଟେଙ୍ଗା ରଘୁନାଥ ମନ୍ଦିର ନାମରେ ଗାମୁଣ୍ଡି, ବାଉଁଶଲୁଣ୍ଡି ଓ ବଡ଼କୋଦଣ୍ଡା ଭଳି ପ୍ରମୁଖ ସ୍ଥାନରେ ବହୁ ଜମି ରହିଥିବା ବେଳେ ସେଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ଅପରପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ନାଟେଙ୍ଗା ରଘୁନାଥ ମନ୍ଦିରର ଭଞ୍ଜନଗର ତହସିଲ ଅଧିନରେ ଥିବା ଜମି କେଉଁ କେଉଁ ସ୍ଥାନରେ ରହିଛି ଓ ଏହାର ବର୍ତ୍ତମାନର ସ୍ଥିତି କଣ ରହିଛି ତାକୁ ଅନୁଧ୍ୟାନ କରାଯିବ ବୋଲି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି । ଏହି ମନ୍ଦିରର ଜମି ଗାମୁଣ୍ଡି, ବାଉଁଶ ଲୁଣ୍ଡି ଓ ବଡକୋଦଣ୍ଡା ରାଜସ୍ୱ ସର୍କଲ୍ ଅଧୀନରେ ରହିଥିବା ଗ୍ରାମବାସୀ ଦର୍ଶାଇ ଥିବା ବେଳେ ଏବେ ବାଉଁଶ ଲୁଣ୍ଡିଠାରେ ଥିବା ଏହି ମନ୍ଦିର ଜମିରେ ଜୋର ଜବରଦସ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ କରାଯାଇଛି । ଏଣୁ ଏସଂପର୍କରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ତହସିଲଦାର ଜାନୀ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଆସିବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଘୁମୁସର ରାଜ୍ୟ ଶାସନ ସମୟରେ ତତ୍କାଳୀନ ଭଞ୍ଜ ରାଜାମାନେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବହୁ ମଠ ମନ୍ଦିର ଆଦି ନିର୍ମାଣ କରି ଏସବୁର ପରିଚାଳନା ପାଇଁ ଆବଶ୍ୟକୀୟ ଜମି ମନ୍ଦିର ନାମରେ ଖଞ୍ଜି ଦେଇଥିଲେ । ନାଟେଙ୍ଗାରେ ବିଜେ ଶ୍ରୀ ଶ୍ରୀ ରଘୁନାଥ ସ୍ୱାମୀଙ୍କ ମନ୍ଦିର ପାଇଁ ମଧ୍ୟ ତତ୍କାଳୀନ ଭଞ୍ଜ ରାଜା ବହୁ ଜମି ଦାନ କରିଥିଲେ । ଯାହାକି ଏବେ ଘୁମୁସର ଅଞ୍ଚଳର ବିଭିନ୍ନ ତହସିଲ ଅଧିନରେ ରହିଛି । ତେବେ ଦୀର୍ଘ ବର୍ଷ ପରେ ଏବେ ଏହି ମନ୍ଦିର ଜମି ପୁନରୁଦ୍ଧାର ପାଇଁ ଗ୍ରାମବାସୀମାନେ ଉଦ୍ୟମ ଆରମ୍ଭ କରିଥିବାରୁ ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦୁଃଖ କିଏ ବୁଝିବ ?

ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟିଲେ ଆମ୍ବୁଲାନ୍ସ କର୍ମଚାରୀ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ କମ୍ ଦରମା ପ୍ରଦାନ କରାଯାଉଛି । ସେମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ ଏଭଳି ୬ ଦଫା ଦାବିରେ ଆଜି ଗଞ୍ଜାମ ଜିଲ୍ଲାର ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଆଜି ଗଞ୍ଜାମ ଜିଲ୍ଲାରେ ନିୟୋଜିତ ଥିବା ସମସ୍ତ ୧୦୮ ଆମ୍ବୁଲାନ୍ସର ଚାଳକ, ଆପତ୍କାଳୀନ ଭେଷଜ ବୈଷୟିକ ସହାୟକ, ପାଇଲଟ ଓ ସହାୟକମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟିଥିଲେ । ୨୦୧୩ ମସିହାରୁ ଏହି କାର୍ଯ୍ୟରେ ମାସିକ ୧୦ ହଜାର ଓ ତାଠାରୁ କମ୍ ଦରମାରେ କାମ କରୁଛନ୍ତି । ଅନ୍ୟ ରାଜ୍ୟଗୁଡ଼ିକରେ ଆମ୍ବୁଲନ୍ସର ନିୟୋଜିତ କର୍ମଚାରୀଙ୍କୁ ଓଡ଼ିଶାରେ ଦିଆଯାଉଥିବା ବେତନଠାରୁ ଢେର ଅଧିକ ଦରମା ମିଳୁଛି । ରାଜ୍ୟରେ ସେମାନଙ୍କୁ ୮ ଘଣ୍ଟା ପରିଶ୍ରମ ନିଶ୍ଚିତ କରିବା ସହ ଇଏମ୍ଟିଙ୍କୁ ୩୦ ହଜାର, ପାଇଲଟଙ୍କୁ ୨୫ ହଜାର, ସହାୟକଙ୍କୁ ୨୦ ହଜାର ଓ ଆଡ୍ଭାନ୍ସ ଲାଇଫ୍ ସପୋର୍ଟ ଇଏମ୍ଟିଙ୍କୁ ୩୫ ହଜାର ଟଙ୍କା ଦରମା ପ୍ରଦାନ କରାଉଛି । ବାର୍ଷିକ ଦରମା ବୃଦ୍ଧି କରାଯିବା ସହ ସେମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆଇନଗତ ବ୍ୟବସ୍ଥା କରାଯାଉ । ଏହା ସହ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁରେ ଅନୁକମ୍ପାମୂଳକ ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ସେମାନେ ଅନୁରୋଧ କରିଛନ୍ତି । ସଂଘର ସଭାପତି ନିଳାଞ୍ଚଳ ପଣ୍ଡା, ସମ୍ପାଦକ ସିଦ୍ଧାର୍ଥ ଶେଖର ପଣ୍ଡା, ସୁନୀଲ ବେହେରା, ପ୍ରଭାକର ନାୟକ, ରାଜା ପାତ୍ର, ପ୍ରଦୀପ ପଣ୍ଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

ଘୋଷଯାତ୍ରା

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତ କୋଟକଣା ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିରରେ ବିଶ୍ୱନିୟନ୍ତାଙ୍କ ଘୋଷଯାତ୍ରା ମହାଆଡ଼ମ୍ବରରେ ଶେଷ ହୋଇଛି । ପ୍ରଭୁଙ୍କ ଦିନ ତମାମର ସମସ୍ତ ନିତୀକାନ୍ତି ସମାପନ ହେବା ପରେ ପହଣ୍ଡି କରାଯାଇ ପ୍ରଭୁଙ୍କୁ ରଥାରୂଢ଼ କରାଯାଇଥିଲା । ବାଜା, ବାଣ, ଶଙ୍ଖ ହୁଳହୁଳି ଧ୍ୱନୀରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା । ଶହଶହ ସଂଖ୍ୟାରେ ଭକ୍ତ ରଥକୁ ଟାଣି ଟାଣି ଗ୍ରାମରେ ଥିବା ମାଉସୀ ମା' ମନ୍ଦିରକୁ ଆଣିଥିଲେ । ପ୍ରଭୁଙ୍କ ଛେରାପହଁରା ବିଜୟ କୁମାର ବିଶ୍ୱାଳ କରିଥିବା ବେଳେ ଆଙ୍କାମାଳ ନେଇ ଆସିଥିଲେ କୁନି ପୃଷ୍ଟି । ଏହି କାର୍ଯ୍ୟକ୍ରମରେ ଜଗବନ୍ଧୁ ବିଶ୍ୱାଳ, ପ୍ରଶାନ୍ତ ସ୍ୱାଇଁ, ମାନସ ସାହୁ, ପ୍ରଶାନ୍ତ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବିଶ୍ୱାଳ, ଜିତୁ ବିଶ୍ୱାଳ, ପ୍ରତାପ ସ୍ୱାଇଁ, ଅଜିତ ସ୍ୱାଇଁ, ମିଳନ ବିଶ୍ୱାଳ, ଅମର ପୃଷ୍ଟି, ଅଶୋକ ବିଶ୍ୱାଳ, ଦୀପୁ ସ୍ୱାଇଁ, ମୁନା ରାଉତ ଏବଂ ପୂଜକ ଭାବେ ଚଗଲା ନନା ସହଯୋଗ କରିଥିଲେ ।

ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ଓ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ତଥା ଯୁବ ରେଡକ୍ରସ୍ ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ବୀରେନ୍ କୁମାର ଶତପଥୀ ଓ ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀମାନେ ଏହି ଯୋଗ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ, ଯଶୋବନ୍ତ ଗରଡ଼ା ଏବଂ ଯୁକ୍ତ ତିନି ଯୁବ ରେଡ଼କ୍ରସ ଅଧିକାରୀଣୀ ସନ୍ତୋଷିନୀ ଦାଶ ପରିଚାଳନା କରିଥିଲେ । ଏହି ଅବସରରେ ମୋ କଲେଜ ଅଭିଯାନ ଅଧିକାରୀ ସୁଶ୍ରୀ ତିଲୋତ୍ତମା ପଟ୍ଟନାୟକ ତଥା ଅଧ୍ୟାପିକା ମଧୁସ୍ମିତା ବିଶ୍ୱାଳ, ହେଲେନ ପ୍ରିୟଦର୍ଶିନୀ ସିଂ, ମଉତସି ପ୍ରଧାନ, ମହିମା ରାଣୀ ରାଜୁ, ଜୟଶ୍ରୀ ପଟ୍ଟନାୟକ ଓ ଅଧ୍ୟାପକ ତାରେଣୀ ପ୍ରସାଦ ଶତପଥୀ, ଶୀତଳ ପ୍ରସାଦ ଦାସ, କାହ୍ନୁ ଚରଣ ବିଶୋୟୀ, ଟଙ୍କଧର ନାଏକ, ଲକ୍ଷ୍ମୀକାନ୍ତ ଟାକ୍ରୀ ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟ କୁମାରବେଗପଲ୍ଲୀ ଗ୍ରାମ ହନୁମାନ ମନ୍ଦିର ଛକରେ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଭାତରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ଗ୍ରାମ ପୁଷ୍କରିଣୀରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ଆସିବା ପରେ ୧୦୮ ହନୁମାନ ଚାଳିଶା ପାଠ କରଯାଇଥିଲା । ଏହି ଅବସରରେ ଚାରି ପ୍ରହାର ନାମଯଜ୍ଞ ସହ ଘୃତ ଯଜ୍ଞ ଓ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ସିମାଞ୍ଚଳ ଦାସଙ୍କ ତତ୍ତ୍ୱାବଧାନରେ ପୁରୋହିତ ଫକୀର ମୋହନ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ଗ୍ରାମର କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମ ବାସୀଙ୍କ ସହଯୋଗରେ ଏହି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି ।

ଚିକିଟିରେ ଯୋଗ ଦିବସ ପାଳିତ

ଚିକିଟୀ, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟୀ ପୌରପରିଷଦରେ ଥିବା ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ଆନ୍ତର୍ଜାତୀୟ ଯୋଗଦିବସ ଅବସରେରେ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ଶତାଧିକ ଶତାଧିକ ମହିଳା ପୁରୁଷ ମିଶି ଯୋଗ କରିଥିବା ଦେଖିବାକୁ ମିଳିଥିଲା । ପ୍ରଥମେ ଉଦ୍‌ଘାଟିନୀ ସମୟରେ ଚିକଟୀର ଚର୍ଚ୍ଚିତ ଚେହେରା ତଥା ସହରାଞ୍ଚଳ ବିକାଶ ମନ୍ତ୍ରୀଙ୍କ ସୁପୁତ୍ର ଶ୍ରୀରୂପ ଦେଓ ଯୋଗ ଦେଇଥିବା ବେଳେ, ଚିକିଟୀ ପୌରପରିଷଦର ଅଧ୍ୟକ୍ଷ ଦୀପାକୁମାରୀ ସାହୁ, ଧର୍ମା ସାହୁଙ୍କ ସହ ବିଜେଡି ସଙ୍ଗଠକ ସୁରେନ୍ଦ୍ର ମଣ୍ଡଳ ଯୋଗ ଦାନ କରିଥିଲେ । ଯୋଗ ଗୁରୁ ଅଜିତ ଭାଇ ଯୋଗ ଶିବିର ପରିଚାଳନା କରିଥିଲେ । ଯୋଗ ଦ୍ୱାରା ମଣିଷର ସମସ୍ତ ଜଟିଳ ରୋଗ ଆରୋଗ୍ୟ ହୋଇ ପାରିବ ବୋଲି ପ୍ରକାଶ କରିବା ସହ ପ୍ରତ୍ୟେକ ମଣିଷ ୨୪ଘଣ୍ଟାରେ ମାତ୍ର ଏକ ଘଣ୍ଟା ଯୋଗ ଆସନ, ପ୍ରାଣାୟମ, ଆଲୁମ ବିଲୋମ କରିବା ଦରକାର ବୋଲି ଉପସ୍ଥିତ ଯୋଗାଭ୍ୟାସ ବ୍ୟକ୍ତିଙ୍କ ଉଦ୍ୟମରେ କହିଥିଲେ । ଏହି ଶିବିରକୁ ପରିଚାଳନ କରିବା ସକାଶେ ଧର୍ମା ରାଓ, ହରିଶଚନ୍ଦ୍ର ପ୍ରଧାନ ସୁନନ୍ଦା ଆର୍ଯ୍ୟ, ଦେବପ୍ରିୟା ଆର୍ଯ୍ୟ, ଭଗବାନ ଭାଇ, ସନ୍ତୋଷ କୁମାର ସାହୁଙ୍କ ସହ ପରିଚାଳନା ସମାଜର ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦାନ କରି ଯୋଗ ଶିବିରକୁ ସଫଳ କରିଥିବା ଦେଖିବାକୁ ମିଳିଛି ।

ତ୍ରିଲୋଚନପୁର ରଜ ମହୋତ୍ସବ ଉଦ୍‌ଯାପିତ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ତ୍ରିଲୋଚନପୁର ଠାରେ ପ୍ରଥମ ବର୍ଷ ପାଞ୍ଚ ଦିନିଆ ରଜ ମହୋତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏରସମା ବ୍ଲକ ବିଜେଡି ସଭାପତି ତଥା ୩ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପିତବାସ ଗୋଛାୟତ, ମୁଖ୍ୟ ବକ୍ତା ଭାବେ ଢ଼ିଙ୍କିଆ ଗ୍ରାମ ପଞ୍ଚାୟତର ସରପଞ୍ଚ କିଶୋର କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ଯୁବ ସଂଗଠକ ତଥା ସମାଜସେବୀ ତନ୍ମୟ ସ୍ୱାଇଁ, ଡ. ତାମିଲ୍ ପ୍ରଧାନ ପ୍ରମୁଖ ଯୋଗଦେଇ ସମସ୍ତେ ଏକାଠି ହୋଇ ଭାଇଚାରା ଓ ହଜିଯାଉଥିବା ସଂସ୍କୃତିକୁ ବଜାୟରଖି ରଜ ମହୋତ୍ସବ ପାଳନ କରିଥିବାରୁ ସମସ୍ତ ସଦସ୍ୟମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଥିଲେ । ଏହି ରଜ ମହୋତ୍ସବକୁ କଳାକାର ମାମୁନି ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମା କେନ୍ଦୁଲାଇ ରଜ ମହୋତ୍ସବର ସମସ୍ତ କମିଟି ମେମ୍ବର, ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା

ଥାନାରେ ଆତ୍ମସମର୍ପଣ କଲା ହତ୍ୟାକାରୀ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ଡଲେଇସରା ପଞ୍ଚାୟତର ବାକିଂ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଯୁବକ ଗ୍ରାମର ଜଣେ ବୃଦ୍ଧ କୁ ଟାଙ୍ଗିଆରେ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଯୁବକ ଜଣକ ମହୁଲପଦା ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି । ଗୁଣିଗାରେଡ଼ିକୁ ସନ୍ଦେହ କରି ବାଙ୍କି ଗ୍ରାମର ଗୁରୁଚରଣ ମୁଣ୍ଡା (୨୫) ସେହି ଗ୍ରାମର ସାରଙ୍ଗ ମୁଣ୍ଡା (୭୦)କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଘଟଣା ଅଞ୍ଚଳ ରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୂଚନା ଯୋଗ୍ୟ ଯେ, ଉକ୍ତ ଗ୍ରାମର ଗୁରୁଚରଣ ମୁଣ୍ଡା କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବା ବେଳେ ଗୁରୁଚରଣ ମୁଣ୍ଡା ରାଗି ଯାଇ ଏକ ଟାଙ୍ଗିଆରେ ସାରଙ୍ଗ ମୁଣ୍ଡାର ବେକରେ ଚୋଟ ମାରିଥିବାରୁ ଘଟଣା ସ୍ଥଳରେ ସାରଙ୍ଗ ଟଳି ପଡ଼ିଥିଲେ । ପରେ ହତ୍ୟାକାରୀ ମହୁଲପଦା ଥାନାରେ ନିଜେ ଯାଇ ଆତ୍ମ ସମର୍ପଣ କରିଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ମହୁଲପଦା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ଏବଂ ହତ୍ୟାକାରୀକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ଜବତ କରିଛି । ଏବଂ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ପ୍ରତିବାଦ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ଆମ୍ଭ ଦାବିକୁ ପୂରଣ କରି ନଥିବାରୁ ଏବଂ ସରକାରଙ୍କ ନିକଟରେ ହି

ମାଲକାନଗିରି,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶୁଭଶ୍ରୀ ସସ୍ମିତା ରଣସିନହାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ଯୋଗ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିବାବେଳେ ଡ. ନେଶ ଶବର ପ୍ରଶିକ୍ଷଣ କାର୍ଯ୍ୟ ତୁଲାଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ଯୋଗାସନ ପ୍ରଦର୍ଶନର ପ୍ରତିଯୋଗିତା କରାଯାଇଥିଲା । ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ସଙ୍ଗୀତା ହୋତା, ନିଖିତା ସିଂ, ନରେନ୍ଦ୍ର ସୋଡ଼ି, ରାଜେଶ ଜେନା ଓ ଦୀପକ ପାତ୍ର ଯୋଗଦାନ କରିବା ସହିତ ଛାତ୍ରଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସମୀର କୁମାର ଡାକୁଆ ଆୟୋଜନରେ ସହାୟତା କରିଥିଲେ ।

ଚାଉଳ ହଡପ ଘଟଣା

କଂଗ୍ରେସର ବ୍ଲକ୍ ଘେରଉ ଚେତାବନୀ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଚାଉଳ ଦୁର୍ନୀତି ଥମିବାର ନାଁ ନେଉନାହିଁ । ଦିନକୁ ଦିନ ଚାଉଳ ଦୁର୍ନୀତି ବଢ଼ିବାରେ ଚାଲିଛି । ବିଗତ ଦିନରେ ଅମଳା ଭଟା ପଞ୍ଚାୟତର ୧୫୦୪ ଜଣ ହିତାଧିକାରୀଙ୍କ ୮୬୩ କ୍ୱିଣ୍ଟାଲ ଚାଉଳ ହଡପ ହୋଇ ଥିଲା । ବର୍ତ୍ତମାନ ପୁଣି ତେନ୍ତୁଳି ଖୁଣ୍ଟି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଗୁଡିକରେ ହିତାଧିକାରୀ ଚାଉଳ ହଡପ ହେବା ଘଟଣା ଓ ସାମ୍ନାକୁ ଆସିଛି । ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ମାସକର ଚାଉଳ ଦିଆଯାଇନଥିବା ଘଟଣାକୁ ନେଇ ତେନ୍ତୁଳି ଖୁଣ୍ଟି ବ୍ଲକ୍ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକଶା କରିଛି । ତୁରନ୍ତ ସମସ୍ତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ନେଇ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲଙ୍କ ନେତୃତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କୁ କଂଗ୍ରେସ ଦଳ ସାକ୍ଷାତ କରିଥିଲେ । ବ୍ଲକରେ ପଞ୍ଚାୟତ ଗୁଡିକରେ ହେଉଥିବା ଚାଉଳ ଦୁର୍ନୀତିରେ ଉପଯୁକ୍ତ ତଦନ୍ତ କରି ଦୁର୍ନୀତିକୁ ରୋକ ଲଗାଇ ସମସ୍ତ ହିତାଧିକାରୀଙ୍କୁ ତୁରନ୍ତ ଚାଉଳ ଦେବାକୁ ଦାବି କରିଥିଲେ । ପୂଜାରୀଗୁଡ଼ । ପଞ୍ଚାୟତରେ ହିତାଧିକାରୀଙ୍କୁ ତିନି ମାସ ପରିବର୍ତ୍ତେ ଦୁଇ ମାସର ଚାଉଳ ଦିଆଯାଇଥିବା କଂଗ୍ରେସ ଅଭିଯୋଗ କରିଛି । ସେହିପରି ବ୍ଲକର ଅନ୍ୟ କିଛି ପଞ୍ଚାୟତରେ ମଧ୍ୟ ହିତାଧିକାରୀ ମାନଙ୍କୁ ଠିକ୍ ରୂପେ ଚାଉଳ ପ୍ରଦାନ କରାଯାଇନାହିଁ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ତିନି ମାସରେ ଥରେ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଥିବା ବେଳେ ଦୁଇ ମାସର ଚାଉଳ ଦିଆଯାଉଛି । ଆଉ ଗୋଟିଏ ମାସର ଚାଉଳ କୁଆଡ଼େ ଯାଉଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଏହି ଦୁର୍ନୀତିରେ ସାମିଲ ଥିବା ସମସ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି କଂଗ୍ରେସ । ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବ୍ଲକ ଘେରାଉ କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ବିଡିଓଙ୍କୁ ସାକ୍ଷାତ ସମୟରେ ଜିଲ୍ଲା କଂଗ୍ରେସ ଆଦିବାସୀ ସଭାପତି ଦିଲ୍ଲୀପ ପ୍ରଧାନୀ, ବରିଷ୍ଠ କଂଗ୍ରେସ ନେତା କିଶୋର ଚନ୍ଦ୍ର ସିଂହ, ବସନ୍ତ ପାଣିଗ୍ରାହୀ, ଭୀମସେନପାଣିଗ୍ରାହୀ, ଦୁର୍ଲଭ କନ୍ଧ ଗୌଡ ସହ କଂଗେସ କର୍ମୀମାନେ ଉପସ୍ଥିତ ଥିଲେ ।

କଂଗ୍ରେସ ପ୍ରଚାରକମିଟି ଅଧ୍ୟକ୍ଷଙ୍କ କାଶୀନଗର ବ୍ଲକ ଗସ୍ତ

କାଶିନଗର,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ଗତ କିଛିଦିନ ହେଲା ରାଜନୈତିକ ଉଷ୍ଣତା ବୃଦ୍ଧି ପାଇବାରେ ଲାଗିଛି । ସରକାରଙ୍କ ପକ୍ଷରୁ ୫ଟି ସଚିବ ଭି କେ ପାଣ୍ଡିଆନ ଗଜପତି ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ଘୋଷଣା କରିଥିଲେ । ଏହାପରେ ଗତ ସୋମବାର ଦିନ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟସଚିବ ବିଜୟ ପଟ୍ଟନାୟକ ଗଜପତି ଜିଲ୍ଲା ଗସ୍ତ ଅବସରରେ କାଶିନଗର ବ୍ଲକ ପକ୍ଷରୁ କାଶିନଗର କଲ୍ୟାଣମଣ୍ଡପ ଠାରେ ଆୟୋଜିତ କର୍ମି ସମ୍ମିଳନିରେ ଯୋଗ ଦେଇଥିଲେ । ଏଥିରେ ସେ କେନ୍ଦ୍ରର ବିଜେପି ନେତୃତ୍ୱାଧିନ ଏନଡିଏ ସରକାରଙ୍କ ଜନବିରୋଧି ନିତିକୁ ନେଇ ବର୍ଷିଥିଲେ । ରାହୁଲ ଗାନ୍ଧିଙ୍କ ଭାରତ ଯୋଡ ଯାତ୍ରା ପରେ ରାହୁଲ ଗାନ୍ଧିଙ୍କ ଜନପ୍ରିୟତା ବୃଦ୍ଧିସହ ଦେଶରେ ପୁଣି କଂଗ୍ରେସ ଲହର ଫେରିବାରେ ଲାଗିଛି । ସେ ତାଙ୍କର ପ୍ରଶାସନିକ କ୍ଷେତ୍ରରେ ୩୫ବର୍ଷ ଅନୁଭୁତି ମଧ୍ୟରେ କଂଗ୍ରେସ ଓ ବିଜେଡି ସରକାରରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟକରିଥିବା ବେଳେ କଂଗ୍ରେସର ନିତି ଓ ଆଦର୍ଶ ତାଙ୍କୁ ଅନୁପ୍ରାଣିତତ କରିଥିବାରୁ ସେ କଂଗ୍ରେସରେ ଯୋଗଦେଇଥିବା କହିଥିଲେ । ଏଥିସହ ରାଜ୍ୟରେ ବିଜେଡି ସରକାରଙ୍କ ଅମଳରେ ଦୁର୍ନୀତି, ନାରୀ ନିର୍ଯ୍ୟାତନା ବଢିଚାଲିଥିବା ବେଳେ ଗଣତାନ୍ତ୍ରୀକ ପ୍ରକ୍ରିୟା ଭୁଷୁଡି ପଡିଥିବା କହିଥିଲେ । ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଜନପ୍ରତିନିଧି ଓ ମନ୍ତ୍ରୀଙ୍କ ଗୁରୁତ୍ୱକୁ ଗୌଣ କରାଯାଇ ଅମଲାତାନ୍ତ୍ରୀକ ଶାସନ ଚାଲିଛି । ଯେଉଁଠାରେ ଏମଏଲଏ ଓ ମନ୍ତ୍ରୀ ଲୋକଙ୍କ ସମସ୍ୟାକୁ ଆଧାର କରି ଯୋଜନା ଘୋଷଣା କରିବା କଥା ସେଠାରେ ଜଣେ ସଚିବ ବିଭିନ୍ନ ଅଞ୍ଚଳ ବୁଲି ଯୋଜନା ଘୋଷଣା କରିବା କେତେ ଦୂର ଯଥାର୍ଥ ବୋଲି ପ୍ରଶ୍ନ କରିଥିଲେ । ତେବେ ଆଗାମି ୨୦୨୪ରେ ପୁଣି ରାଜ୍ୟରେ କଂଗ୍ରେସ କ୍ଷମତାକୁ ଫେରିବ ବୋଲି କହିବା ସହ କର୍ମୀଙ୍କୁ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଗଜପତି ଜିଲ୍ଲା କଂଗ୍ରେସର ଦୁର୍ଗ ହୋଇଥିବାରୁ ପୁଣି କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ଫେରିଥିବା ସେ ତାଙ୍କ ବିଭିନ୍ନ ବ୍ଲକ ଗସ୍ତବେଳେ ଲୋକ ଓ କର୍ମୀଙ୍କ ଉତ୍ସାହରୁ ଦେଖିବାକୁ ପାଇଥିଲେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ କାଶୀନଗର ବ୍ଲକ କଂଗ୍ରେସ ସଭାପତି ତଥା ସିଆଳି ସରପଞ୍ଚ ରାମକୃଷ୍ଣନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ସେହିପରି ଜିଲ୍ଲା କଂଗ୍ରେସ ଓବିସି ସେଲର ସଂଯୋଜକ ରାମଚନ୍ଦ୍ର ଦଳେଇ ୟୁପିଏ ସରକାର ସମୟରେ ହୋଇଥିବା ଗରିବ ଜନକଲ୍ୟାଣ ଯୋଜନା ଗୁଡିକୁ ନେଇ ଲୋକଙ୍କୁ ସଚେତନ କରିବା ସହ ଦୁର୍ନୀତି ଗ୍ରସ୍ତ ବିଜେଡି ସରକାରଙ୍କ ବିରୋଧରେ ତୃଣମୂଳସ୍ତରରେ ଜନମତ ସୃଷ୍ଟି କରିବା ପାଇଁ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଶିନଗର ନଗର କଂଗ୍ରେସ ସଭାପତି ତେଜେଶ୍ୱର ରାଓ,ଏମ ରାଜୁସୁବାସ ପାତ୍ର, ଶଶିକାନ୍ତି ଗୌଡ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସଭା ଗୃହରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଯୋଗ ଦିବସ ଉପଲକ୍ଷେ ପ୍ରଥମେ ଯୋଗ କରାଯାଇ ବିଭିନ୍ନ ଶିକ୍ଷାନୁଷ୍ଠାନର ମାଟ୍ରିକ ଓ ଯୁକ୍ତ ୨ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା । ଏହି କାର୍ଯ୍ୟ କ୍ରମରେ ତେନ୍ତୁଳି ଖୁଣ୍ଟି ବ୍ଲକ୍‌ର ଶିକ୍ଷକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ତେନ୍ତୁଳି ଖୁଣ୍ଟି ବାପୁଜୀ ହାଇସ୍କୁଲ ର କ୍ରୀଡା ଶିକ୍ଷକ ମନୋଜ ପୂଜାରୀ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ,କୃତି ଛାତ୍ର ଛାତ୍ରୀ ଓ ଉପସ୍ଥିତ ଥିବା ସମସ୍ତ ଙ୍କୁ ଯୋଗ ଶିକ୍ଷା ଦେଇ ଥିଲେ ।ଏହି ଯୋଗ ଦିବସ ଅବସରରେ ବ୍ଲକର କଳାକାର ସଙ୍ଘ ତରଫରୁ କଳାକାର ଦିବସ ପାଳନ କରାଯାଇଥିଲା । କଳାକାର ସଙ୍ଘ ତରଫରୁ ବାଲ୍ୟ ବିବାହ ଉପରେ ଏକ ନାଟକ ପରିବେଷଣ କରି ଥିଲେ । ଶେଷରେ ବ୍ଲକ ର ଯୁକ୍ତ ୨ ସି ଏଚ ଏସ ଇ ତଥା ସି ବି ଏସ ଇରେ ଭଲ ନମ୍ବର ରଖିଥିବା ବିଦ୍ୟାର୍ଥୀ ଯଥା ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର କଳାରେ ଅମିଶା କର୍କରା ଓ ବିଜ୍ଞାନରେ ଯସ୍ମୀନା ସୁନା ସମ୍ବର୍ଦ୍ଧିତ ହୋଇଥିଲେ । ସି ବି ଏସ ଇ ମାଟ୍ରିକରେ ଜବହର ନବୋଦୟ ବିଦ୍ୟାଳୟର ମାଟ୍ରିକ ଟପର ସୁହାନା ବେହେରା ଓ ଆଦର୍ଶ ବିଦ୍ୟାଳୟର ଅନ୍ୱେଷ । ସ୍ୱାଇଁକୁ ସମ୍ବର୍ଦ୍ଧନା କରାଯାଇଥିଲା । ଓଡିଶା ବୋର୍ଡର ମାଟ୍ରିକରେ ଭଲ ନମ୍ବର ରଖିଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଭିନବ କୁମାର ଶୁଭସ୍ମିତା ନାୟକ ଓ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିରର ଶାଶ୍ୱତ ନାୟକ ସମ୍ବର୍ଦ୍ଧିତ ହୋଇଥିଲେ ।। ଏହି ଭଳି ବ୍ଲକ ର ବିଭିନ୍ନ ବିଦ୍ୟାଳୟର ୧୧ ଜଣ ବାଳକ ଓ ୧୬ ଜଣ ବାଳିକାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ ପରିଚାଳନା କରିବା ସହ ବିଦ୍ୟାର୍ଥୀଙ୍କ ଉତ୍ତମ ଭବିଷ୍ୟତ କାମନା କରିଥିଲେ । ଲକ୍ଷ୍ୟ ହାସଲ ପାଇଁ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛା ଶକ୍ତି ହିଁ ପାଥେୟ ବୋଲି ଉଲ୍ଲେଖ କରିଥିଲେ । ଅଧ୍ୟକ୍ଷା ନିଲେନ୍ଦ୍ରି ନାୟକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଖାତିଗୁଡା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷା ସ୍ୱର୍ଣଲତା ମହାକୁଡ଼, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଗାହାଣ, ମଞ୍ଚାସୀନ ରହି କୃତି ଛାତ୍ର ଛାତ୍ରୀ ଓ ତେନ୍ତୁଳି ଖୁଣ୍ଟି ନାଟ୍ୟ କଳା ସଂଘକୁ ସମ୍ବର୍ଦ୍ଧନା କରି ଥିଲେ । ଏହି କାର୍ଯ୍ୟ କ୍ରମରେ ବ୍ଲକର ସମସ୍ତ କର୍ମଚାରୀ,ସରପଞ୍ଚ, ପୂର୍ବତନ ସରପଞ୍ଚ, ଉପସ୍ଥିତ ରହିଥିଲେ ।

‘ନିଜ ସୃଷ୍ଟି -ନିଜ ଦୃଷ୍ଟି’ଶୀର୍ଷକ ସାହିତ୍ୟ ସମାରୋହ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, ଝାରସୁଗୁଡ଼ା ଶାଖା ଆନୁକୂଲ୍ୟରେ ‘ନିଜ ସୃଷ୍ଟି -ନିଜ ଦୃଷ୍ଟି’ ଶୀର୍ଷକ ସାହିତ୍ୟ ସମାରୋହର ତୃତୀୟ ପର୍ବ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ସମ୍ପାଦିକା ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ପ୍ର.ଲଳିତ ମୋହନ ଦାଶ ସଭପତିତ୍ୱ କରିଥିଲେ । ସଭାର ଆଭିମୁଖ୍ୟ ଜ୍ଞାପନ କରି ଶ୍ରୀମତୀ ମିଶ୍ର କହିଲେ ଯେ ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ରଷ୍ଟା ସାହିତ୍ୟିକଙ୍କୁ ଭେଟି ତାଙ୍କ ଲେଖକଙ୍କ ଜୀବନ ଓ କାବ୍ୟ ସର୍ଜନାର ଆଦିଭୂମିକୁ ସହଜରେ ଛୁଇଁ ହେବ । ସ୍ରଷ୍ଟାଙ୍କ ମୁହଁରୁ ତାଙ୍କ ସୃଷ୍ଟିର ରହସ୍ୟକୁ ପ୍ରାଞ୍ଜଳ ଭାବେ ବୁଝି ହେବ । ଏହି ଅଭିନବ ଉଦ୍ୟମକୁ ଉପସ୍ଥିତ ସମସ୍ତ ସୁଧୀ ସାରସ୍ୱତବୃନ୍ଦ ସ୍ୱାଗତ କରିବା ସହ ଏ ଧାରାକୁ ଆଗକୁ ନେଇ ସର୍ଜନଶୀଳ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ସଭାପତି ଶ୍ରୀଯୁକ୍ତ ଦାଶ ଏହା ସମାଲୋଚନା ସାହିତ୍ୟକୁ ଋଦ୍ଧିମନ୍ତ କରିବ ବୋଲି ମତ ଦେଇ ଅମାବାସ୍ୟାର ଜ୍ୟୋତ୍ସ୍ନା ଉପନ୍ୟାସର ସୁନ୍ଦର ଆଲୋଚନା କରିଥିଲେ । ସଭାର ମୁଖ୍ୟ ଆକର୍ଷଣ ବିଶିଷ୍ଟ ଲେଖିକା ପ୍ରଣତି ପଟ୍ଟନାୟକ ତାଙ୍କ ସୃଜନ ସମ୍ଭାରର ସୂଚନା ଦେବା ସହିତ ‘ଅମାବାସ୍ୟାର ଜ୍ୟୋତ୍ସ୍ନା’ଉପନ୍ୟାସ ଏବଂ ପ୍ରବନ୍ଧ, ଗଳ୍ପ ଓ ମିନି ଉପନ୍ୟାସ ସମ୍ବଳିତ ‘ତ୍ରିଧାରା’ପୁସ୍ତକ ଉପରେ ନିଜସ୍ୱ ଆଲୋଚନା ରଖିଥିଲେ । ଉକ୍ତ ସଭାରେ ପ୍ରେମ ସାଗର ଦେହେରିଆ, ଅଞ୍ଜଳି ପଟ୍ଟନାୟକ, ମାଧବୀ ପଟେଲ, ରାଧା ମୋହନ ପାଣ୍ଡେ ପ୍ରମୁଖ ପ୍ରଣତିଙ୍କ ସୃଜନ ସମଗ୍ର ଉପରେ ମତ ରଖିଥିଲେ । ଉକ୍ତ ସଭାରେ ପରିଷଦର ରାଜ୍ୟ ସଂଯୋଜକ ନାରାୟଣ ନାୟକ, ସଂଯୁକ୍ତା ପରିଚ୍ଛା, ରାମକୃଷ୍ଣ ତ୍ରିପାଠୀ, ପଙ୍କଜ ନଳିନୀ ପଟ୍ଟନାୟକ, ସୁଜାତା ପାଣିଗ୍ରାହୀ, ଡଃ ସ୍ୱର୍ଣ୍ଣମୟୀ ପୁରୋହିତ, ମନ୍ଦାକିନୀ ଶତପଥି, ରାଜଶ୍ରୀ ମେହେର, କୈବଲ୍ୟ ମିଶ୍ର, ଦିବ୍ୟଜ୍ୟୋତି ପଟ୍ଟନାୟକ, ଜ୍ୟୋତ୍ସ୍ନା ମୟୀ ନାଥ, ଅମ୍ବିକା ପ୍ରସାଦ ଦାଶ , ସୁରେଶ ପ୍ରଧାନ, ଉମା ରାଣୀ ପାଢ଼ୀ, ସୁବୋଧ ଚନ୍ଦ୍ରନାୟକ, ଉଦିତ ନାଏକ, ଦୀନବନ୍ଧୁ ପୋଇ, ସମ୍ପଦ ନାୟକ, ଗୁଣନିଧି ନାଏକଙ୍କ ସମେତ ଭୁବନେଶ୍ୱର, ସୁନ୍ଦରଗଡ଼, ଅନୁଗୁଳ ବଲାଙ୍ଗିର ତଥା ଝାରସୁଗୁଡ଼ା ଜିଲ୍ଲାର ବହୁ ସାରସ୍ୱତ ସାଧକ/ ସାଧିକା ଯୋଗ ଦେଇଥିଲେ । ବସନ୍ତ କୁମାର ନାଥ,ସହ ସମ୍ପାଦକ, ସମାରୋପ- ବକ୍ତବ୍ୟ ରଖିଥିବା ବେଳେ ଉପ ସଭାପତି, ପଦ୍ମାବତୀ ମହାପାତ୍ର ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ସଭା ସଞ୍ଚାଳନ କରିଥିବା ବେଳେ ସହ ସମ୍ପାଦକ ଅଧ୍ୟାପକ ହେମନ୍ତ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

ବିକାଶ ଶିକ୍ଷାନୁଷ୍ଠାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବରଗଡ଼,(ଭାସ୍କର ନ୍ୟୁଜ୍): ବରଗଡ଼ ବିକାଶ ଶିକ୍ଷାନୁଷ୍ଠାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବସୁଧୈବ କୁଟୁମ୍ବକମ୍ ଭାବନା ଦ୍ୱାରା ପରିଚାଳିତ ହୋଇ ମନ୍ତ୍ରୋଚ୍ଚାରଣ ଦ୍ୱାରା ଆରମ୍ଭ ହୋଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିକାଶ ଗ୍ରୁପ୍‌ର ଚେୟାରମେନ୍ ଡି.ମୂରଲୀ କ୍ରୀଷ୍ଣା ନିଜ ଅଭିଭାଷଣରେ ଯୋଗ ଶାରୀରିକ ଓ ମାନସିକ ସୁସ୍ଥତା ନିମନ୍ତେ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ନିନ୍ଦାକଲା ବିଡିଜେଏ

ବୌଦ୍ଧ,(ଭାସ୍କର ନ୍ୟୁଜ): ପୁରୀରେ ଚାଲିଥିବା ରଥଯାତ୍ରା ସମୟରେ କାର୍ଯ୍ୟରତ ୨ଜଣ ସାମ୍ବାଦିକଙ୍କୁ ଆକ୍ରମଣ କରାଯିବା ଘଟଣାକୁ ଦୃଢ଼ ନିନ୍ଦା କରିଛି ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଙ୍ଘ । ବୁଧବାର ସନ୍ଧ୍ୟାରେ ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ନିନ୍ଦା କରାଯିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଥିଲା । ସଭାରେ ସମ୍ପାଦକ ରବିନ୍ଦ୍ର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ରବିନ୍ଦ୍ର କୁମାର ରାଉତ, ରତ୍ନାକର ବେହେରା, ସମ୍ପଦ ଅଗ୍ରୱାଲା, ସଜ୍ଜନ ଅଗ୍ରୱାଲା, ଧବଳେଶ୍ୱର ମହାପାତ୍ର, କୃଷ୍ଣଗୋପାଳ ମେହେର, ଅଜିତ ବାରିକ,ସୀତାକାନ୍ତ ସିଂ,ପ୍ରମୋଦ କୁମାର ବାଘ ପ୍ରମୁଖ ଯୋଗଦେଇ ଘଟଣାର ନିନ୍ଦା କରିଥିଲେ । ଏହି ଘଟଣାକୁ ରାଜ୍ୟର ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଥିବା ବେଳେ ବୌଦ୍ଧଜିଲ୍ଲାରେ ମଧ୍ୟ ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଥିଲା ।

ମହାସମାରୋହରେ ରଥଯାତ୍ରା ପାଳିତ

ଫୁଲବାଣୀ,(ଭାସ୍କର ନ୍ୟୁଜ୍): ହିନ୍ଦୁ ଧର୍ମରେ ଜଗନ୍ନାଥ ରଥ ଯାତ୍ରାର ମହତ୍ୱ ରହିଛି । ଏହି ଉତ୍ସବ ବଡ଼ ଭାଇ ବଳଭଦ୍ର ଏବଂ ସାନ ଭଉଣୀ ସୁଭଦ୍ରାଙ୍କ ସହିତ ଭଗବାନ କୃଷ୍ଣଙ୍କୁ ପୂଜା କରିବା ପାଇଁ ଉତ୍ସର୍ଗୀକୃତ । ଉତ୍ସବ ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ । ସେହି ପରମ୍ପରାକୁ ବଜାୟ ରଖି ଫୁଲବାଣୀ ସ୍ଥିତ ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି ପ୍ରସିଦ୍ଧ ଘୋଷଯାତ୍ରା । ସକାଳ ସମସ

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍

ପ୍ରଗତିର ବାଧକ ସାଜିଛି ଦୁର୍ନୀତି

ପ୍ରଶାସନରେ ସ୍ୱଚ୍ଛତା ରକ୍ଷା ଜରୁରି

ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଯେପରି କାୟାବିସ୍ତାର କରି ମାଡ଼ି ଚାଲିଲା, ତାହା ତତ୍କାଳୀନ ଶାସକ ବର୍ଗଙ୍କୁ ବେଶ୍ ଚିନ୍ତିତ କରି ପକାଇଥିଲା । ସାଧାରଣ ଜନତାଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଣରେ କଳାବଜାର ଚରମ ସୀମାରେ ପହଞ୍ଚିଥିବାବେଳେ ବିନା ଉତ୍କୋଚରେ ପ୍ରଶାସନରୁ ନ୍ୟାୟ ମିଳିବା ଏକରକମ ଅସମ୍ଭବ ହୋଇ ପଡିଥିଲା । ଏହାକୁ ଦୃଷ୍ଟିରେ ରଖି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁ ମୁନାଫାଖୋର କଳାବଜାରୀ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ନିକଟବର୍ତ୍ତୀ ବିଦ୍ୟୁତ୍ ଖୁଣ୍ଟରେ ଝୁଲାଇ ଦିଆଯିବାକୁ ଘୋଷଣା କରିଥିଲେ । ମାତ୍ର ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରବର୍ତ୍ତୀ ସମୟରେ ମୂଲ୍ୟହୀନ ହୋଇପଡିଥିଲା ଏବଂ ଦେଶବ୍ୟାପୀ ଦୁର୍ନୀତି ଓ ଭ୍ରଷ୍ଟାଚାରର ଅବାରିତ ଧାରା ଦେଖିବାକୁ ମିଳିଲା । ଦେଶର ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟ ଓଡ଼ିଶା ମଧ୍ୟ ଦୁର୍ନୀତିରୂପୀ ରାକ୍ଷସର ଶିକାର ହୋଇଥିଲା ଓ ଯେକୌଣସି ସରକାରୀ କାର୍ଯ୍ୟ ସମ୍ପାଦନ ନିମନ୍ତେ ଲାଞ୍ଚ ଦେବା ଓ ନେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲା । ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟର କୌଣସି ସରକାର ଦୁର୍ନୀତି ବିରୋଧରେ ଯେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନଥିଲେ । ସୁଦୂର ଅତୀତରେ ରାଜ୍ୟରେ କ୍ଷମତାସୀନ ହୋଇଥିବା ଅନେକ ମୁଖ୍ୟମନ୍ତ୍ରୀ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ହୋଇଥିଲେ ହେଁ ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବାକୁ ସକ୍ଷମ ହୋଇପାରିନଥିଲେ । ଏହାର ପରିଣତି ସ୍ୱରୂପ ଆଜି ଯେକୌଣସି ସରକାରୀ କାର୍ଯ୍ୟାଳୟରେ ଦି'ପଇସା ହାତଗୁଞ୍ଜା ନଦେଲେ ଫାଇଲ୍‌ଟିଏ ଉପରକୁ ଘୁଞ୍ଚିବା ସମ୍ଭବପର ହେଉନାହିଁ । ଅଫିସ୍‌ରେ ସାନବାବୁଙ୍କ ଠାରୁ ଆରମ୍ଭ କରି ବଡ଼ବାବୁଙ୍କ ପର୍ଯ୍ୟନ୍ତ ଉଣା ଅଧିକେ ସମସ୍ତେ ପି.ସି. କାରବାରରେ ସଂପୃକ୍ତ ରହୁଥିବାର ଦେଖାଯାଉଛି । ପ୍ରତିବର୍ଷ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଏବଂ ଦୁର୍ନୀତି ନକରିବାକୁ ଅଫିସର ଓ କର୍ମଚାରୀଙ୍କ ଶପଥ ପାଠ ଭିତରେ ଅତୀତରେ ସରକାରମାନେ ଦୁର୍ନୀତି ବିରୋଧୀ ଅଭିଯାନକୁ ସୀମିତ ରଖିଥିଲେ । ଏହି ପୃଷ୍ଠଭୂମିରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧୀ ଅଭିଯାନର ମୂଲ୍ୟାୟନ କରାଯିବାର ଆବଶ୍ୟକତା ରହିଛି । ନବୀନବାବୁଙ୍କ ପଞ୍ଚମ ପାଳି ଶାସନରେ ଦୁର୍ନୀତି ବିରୋଧୀ ଅଭିଯାନକୁ ଏଭଳି ଶାଣିତ ଓ ଶକ୍ତିଶାଳୀ କରାଯାଇଛି ଯେ, ସରକାରୀ ବାବୁମାନେ ମାନସିକ ସ୍ତରରେ ଦୁର୍ନୀତି କରିବାକୁ ସାହସ କରିପାରୁନାହାନ୍ତି । ସାଧାରଣ ଜନତାଙ୍କୁ ବିନା ପିସି ବା ଉତ୍କୋଚରେ ଯେପରି ପ୍ରଶାସନରୁ ନ୍ୟାୟ ମିଳିପାରିବ, ସେଥିପାଇଁ ୫-ଟି ବିଭାଗ ସୃଷ୍ଟି କରାଯାଇ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଆଯାଇଛି । ଦୁର୍ନୀତି ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରାଯାଇ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ କୌଣସି ନା କୌଣସି ସ୍ଥାନରେ ଉଚ୍ଚ ପଦସ୍ଥ ଅଧିକାରୀ, କର୍ମଚାରୀ, ଡାକ୍ତର, ଇଞ୍ଜିନିୟର ଅବା ଶିକ୍ଷକଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ ସମ୍ପର୍କୀୟ ଖବର ନଜରକୁ ଆସୁଛି । ଅନେକ ପଦସ୍ଥ ଅଧିକାରୀ ଓ ଇଞ୍ଜିନିୟରଙ୍କ ଘରୁ ବିପୁଳ ପରିମାଣର ଆୟ ବହିର୍ଭୂତ ନଗଦ ଅର୍ଥ ଏବଂ ସମ୍ପତ୍ତି ଜବତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଅତୀତ ଦିନରେ ଭିଜିଲାନ୍ସ ଜାଲରେ କେବଳ ତଳିଆ କର୍ମଚାରୀ ବିଶେଷ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଡୁଥିଲେ । ଉପର ସ୍ତରର କର୍ମଚାରୀଙ୍କୁ ଛୁଇଁବା ପାଇଁ କେହି ସାହସ କରୁନଥିଲେ । ମାତ୍ର ନବୀନ ସରକାର ସମୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଅଧିକାରୀ ଅଧିକ ସଂଖ୍ୟାରେ ଭିଜିଲାନ୍ସ ଦ୍ୱାରା ଧରାପଡୁଥିବାର ଦେଖାଯାଉଛି । ପରିସଂଖ୍ୟାନ ଅନୁଯାୟୀ ୨୦୨୨ ମସିହାର ଶେଷ ୯ମାସ ମଧ୍ୟରେ ରାଜ୍ୟର ୪୪ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୪୦ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିଲେ । ସେମାନଙ୍କ ଭିତରୁ ୨୬ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ସମେତ ୧୫୨ଜଣଙ୍କୁ ଗିରଫ କରାଯାଇଥିଲା । ଓଡ଼ିଶା ପାଇଁ ଆଉ ଏକ ଖୁସି ଖବର ହେଉଛି ଯେ, ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିର ପର୍ଦ୍ଦାଫାସ୍ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାରରେ ଓଡ଼ିଶା ଭିଜିଲାନ୍ସ ବିଭାଗ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ଗତ ବର୍ଷକ ଭିତରେ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସର୍ବାଧିକ ପରିମାଣର ଟଙ୍କା ଓ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିବାରେ ରେକର୍ଡ ସୃଷ୍ଟି କରିପାରିଛି । ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ଦ୍ୱାରା ଏହି ତଥ୍ୟ ପ୍ରଦାନ କରାଯାଇଛି । ଦୁର୍ନୀତି ବିରୋଧରେ ଏତେସବୁ କଠୋର ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ଅନେକ କ୍ଷେତ୍ରରେ ଦୁର୍ନୀତିକୁ ରୋକାଯିବା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ପ୍ରଶାସନରେ ଦୁର୍ନୀତି ବୃଦ୍ଧି ପାଇଲେ ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗର ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେବା ସହିତ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି । ତେଣୁ ଏକଦା ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗରିବ ଲୋକଙ୍କୁ 'ମାଡ଼ ତତ୍ତ୍ୱ'ର ବାଣୀ ଶୁଣାଇଥିଲେ । ନ୍ୟାୟ ପାଇବାରୁ ବଞ୍ଚିତ ଲୋକ ଦୁର୍ନୀତିଗ୍ରସ୍ତଙ୍କୁ ମାଡ଼ ମାରିବା ପାଇଁ ତାଙ୍କର ପରାମର୍ଶ ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲା । ବର୍ତ୍ତମାନ ତାଙ୍କର ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ବିରୋଧରେ ଯେଉଁ ଆବାଜ୍ ଉଠାଇଛନ୍ତି, ତାହାକୁ ସଫଳ କରିବା ପାଇଁ ସବୁ ସ୍ତରରୁ ସହଯୋଗର ହାତ ବଢ଼ିବା ଆବଶ୍ୟକ ।

ପୁଣି ମ୍ୟାଲେରିଆ ଆତଙ୍କ

ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ,ଗାଙ୍ଗୋତ୍ରୀ ନଗର
ଶିଶୁପାଳଗଡ
ମୋ: ୯୪୩୭୯୯୪୩୭୯

ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ନେଇ ଏବେ ଯେଉଁ ରିପୋର୍ଟ ଆସିଛି, ତାହା ମ୍ୟାଲେରିଆ ନିରାକରଣରେ ବିଭାଗୀୟ ଅବହେଳା ତଥା ଖାମ ଖିଆଲକୁ ଏବେ ପଦାରେ ପକାଇ ଦେଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଗତ କିଛି ବର୍ଷ ଧରି ମ୍ୟାଲେରିଆ ସଂକ୍ରମଣରେ ୯୦ ପ୍ରତିଶତରୁ ଅଧିକ ହ୍ରାସ ପାଇବା ନେଇ ସରକାର ବାହାବା ନେଉଥିଲେ। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଓଡିଶା ଦେଶରେ ପ୍ରଥମ ହେବା ସହ ଜାତୀୟ ସ୍ତରରେ ମଧ୍ୟ ପୁରସ୍କୃତ ହୋଇଥିଲା। ଏବେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ନେଇ ଯେଉଁ ତଥ୍ୟ ଆସିଛି, ତାହା ପୁଣି ଚିନ୍ତାର କାରଣ ହୋଇଛି। ଆହୁରି ମଧ୍ୟ ନିରାକରଣ କ୍ଷେତ୍ରରେ ବିଭାଗର ଅବହେଳା, ଖାମଖିଆଲି ନୀତିକୁ ପଦାରେ ପକାଇବା ସହ ରାଜ୍ୟ ସରକାର ପୁଣି ଯେ, ବିଫଳତା ମୁହାଁ ହୋଇଛନ୍ତି ଏହା କହିଲେ ହୁଏତ ଅତ୍ୟୁକ୍ତି ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ମ୍ୟାଲେରିଆ ସଂକ୍ରମଣରେ ଆକ୍ରାନ୍ତଙ୍କ ସଂଖ୍ୟା ନେଇ ଯେଉଁ ରିପୋର୍ଟ ପ୍ରକାଶ ପାଇଚି, ତହିଁରେ କୁହାଯାଇଛି ଯେ, ଗତବର୍ଷ ମେ ମାସ ସୁଦ୍ଧା ରାଜ୍ୟରେ ଯେତିକି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ, ଏବେ ସେଥିରେ ଶତପ୍ରତିଶତ ବୃଦ୍ଧି ପାଇଛି। ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନଭିବିଡିସିପି) ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ମେ' ମାସ ସୁଦ୍ଧା ରାଜ୍ୟରେ ୪୫୩୪ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତବର୍ଷ ଏହି ମାସ ସୁଦ୍ଧା ୨୨୪୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଯାହାକି ଆକ୍ରାନ୍ତଙ୍କ ସଂଖ୍ୟା ବା ସଂକ୍ରମଣ ରାଜ୍ୟରେ ୧୦୨.୩୨% ବୃଦ୍ଧି ପାଇଥିବା ପ୍ରମାଣିତ କରୁଛି। ଆହୁରି ମଧ୍ୟ ଗତବର୍ଷ ସଂକ୍ରମଣ ହାର (ଏସପିଆର) ୦.୧୩ ଥିବାବେଳେ ଚଳିତ ବର୍ଷ ଏହା ୦.୨୨ରେ ପହଁଚିଛି। ଏନଭିବିଡିସିପି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମ୍ୟାଲେରିଆ ସଂକ୍ରମଣ ବୃଦ୍ଧି କ୍ଷେତ୍ରରେ ଓଡିଶା ଏବେ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଡୋଶୀ ଛତିଶଗଡ ପ୍ରଥମ ସ୍ଥାନରେ ରହିଛି। ଛତିଶଗଡ ଗତ ମେ' ମାସ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୬୪୫୩ ରହିଥିଲା। ଆହୁରି ମଧ୍ୟ ସମଗ୍ର ଦେଶରେ ଗତ ମେ' ମାସ ସୁଦ୍ଧା ମୋଟ ୨୦.୩୮୪ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଓଡିଶା କେବଳ ୨୨ପ୍ରତିଶତ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରୁ ରାଜ୍ୟରେ ମ୍ୟାଲେରିଆ କିପରି ଦ୍ରୁତ ବେଗରେ କାୟାବିସ୍ତାର କରୁଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅତୀତରେ ଆମ ରାଜ୍ୟ ଦେଶରେ ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବେ ପରିଚିତ ଥିଲା। ଉଭୟ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ମଧ୍ୟ କିଛି କମ ନଥିଲା। ରାଜ୍ୟର ଉପକୂଳବର୍ତ୍ତୀ ଓ ପାହାଡିଆ ଦୁର୍ଗମ ଜିଲ୍ଲାଗୁଡିକ ମ୍ୟାଲେରିଆ ପ୍ରବଣ ଅଂଚଳ ଭାବେ ପରିଚିତ ଥିଲା। କିନ୍ତୁ ଏହା ନିଶ୍ଚିତ ଯେ, ରାଜ୍ୟ ସରକାରଙ୍କ ନିଷ୍ପାପର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ 'ଦମନ', ଔଷଧୀୟ ମଶାରୀ ବଂଟନ, ମ୍ୟାଲେରିଆର ବାହାକ ମଶାବଂଶ ଲୋକ ପାଇଁ ଲଗାତାର ଔଷଧ ସିଂଚନ କରୁଥିବା ବେଳେ ଏବେ ଆଉ ହେଉନଥିବା ମନେ ହୁଏ। ସେହିପରି ସରକାର ବଂଟନ କରିଥିବା ଔଷଧୀୟ ମଶାରୀର ୩ବର୍ଷିଆ ଅବଧି ଶେଷ ହୋଇଥିବାବେଳେ ଏବେ ଆଉ ବଂଟନ କରାଯାଇନାହିଁ। ତେବେ ସବୁଠୁ ବଡ ପ୍ରସଙ୍ଗ ହେଉଛି ମଶା ବଂଶ ବୃଦ୍ଧି। ମଶା ବଂଶ ଏବେ ବଢିଗଲାଣି ଯେ, ସନ୍ଧ୍ୟା ସମୟରେ ଘରେ କିମ୍ବା ବାହାରେ ବସିବା ଆଉ ସମ୍ଭବ ହେଉ ନାହିଁ। ସରକାର ମଧ୍ୟ ମଶାବଂଶ ଲୋପ ପାଇଁ ଆଉ ତତ୍ପର ନଥିବା ମନେ କରାଯାଏ। ନାଳ ନର୍ଦ୍ଦମା ନିୟମିତ ସଫେଇ ହେଉନାହିଁ ଗାଁ ଠାରୁ ସହରର ଅବସ୍ଥା ବଳିଗଲାଣି। ଏବେ ସମଗ୍ର ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ସମୟରେ ମଶାବଂଶ ପ୍ରାୟ ଲୋପ ପାଇଥିବା ବେଳେ ଜନସାଧାରଣ ମଶାରୀ ବ୍ୟବହାର କରିନଥାନ୍ତି। ମାତ୍ର ଖରାଦିନେ ଯେପରି ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି, ବର୍ଷା ଦିନ ପାଇଁ ଏହା ଏକ ସତର୍କଘଂଟି ବୋଲି କୁହାଯିବ। ବର୍ଷା ଦିନେ ସାଧାରଣତଃ ମଶା ବଂଶ ବଢିଥାଏ। ଯଦି ବର୍ଷା ଦିନ ପୂର୍ବରୁ ଏପରି ସ୍ଥିତି ତେବେ ଆସନ୍ତା ବର୍ଷା ଋତୁ ଚାରିମାସ ମଧ୍ୟରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। କେବଳ ଏତିକି ନୁହେଁ, ୨୦୨୨ର ସ୍ଥିତି ଫେରାଇ ଆଣିବାକୁ ଆହୁରି ୫ରୁ ୭ବର୍ଷ ଲାଗିପାରେ। କେବଳ ଏତିକି ନୁହେଁ, ରାଜ୍ୟରେ ମ୍ୟାଲେରିଆ ସଂକ୍ରମଣ ବୃଦ୍ଧି ଯୋଗୁଁ କରୋନା ପରି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ରାଜ୍ୟ ସରକାର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ, ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ଏବଂ ଔଷଧୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଜରୁରୀ।

ମଣିପୁରରେ ରକ୍ତଯୁଦ୍ଧ

ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ- ୯୮୬୧୦୩୪୧୬୩

ମଣିପୁରରେ ଚାଲିଛି ରକ୍ତଯୁଦ୍ଧ । ରକ୍ତ ଆଉ ପାଉଁଶରେ ଜୁଡୁବୁଡୁ ମଣିପୁର । ସରକାରୀ ଅଫିସଦପ୍ତର ବିଶେଷକରି ବିଜେପିନେତାଙ୍କ ଘର ପୋଡୁଛନ୍ତି । ଆକ୍ରମଣ ପ୍ରତିଅାକ୍ରମଣରେ ଥରହର ପାହାଡ,ପର୍ବତ, ସମତଳ ଅଞ୍ଚଳ । ରୁଷ-ୟୁକେନ୍‌ରେ ବର୍ଷାଧିକକାଳ ପ୍ରଳୟଙ୍କର ଯୁଦ୍ଧ ଚାଲିଛି । ଯୁଦ୍ଧରେ ସୈନିକମାନଙ୍କ ସହ ସାଧାରଣମଣିଷର ଜୀବନ ଚାଲିଯାଉଛି । ଯୁଦ୍ଧ ଥମିବାର ନାଁ ଧରୁନି । ବରଂ ଉଭୟ ଦେଶକୁ ସମର୍ଥନ କରି ଅନ୍ୟ ଦେଶମାନେ ନିଆଁରେ ଘିଅ ଢାଳୁଛନ୍ତି । ସେଇଭଳି ଭାରତର ଏକ ଛୋଟ ପାହାଡିଆରାଜ୍ୟରେ ମରାମରି, ହଣାକଟା, ପୋଡାପୋଡିରେ ସାଧାରଣ ଲୋକ ବଳି ପଡୁଛନ୍ତି । ମଣିପୁର ହିଂସା ଦିନକୁଦିନ ପ୍ରବଳ ହେବାରେ ଲାଗିଛି । ଭାରତର ପାହାଡିଆ ରାଜ୍ୟ ମଣିପୁରରେ କୁକି ଓ ମେଇଟେଇ ସଂପ୍ରଦାୟ ମଧ୍ୟରେ ବିବାଦ କେଉଁକାଳୁ ଲାଗିରହିଛି । ମଣିପୁର ହିଂସା ଆରମ୍ଭ ହେଲା ମେ'୩, ୨୦୨୩ରେ । ହାଇକୋର୍ଟଙ୍କ ରାୟ – କୁକି ସଂପ୍ରଦାୟକୁ ଏସ୍.ଟି. କାଟାଗୋରୀ ଦିଆଗଲା । ଏହି ରାୟ ବାରୁଦଗଦାରେ ନିଆ ଖେଞ୍ଜିଦେଲା । ଏହା ବିରୁଦ୍ଧରେ ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟସ୍ ୟୁନିୟନ୍ ମଣିପୁର ହାଇକୋର୍ଟ ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ । ବୁଚାଚନ୍ଦପୁର ହିଂସାର କେନ୍ଦ୍ରସ୍ଥଳୀ । ସେଠାରେ ଥିବା ଜଙ୍ଗଲ ବିଭାଗର ଅଫିସ ପୋଡିଦେଲେ । ସେହି ଗ୍ରାମର ଲୋକମାନଙ୍କୁ ଆକ୍ରମଣ କଲେ । ପ୍ରତିଆକ୍ରମଣ ସେହି ରାତିରେ କୁକି ସଂପ୍ରଦାୟ ଆରମ୍ଭ କଲେ । ପୁଲିସ୍ ଓ ପାରାମିଲିଟାରୀ ଫୋର୍ସ ନିରବଦର୍ଶକ ସାଜିଲେ । ବନ୍ଧୁକ ମହଜୁଦ୍ ଗୋଦାମ ଓ ପୋଲିସ୍ ଷ୍ଟେସନରେ ଲୁଟପାଟ ହେଲା । ବହୁ ଜୀବନହାନି, ସଂପତ୍ତି ଲୁଟ୍‌ପାଟ ହେଲା । ସାଧାରଣ ଲୋକେ ସବୁଠୁ ବେଶି କ୍ଷତିଗ୍ରସ୍ତ ହେଲେ । ହିଂସା, ସଂଘର୍ଷ ଲାଗିରହିଛି । ଏବେ ମଣିପୁରର କେନ୍ଦ୍ରମନ୍ତ୍ରୀଙ୍କ ଘର ପୋଡିଦେଇଛନ୍ତି । ରକ୍ତରେ ବୁଡୁଛି ମଣିପୁର । କେବଳ ମଣିପୁର ନୁହେଁ – ସାରାଭାରତରେ ଦୁର୍ଘଟଣା, ହଣାକଟାରେ ଖାଲି ରକ୍ତ ଆଉ ରକ୍ତ । ରୁଷ-ୟୁକ୍ରେନ୍ ଯୁଦ୍ଧରେ ରକ୍ତନଦୀ ବୋହିଯାଉଛି । ସମଗ୍ରବିଶ୍ୱରେ ପ୍ରାକୃତିକ, ମନୁଷ୍ୟକୃତ ବିପର୍ଯ୍ୟୟଦ ଦୁର୍ଘଟଣାରେ ଧରଣୀ ମା' ରକ୍ତାକ୍ତ ।

ମେ'୨୮ରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ସଂସଦ ଭବନ ଲୋକାର୍ପଣ କରୁଛନ୍ତି – ସେତିକିବେଳେ କୁକିମାନେ ଇମ୍ଫାଲ ଉପତ୍ୟକାରେ ଥିବା ମେଇଟେଇ ସଂପ୍ରଦାୟ ଉପରେ ଭୀଷଣ ଆକ୍ରମଣ ଚଳାଇଥିଲେ । ପ୍ରତିଆକ୍ରମଣ ମଧ୍ୟ ହେଲା । ଜାତି-ଜାତି ମଧ୍ୟରେ ସଂଘର୍ଷକୁ ସରକାର ଯେଭଳି ସତର୍କ ହେବାର ଥିଲା – ତାହା ହେଲାନି । ମିଆଁମାରରୁ ସଶସ୍ତ୍ରବାହିନୀଙ୍କ ପ୍ରବେଶ ନିଆଁରେ ଘିଅ ଢାଳିବାରେ ଲାଗିଲେ । ମେଇଟେଇ ଏବଂ ମେଇଟେଇ ପାଙ୍ଗଲସ୍, ନାଗା ଏବଂ କୁକି କିମ୍ବା କୁକି-ଯୋମିଗ୍ରୁପ୍ (କୁକି ଏବଂ ପାଇଟେ, କୁକି ଏବଂ ହାମର) ସଂପ୍ରଦାୟ ସମସ୍ତେ କ୍ଷତିଗ୍ରସ୍ତ । ଏହି ସଂପ୍ରଦାୟର ଯେଉଁମାନେ ଦିନେ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଥିଲେ ଆଜି ସେମାନେ ପରସ୍ପର ପରସ୍ପର ସହ ଶତ୍ରୁତା କରୁଛନ୍ତି । ସମାଧାନର ସୂତ୍ର ବାହାରିପାରୁନି । ଯାହାବି ପ୍ରସ୍ତାବ ଦିଆଯାଉଛି - ଦୁଇ ପରସ୍ପର ଆକ୍ରମଣକାରୀ ଗୋଷ୍ଠୀ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ।

ମଣିପୁରରେ କେବେଠୁ ଆସାମ ରାଇଫଲ ପାରାମିଲିଟାରୀବାହିନୀ ଜମିରହିଛନ୍ତି । ୨୦୦୪ ଜୁଲାଇ ୧୫ରେ ମା'ମାନେ ଓ ନାରୀନେତ୍ରୀମାନେ ଏପରିକି ୧୨ଜଣ ମା' ଲଙ୍ଗଳାହୋଇ ପ୍ଲାକାର୍ଡରେ ଲେଖି ସ୍ଲୋଗାନ୍ ଦେଇଥିଲେ – ଭାରତୀୟ ସୈନ୍ୟମାନେ ଆମକୁ ରେପ୍ କରିବେ କି ?

ହାଜତରେ ରେପ୍ କରି ୩୨ ବର୍ଷିୟା ମନୋରମାକୁ ମର୍ଡର କରିଥିଲେ । ମନୋରମା ଯେହେତୁ ବିଦ୍ରୋହିଣୀ ଥିଲେ – ତାଙ୍କୁ ଅମାନୁଷିକ ଅତ୍ୟାଚାରକରି ମର୍ଡର କରିବା ଘଟଣା ସାରାଦେଶକୁ ସ୍ତବ୍ଧ କରିଦେଇଥିଲା । ଏବେ ମଣିପୁର ହିଂସାକାଣ୍ଡରେ ଗୃହବିଭାଗ ସଂପୂର୍ଣ୍ଣ ଅସହାୟ । ଖାଲି ଭାଷଣ ଦେବାରେ ବ୍ୟସ୍ତ । ସୁବ୍ରମନିୟମ୍ ସ୍ୱାମୀ କହିଛନ୍ତ

ଆମ କଳାହାଣ୍ଡି

ପୃଷ୍ଠା - ୭

ଶୁକ୍ରବାର, ୨୩ ଜୁନ୍ ୨୦୨୩

ଓଡ଼ିଶା ଭାସ୍କର, ଭୁବନେଶ୍ୱର

ତାଲା ବନ୍ଦ ଆନ୍ଦୋଳନ ୮୮ ଦିନରେ

ଜିଦ୍‌ରେ ଅଟଳ ଗ୍ରାମବାସୀ, ଶିକ୍ଷା ବିଭାଗ ନିରବ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଇତି ମଧ୍ୟରେ ଆନ୍ଦୋଳନର ୮୮ ଦିନ ବିତିଯାଇଛି। ବିଦ୍ୟାଳୟରେ ଝୁଲି ରହିଛି ତାଲା ଆଉ ପରିସରରେ ବସି ରହିଛନ୍ତି ସ୍କୁଲ୍ କମିଟି, ଅବିଭାବକ ଛାତ୍ରଛାତ୍ରୀ। କେବଳ ଗୋଟାଏ ଦାବି ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତ କରାଯାଉ। ପ୍ରଥମରୁ ଅଷ୍ଟମ ଶ୍ରେଣୀକୁ ଉନ୍ନତ କରା ନ ଯିବା ପର୍ଯ୍ୟନ୍ତ ଏମିତି ବିଦ୍ୟାଳୟକୁ ତାଲା ପକେଇ ଅହରହ ଖରାବର୍ଷାରେ ଆନ୍ଦୋଳନ ଜାରି ରଖିବାକୁ ଅଡ଼ି ରହିଛନ୍ତି ଗ୍ରାମବାସୀ। ଗୋଲାମୁଣ୍ଡା ବ୍ଲକ୍ ଗଣ୍ଡାମେର ପ୍ରାଥମିକ ବିଦ୍ୟାଳୟକୁ ତାଲା ପକେଇ ଆନ୍ଦୋଳନ କରିବା ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୮୮ ଦିନ ତାଲା ବନ୍ଦ ଆନ୍ଦୋଳନ ଅବ୍ୟାହତ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ ଠେଲି ହୋଇ ଯାଇଛି। ଗ୍ରାମବାସୀଙ୍କ କହିବା ମତେ ୪ ହଜାରରୁ ଊର୍ଦ୍ଧ୍ୱ ଜନବସତି ଗ୍ରାମରେ ଥିବା ବେଳେ ଗତ ୧୯୫୫ ମସିହାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଛି। ପୁଣି ଗ୍ରାମଟି ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ହୋଇଥିବା ବେଳେ ପଞ୍ଚାୟତ ଅଧିନ ସମସ୍ତ ଗାଁ ଲୋକ ଏଠାରେ ନିର୍ଭର କରିଥାନ୍ତି। ଏପରିକି ସରକାରୀ ସ୍ତରରେ ପଞ୍ଚାୟତ ଅନ୍ତର୍ଗତରେ ଗୋଟାଏ ହାଇସ୍କୁଲ ସ୍ଥାପନ ହେବା ନିୟମ ଥିବା ବେଳେ ଏଠି କିନ୍ତୁ ପ୍ରଶାସନ ଓ ସରକାରଙ୍କ ବୈମାତୃ ଭାବ ଯୋଗୁଁ ହାଇସ୍କୁଲ ତ ଦୂର କଥା ପ୍ରାଥମିକ ବିଦ୍ୟାଳୟକୁ ଅଷ୍ଟମ ଶ୍ରେଣୀ ଯାଏ ଉନ୍ନତ କରଣ କରିବାରେ ଅମଙ୍ଗ ପ୍ରକାଶ କରିଛି ଶିକ୍ଷା ବିଭାଗ ଓ ରାଜ୍ୟ ସରକାର ବୋଲି କ୍ଷୁବ୍ଧ ଭାବେ ଗ୍ରାମବାସୀ ପ୍ରକାଶ କରନ୍ତି। ଅନ୍ୟପଟେ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କହିବା ମତେ ଉକ୍ତ ଗ୍ରାମରେ ଏକ ବେସରକାରୀ ମାଧ୍ୟମିକ ବିଦ୍ୟାଳୟ ରହିଥିବା ଯୋଗୁଁ ଉକ୍ତ ବିଦ୍ୟାଳୟକୁ ଉନ୍ନତ କରଣ କରିବାରେ ଅସୁବିଧା ହେଉଥିବା ପ୍ରକାଶ କରନ୍ତି। ତେବେ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯେଉଁ ମାଧ୍ୟମିକ ବିଦ୍ୟାଳୟ ଗ୍ରାମରେ ସ୍ଥାପନ ହେଇଛି ବାସ୍ତବରେ ଜଣେ ବ୍ୟକ୍ତି ଅନ୍ୟ ଗ୍ରାମ ନାଁ ନେଇ ସ୍ଥାପନ କରିଛନ୍ତି। ତେବେ ଚଳିତ ଶିକ୍ଷା ବର୍ଷରେ ଗ୍ରାମର କୌଣସି ଛାତ୍ରଛାତ୍ରୀ ସେହି ବିଦ୍ୟାଳୟରେ ନାମ ଲେଖାଇ ନ ଥିବା ଗ୍ରାମଲୋକେ ପ୍ରକାଶ କରିଛନ୍ତି। ଶିକ୍ଷା ବିଭାଗର ନୀରବତା ଭିତରେ ଛାତ୍ରଛାତ୍ରୀ ଭବିଷ୍ୟତ ଅନ୍ଧାର ଭିତରକୁ ଟାଣି ହେଇ ନ ଯାଉ ଏବଂ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ସରକାର ତତ୍ପରତା ସହ ବିଚାରକୁ ନେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଅନ୍ୟପଟେ ବିଧାୟକ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେଲେ ଏହାର ସମାଧାନ ହୋଇ ପାରିବ ଏଥିରେ କୌଣସି ଦ୍ୱିଧା ନାହିଁ। ନଚେତ ବିଦ୍ୟାଳୟର ମୋଟ ୧୦୪ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତ ଭିତରେ ରହିଯିବ ବୋଲି ଗ୍ରାମର ସ୍କୁଲ ସଭାପତି ପ୍ରଦୂସ ନାଏକ, ଧନିରାମ ମାଝୀ, ମହେନ୍ଦ୍ର ନାଏକ, କମଳାକାନ୍ତ ମଶ୍ରା, ପରୀକ୍ଷିତ ନାଏକ, ଅଙ୍ଗଦ ନାଏକ, ରାହାସ ନାଏକ, ସୁରେଶ ନାଏକ, ଭାଗଗ୍ରାହୀ ନାଏକ, ସଞ୍ଜୀବ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି।

ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଅଧ୍ୟକ୍ଷ୍ୟ ଛବିଲାଲ ସାହୁ ଯୋଗ ଦିବସର ଅଭିମୁଖ୍ୟ ଏବଂ ଏହି ବର୍ଷର ଶିର୍ଷକ 'ବସୁଧୈବ କୁଟୁମ୍ବକମ୍ ପାଇଁ ଯୋଗ' ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ ଛାତ୍ରଛାତ୍ରୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରତାପ ଚନ୍ଦ୍ର ଦାଶ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଜୀବନରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଶୁଶାନ୍ତ କୁମାର ଦାଶ, ନାଜନୀନ ସୁଲତାନା ଓ ଦୀନବନ୍ଧୁ ନାଗ ଏହି ଶିବିରର ସୁପରିଚାଳନା ପାଇଁ ସହଯୋଗ କରିଥିଲେ। ସେହିପରି ଆଜିର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ପାଇଁ ଯୁଝୁଥିବା ଲୋକ ମାନେ ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରୀ ହୋଇପଡିଛି। ଯୋଗର ଉପକାରିତା ଏବଂ ଆବଶ୍ୟକତା ଉପରେ ସମ୍ମାନିତ ଅତିଥି ଏବଂ ମୁଖ୍ୟ ଅତିଥିମାନେ ନିଜ ନିଜର ବ୍ୟକ୍ତବ୍ୟ ରଖିଥିଲେ। ଜିଲ୍ଲାସ୍ତରୀୟ 'ଆନ୍ତର୍ଜାତିକ ଯୋଗ ଦିବସ' କଳାହାଣ୍ଡି ପତଞ୍ଜଳୀ ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଲେଖକ ଏବଂ ସମାଜସେବୀ ରାହାସ ବିହାରୀ ବେହେରା ଏବଂ ସମ୍ମାନୀତ ଅତିଥି ଭାବେ କଳାହାଣ୍ଡି ସଂସ୍କୃତିର ଦିଗ୍‌ଦର୍ଶକ ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ବେହେହେରା ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଯୋଗାଭ୍ୟାସରେ ବିଭିନ୍ନ ଅଣୁଷ୍ଠାନ ତଥା ବରିଷ୍ଠ ନାଗରିକ ସଂଘ, ସିଟିଜନ ଫୋରମ୍, ଶ୍ରୀ ଶ୍ରୀ ରବିଶଙ୍କର ସଂସ୍ଥା, ଏମ୍‌ଓଇର ସଦସ୍ୟ ଇତ୍ୟାଦି ଯୋଗ ଦେଇଥିଲେ। ଯୋଗଗୁରୁ ଅଶୋକ କୁମାର ମୁଣ୍ଡ ଏବଂ ଡ. ନିହାରେନ୍ଦ୍ର ପଣ୍ଡା ଯୋଗଅଭ୍ୟାସ ପରିଚାଳନା କରିଥିଲେ। ଏହି ଶିବିରକୁ ଡ. ବିଶ୍ୱଜିତ ହୋତା ଏବଂ ଶିଶିର କୁମାର ପକେଯାଷି ପରିଚାଳନା କରିଥିଲେ। ଶେଷରେ ମନୋରଞ୍ଜନ ପଣ୍ଡିତ ଧନ୍ୟବାଦ ଦେଇଥିଲେ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ଯୋଗ ଦିବସ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ନେତୃତ୍ୱରେ କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯୋରାଡବରା ପଞ୍ଚାୟତ କୁସୁର୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁସୁର୍ଲା ପ୍ରାଙ୍ଗଣଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମଟି କଳାରୁଦ୍ର ଯୁବକ ସଂଘ କୁସୁର୍ଲା (ହଜାରୀପଡା) ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁସୁର୍ଲାର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଯୋଗ, ପ୍ରାଣାୟାମ ଓ ଶାରୀରିକ ବ୍ୟାୟାମ କରିବା ଦ୍ୱାରା ଆମ ବ୍ୟକ୍ତି ଗତ ଜୀବନ ସୁଖ, ଶାନ୍ତି ଓ ସୁସ୍ଥ ସବଳ ଓ ନିରୋଗ ରହିବାରେ ଈଶ୍ୱରଙ୍କ ବରଦାନ ହୋଇଥାଏ। ଯୋଗ ଆସନ ପ୍ରାଣାୟାମ ପ୍ରତିଦିନ ଅଭ୍ୟାସ କରିବା ଦ୍ୱାର ରୋଗପ୍ରତିରୋଧକ ଶକ୍ତି ବଢିବା ସହ ଅନେକ ଗୁଡିଏ ରୋଗରୁ ମୁକ୍ତି ମିଳିଥାଏ। ବୋଲି ଯୋଗ ଏବଂ ପ୍ରାକୃତିକ ଚିକିତ୍ସକ ଲିବାଙ୍ଗ ବନଛୋର ଲୋକମାନଙ୍କୁ ବୁଝାଇ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କୁସୁର୍ଲା ଉପ ପ୍ରଥମିକ ସ୍ୱାସ୍ଥ କେନ୍ଦ୍ର ମୁଖ୍ୟ ଶ୍ରାବଣୀ ସାହୁ, ସାପଲହରା ଉପସ୍ୱାସ୍ଥକେନ୍ଦ୍ର ମୁଖ୍ୟ ପ୍ରମୋଦ ସାହୁ, ସମ୍ମାନିତ ଅତିଥି ଧନେଶ୍ୱର ସାହୁ (ସମାଜ ସେବୀ ତଥା କଳାରୁଦ୍ର ଯୁବକ ସଂଘର ସୁଖ ଦୁଃଖର ସାଥି), ମାନସ ରଞ୍ଜନ ମିଶ୍ର, ଆଶାକର୍ମୀ ସଂଯୁକ୍ତା ଭୋଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ପ୍ରଧାନଙ୍କ ସହ ପ୍ରଧାନ ଆଚାର୍ଯ୍ୟ ଚୂଡ଼ାମଣୀ ସାହୁ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମସ୍ତ ଗୁରୁଜୀ ଗୁରୁମା ବୃନ୍ଦ ଉପସ୍ଥିତ ଥିବା ବେଳେ କଳାରୁଦ୍ର ଯୁବକ ସଂଘ ସଭ୍ୟ ହରପ୍ରସାଦ ସାହୁ, ନୀଳକଣ୍ଠେଶ୍ୱର ସାହୁ, ଠାକୁର ସାହୁ, ବିକାଶ ସାହୁ ରହି ସହଯୋଗ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ସନତ କୁମାର ସାହୁ ସମସ୍ତଙ୍କୁ ହୃଦୟର ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

୯୩ ହଜାର ଚାଷୀଙ୍କୁ ୭୩୩ କୋଟି ଋଣ ପ୍ରଦାନ କରିଛି କେନ୍ଦ୍ର ସମବାୟ ବ୍ୟାଙ୍କ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ିଶାର ଏକ ଅଗ୍ରଣୀ ବ୍ୟାଙ୍କ ହେବା ସହ ଏହି ବ୍ୟାଙ୍କ କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ୯୩ ହଜାରରୁ ଅଧିକ ଚାଷୀଙ୍କୁ ୭୩୩ କୋଟି ଟଙ୍କା ଋଣ ପ୍ରଦାନ କରିଛି। ଜିଲ୍ଲାର ଶତକଡା ୬୮ ଭାଗ ଚାଷୀଙ୍କୁ କୃଷି ଋଣ ପ୍ରଦାନ କରିଛି ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷୀ ଋଣ ବିନା ସୁଧରେ ଯୋଗାଇ ଦେଇଛି। ଜିଲ୍ଲାରେ ପୂର୍ବରୁ ୧୦୩ ଗୋଟି ପେକ୍ସ ଜରିଆରେ ଚାଷୀଙ୍କୁ ଋଣ ଯୋଗାଇ ଦେଉଥିବା ବେଳେ ଚଳିତ ବର୍ଷ ୨ଟି ପଞ୍ଚାୟତରେ ଗୋଟିଏ ପେକ୍ସ ଗଠନ କରି ନୂତନ ୧୧୬ ଗୋଟି ପେକ୍ସ ଗଠନ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗିରିଶ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ଗତ କିଛି ଦିନ ପୂର୍ବେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୦୦୩ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଭିନ୍ନ କର୍ମଚାରୀଙ୍କ ନାମରେ ବକେୟା ଅର୍ଥ ଗଡୁଥିବା ପ୍ରକାଶ ପାଇଥିଲା। ଏହି ସମ୍ବାଦକୁ ସଭାପତି ଶ୍ରୀ ବେହେରା ଖଣ୍ଡନ କରିବା ସହ ୨୦୧୬ ମସିହାରୁ ଏହି ବ୍ୟାଙ୍କ ଲଗାତାର ଭାବେ ଏ ଗ୍ରେଡ୍ ମାନ୍ୟତା ପାଇ ଲାଭରେ ରହୁଥିବା ପ୍ରକାଶ କରି ଏହାର ଶ୍ରେୟ ବିଭାଗୀୟ କର୍ମଚାରୀ ଓ ଦକ୍ଷ ଅଧିକାରୀମାନଙ୍କ ଦ୍ୱାରା ହିଁ ସମ୍ଭବପର ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ବିଗତ ୭ ବର୍ଷ ହେଲା କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମଚାରୀମାନଙ୍କ ନାମରେ ଅର୍ଥ ହେରଫେରର କୌଣସି ଅଭିଯୋଗ ନାହିଁ। ପୂର୍ବରୁ ଅଡିଟ୍ ରିପୋର୍ଟରେ କର୍ମଚାରୀମାନଙ୍କ ନାମରେ ହୋଇଥିବା ଅଭିଯୋଗ ଅନୁଯାୟୀ ଯେଉଁ ଅର୍ଥ ଆଦାୟ କରାଯିବା କଥା ତାହା ବ୍ୟାଙ୍କ ଅସୁଲ କରିସାରିଛି। ସମ୍ବାଦ ପ୍ରକାଶ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସତ୍ୟ ଘଟଣା ପ୍ରକାଶ କରିବାକୁ ସଭାପତି ଶ୍ରୀ ବେହେରା ସାମ୍ବାଦିକମାନଙ୍କୁ ଅନୁରୋଧ କରି ଜିଲ୍ଲାର ଏହି ସୁନାମଧନ୍ୟ ବ୍ୟାଙ୍କର ସୁନାମ ବଢାଇବା ସକାଶେ ଅନୁରୋଧ କରିଥିଲେ। ଏହି ବ୍ୟାଙ୍କ ଚାଷୀମାନଙ୍କଠାରୁ ବିଭିନ୍ନ ପେକ୍ସ ଜରିଆରେ ସୁଚାରୁରୂପେ ଧାନ କିଣି ପ୍ରାପ୍ୟ ବାବଦକୁ ୧୦୬ କୋଟି ଟଙ୍କା ବାକି ରହିଥିବା ପ୍ରକାସ କରିଥିଲେ। ବର୍ତ୍ତମାନ ପେକ୍ସଗୁଡିକୁ ଅତ୍ୟାଧୁନିକ କମ୍ପ୍ୟୁଟର ସଂଯୋଗିକରଣ ସହ ଚାଷୀମାନଙ୍କୁ ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଚଳିତ ୨୦୨୨-୨୩ ମସିହାରେ ଭବାନୀପାଟନା କେନ୍ଦ୍ର ସମବାୟ ବ୍ୟାଙ୍କ ୨୨ କୋଟି ଟଙ୍କା ନିଟ୍ ଲାଭ କରିଛି। ଆଗାମି ଦିନରେ ଏହି ବ୍ୟାଙ୍କକୁ ଆହୁରି ସୁଦୃଢିକରଣ କରାଯାଇ ଏହାକୁ ରାଜ୍ୟ ତଥା ଦେଶର ଏକ ଅଗ୍ରଣୀ ବ୍ୟାଙ୍କ ଭାବରେ ପ୍ରତିଷ୍ଠା କରିବା ସକାଶେ ପ୍ରୟାସ ଜାରିରହିଛି ବୋଲି ସଭାପତି ବେହେରା ପ୍ରକାଶ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବ୍ୟାଙ୍କ ସିଇଓ କେ. ଜାଲି, ଏଜିଏମ୍ ପ୍ରତୀକ୍ଷା ମିଶ୍ର ଓ ଏଜିଏମ୍ ବିଶ୍ୱରଞ୍ଜନ ସାହୁ ଉପସ୍ଥିତ ରହିଥିଲେ। ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ସୁରେଶ ଶତପଥି ସମିକ୍ଷା ରିପୋର୍ଟ ପ୍ରଦାନ କରିଥିଲେ।

ଟ୍ରେନ୍‌ରେ କଟି ଯୁବକ ଗୁରୁତର

ନର୍ଲା, (ଭାସ୍କର ନ୍ୟୁଜ୍): ଗତ ବୁଧବାର ଦିନ ନର୍ଲା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ସ୍ଥିତ ରେଳଧାରଣା ପାର ହେଉଥିବା ବେଳେ ସ୍ୱତନ୍ତ୍ର ଟ୍ରେନ୍‌ରେ କଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ ରାତି ପ୍ରାୟ ୮.୩୦ ମିନିଟ ସମୟରେ ସ୍ଥାନୀୟ ରାମଚନ୍ଦ୍ରପୁର ଗାଁର ସୁଦାମ ଭୋଇ ଗାଁ ନିକଟସ୍ଥ ରେଳ ଧାରଣା ପାର ହେଉଥିବା ସମୟରେ ପୁରୀରୁ ଜୁନାଗଡ ଶ୍ରୀକ୍ଷେତ୍ର ରଥ ଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ନଂ ୦୮୯୦୪ ଆସୁଥିବା ସମୟରେ ସୌଭାଗ୍ୟ ବଶତଃ ଅଳ୍ପକେ ଜୀବନ ବଞ୍ଚିଯାଇଥିବା ବେଳେ ଦୁଇ ଗୋଡ ଓ ଗୋଟିଏ ହାତ କଟି ଯାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରେଳୱେ ପୋଲିସ୍ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି।

ନନ୍ଦଘରେ ଅନ୍ତର୍ଜାତୀୟ ଯୋଗ ଦିବସ

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ କୁରମେଲ ଗ୍ରାମ ପଞ୍ଚାୟତର ଗୋରକୋଲ ନନ୍ଦଘରଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଥିଲା। ବେଦାନ୍ତ ନନ୍ଦଘର କାର୍ଯ୍ୟକ୍ରମ ଜରିଆରେ ପିସିଆଇ ଇଣ୍ଡିଆ ଦ୍ୱାରା ପରିଚାଳିତ ନନ୍ଦଘରରେ ପ୍ରୋଗାମ ଆସିଷ୍ଟାଣ୍ଟ ଅରୁଣ କୁମାର ପ୍ରଧାନୀଙ୍କ ନେତୃତ୍ୱରେ ପାଳିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ମଞ୍ଜୁଳା ପାଢ଼ୀ, ଗ୍ରାମର ଜନସାଧାରଣ, କିଶୋରୀ ବାଳିକା, ପ୍ରାକ୍ ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଟିଭି ସ୍କ୍ରିନରେ ପ୍ରଥମେ ଯୋଗ ଦିବସର ମହତ୍ୱ, ରୋଗ ପାଇଁ ଯୋଗ ଦେଖିଥିଲେ। ସୂର୍ଯ୍ୟ ନମସ୍କାରର ୧୨ ଗୋଟି ଆସନ ପ୍ରଦର୍ଶନ କରିବା ପରେ ସମସ୍ତେ ଯୋଗ ଅଭ୍ୟାସ କରିଥିଲେ। ବିଶେଷ କରି ଚଳିତ ବର୍ଷର ବିଷୟ ବସ୍ତୁକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ବ୍ୟକ୍ତି ନିୟମିତ ଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଲିପିକା ପାତ୍ର, ଲବଣୀ ଭୋଇ, କେତକୀ ଧଙ୍ଗଡ଼ା ମାଝୀ ସହଯୋଗ କରିଥିଲେ। ସେହିପରି ଜୟଶଙ୍କର ରାଉତ, ପିତାମ୍ବର ଗଉଡ଼, ଶତ୍ରୁଘନ ମାଝୀ, ପ୍ରଶାନ୍ତ ପୋଡ ଯୋଗ ଦିବସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ମୋଟେର ପାଲଟିଛି ନିକୃଷ୍ଟ ଧାନ ବିହନର ହବ୍

ଚାଷୀଙ୍କୁ ପ୍ରଲୋଭିତ କରୁଛି କମ୍ପାନୀ, ସରକାରୀ ଧାନ ବିହନ ଅଲୋଡ଼ା

କୋକସରା, (ଭାସ୍କର ନ୍ୟୁଜ୍): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଯୋଜନା ପ୍ରଣୟନ କରୁଛନ୍ତି। ଚାଷୀଙ୍କୁ ସବ୍‌ସିଡ଼ିରେ କୃଷି ଉପକରଣ ଯୋଗାଇ ଦେବା ସହ ମାଗଣାରେ ବିଭିନ୍ନ କିସମର ବିହନ ମଧ୍ୟ ଯୋଗାଇ ଦେଉଛନ୍ତି। ଏହା ସହ ସୁଲଭମୂଲ୍ୟରେ ସରକାରୀ ଧାନ ମଧ୍ୟ କୃଷି ସମବାୟ ସମିତିମାନଙ୍କରେ ଉପଲବ୍ଧ ହେଉଛି। ତେବେ କୃଷୀ ଅଧିକାରୀ ଓ ତୃଣମୂଳସ୍ତରର ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଉଦାସୀନତା ଫଳରେ ସାଧାରଣ କୃଷକ ଏହି ସରକାରୀ ଯୋଜନାର ସୁଫଳ ପାଇ ପାରୁନାହାନ୍ତି। ଏପରି ସ୍ଥିତିରେ ଅନେକ ଗୁଡ଼ିଏ ବେସରକାରୀ ଧାନ କମ୍ପାନୀ କୋକସରା ବ୍ଲକର ମୋଟେର ଓ ଲଡୁଗାଁ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ପ୍ରଲୋଭିତ କରି ହଜାର ହଜାର କ୍ୱିଣ୍ଟାଲ ଧାନ ବିହନ ବିକ୍ରୀ କରୁଛନ୍ତି। ଡିଲର ଓ ଖୁଚୁରା ବିହନ ବିକ୍ରେତାମାନଙ୍କୁ ଅଧିକ ପରିମାଣରେ କମ୍ପାନୀରୁ ଲାଭ ମିଳୁଥିବାରୁ ସେମାନେ ଚାଷୀଙ୍କୁ ଏହି ବିହନ ନେବାକୁ ପ୍ରବର୍ତ୍ତାଉଛନ୍ତି। ବ୍ଲକ୍‌ର ମୋଟେରଠାରେ ଏହି ବ୍ୟବସ୍ଥା ବେଢଡକ ଚାଲିଥିବା ବେଳେ କୋକସରା ବ୍ଲକ୍‌ର ଅନେକ ପଞ୍ଚାୟତ, ଏପରିକି ଜୟପାଟଣା ବ୍ଲକ୍‌କୁ ମଧ୍ୟ ବିହନ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହି ଧାନ ବିହନ ବିତରକ କମ୍ପାନୀମାନଙ୍କ ମଧ୍ୟରେ କେତେକ କମ୍ପାନୀର ଧାନ ବିହନ ନିକୃଷ୍ଟମାନର ହୋଇଥିବାରୁ ଗତବର୍ଷ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚଢ଼ା ଦରରେ ଧାନ ବିହନ କିଣି ଜମିରେ ତଳି ପକାଇଥିଲେ, କିନ୍ତୁ ପଲା ହୋଇନଥିଲା। ଏପରି ନିକୃଷ୍ଟମାନର ଧାନ ବିହନ ଯୋଗାଇ ଦେଉଥିବା ଏହି କମ୍ପାନୀମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର ସୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଚାଷୀ ମହଲରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଛି। ଏସବୁ ବେସରକାରୀ ଧାନ ବିହନ ପ୍ରସ୍ତୁତକାରୀ କମ୍ପାନୀମାନଙ୍କର ଓଡ଼ିଶାରେ ବିକ୍ରୀ କରିବାର ଲାଇସେନ୍ସ ଅଛି କି ନାହିଁ, ସେମାନେ ଏଠାରେ ବି

କଣ୍ଧମାଳ (ଭାସ୍କର ନ୍ୟୁଜ) ପାଣି ପାଇଁ କଣ୍ଧମାଳର ମହିଳାମାନେ ଶେଷରେ ଅତିଷ୍ଠ ହୋଇ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଏବଂ ବ୍ଲକରେ ବିଡିଓ କିମ୍ବା ଆର.ଡବ୍ଲୁ.ଏସ୍.ଏସ୍‌ର ଜେଇଙ୍କୁ ନପାଇ ବ୍ଲକ ସମ୍ମୁଖ ଗେଟରେ ତାଲା ପକାଇବା ସହ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ କଣ୍ଧମାଳ ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ବୁଝାଇଥିଲେ ହେଁ ମହିଳା ମାନେ ଶୁଣି ନଥିଲେ। ପରେ କଣ୍ଧମାଳ ଅତିରିକ୍ତ ତହସିଲଦାର ଘଟଣାସ୍ଥଳ ରେ ପହଞ୍ଚିଥିଲେ ଏବଂ ଦାବିପତ୍ର ଗ୍ରହଣ କରିଥିଲେ। ମହିଳାଙ୍କ ଅଭିଯୋଗ ହେଲା କଣ୍ଧମାଳର ୧ନଂ ୱାର୍ଡ ସହ ଦେଉଳତୁଙ୍ଗୁରି ଗ୍ରାମକୁ ସ୍ୱାଭାବିକ ସବୁଦିନ ବିଶୁଦ୍ଧ ଜଳ ଯୋଗାଣ, ବେଆଇନ ଭାବରେ ଅଧାବାଟରେ ମଟର ଲଗାଇ ପାଣି ଚୋରିର ସମାଧାନ, କଣ୍ଧମାଳ ତେଲନଦୀ କୂଳରେ ଥିବା ନୂତନ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ପ୍ରଭୃତି ରହିଛି । ସୂଚନାଯେ ଗତ ୧୯ ତାରିଖ ରେ ବୌଦ୍ଧ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କୁ କଣ୍ଧମାଳ ଜଳ ସମସ୍ୟା ସଂପର୍କରେ ଅଭିଯୋଗ କରିଥିଲେ ଏବଂ ଏହାର ସମାଧାନ ପାଇଁ ଶ୍ରୀଯୁକ୍ତ ସାହୁ କଣ୍ଧମାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତିନିଦିନ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଜଳ ଯୋଗାଣ ପାଇଁ କୌଣସି ପଦକ୍ଷେପ ନିଆ ନଯିବାରୁ ଶେଷରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିଥିବା ମହିଳା ମାନେ କହିଛନ୍ତି।

ଘାସ ଓ ଦଳରେ ପରିପୂର୍ଣ୍ଣ ଦଶମୌଜା କେନାଲ

ପ୍ରଶାସନିକ ଉଦାସୀନତା ପାଇଁ ଦୁର୍ଦ୍ଦଶା ଭୋଗିବେ ୯ ପଞ୍ଚାୟତର ଚାଷୀ

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଥିବା ଦଶମୌଜା କେନାଲ ଉପରେ ୭ ପଞ୍ଚାୟତର ଚାଷୀ ଖରିଫ୍ ଚାଷ ସମୟରେ ନିର୍ଭର କରନ୍ତି। ମାତ୍ର ଏହି କେନାଲଟି ଘାସ ଓ ଦଳରେ ପରିପୂର୍ଣ୍ଣ ହୋଇଛି। ସାଳନ୍ଦୀ ଜଳସେଚନ ବିଭାଗର ଉଦାସୀନତା ପାଇଁ ଏପରି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ହେଲା କେନାଲ ସଂସ୍କାର ନହେବା ଯୋଗୁ ପୋତି ହୋଇପଡିଛି। କେନାଲ ସଂସ୍କାର ନହେଲେ ଚଳିତ ବର୍ଷ ତିହିଡି ବ୍ଲକର ୭ ପଞ୍ଚାୟତ ଏବଂ ଭଦ୍ରକ ବ୍ଲକର ୨ ପଞ୍ଚାୟତରେ ଖରିଫ ଧାନଚାଷ ପ୍ରଭାବିତ ହେବ। ଏହାଛଡ଼ା କେନାଲ ଆଡ଼ିବନ୍ଧରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବାରୁ ଏଥିନେଇ ସମସ୍ୟା ଉପୁଜିବ। ସାଳନ୍ଦୀ ଜଳସେଚନ ବିଭାଗ ଅଧୀନରେ ଥିବା ଦଶମୌଜା କେନାଲ ସାଳନ୍ଦୀ ନଦୀର ତେମୁହାଁଣୀରୁ ବାହାରି ଭଦ୍ରକ ବ୍ଲକର ବେନ୍ତାଳ ଓ କେଦାରପୁର ଏବଂ ତିହିଡି ବ୍ଲକର ଗୁଆମାଳ, ତାଳପଦା, ମୁକୁନ୍ଦପୁର,ଭାଟପଡା, ଫତେପୁର, କୋହ୍ଲ ଓ ସିନ୍ଦୋଲ ପଞ୍ଚାୟତ ମଧ୍ୟଦେଇ ଗତିକରିଛି। ଏହି କେନାଲରୁ ସେହିସବୁ ପଞ୍ଚାୟତର ଚାଷ ଜମି ରିଆନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ଜଳସେଚନର ବିକଳ୍ପ ବ୍ୟବସ୍ଥା ନଥିବାରୁ ଖରିଫ ଧାନଚାଷ ସମୟରେ ଏହି କେନାଲ ପାଣି ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ଜଳବାୟୁର ପରିବର୍ତ୍ତନ ଯୋଗୁ ବର୍ଷାରେ ଅନିୟମିତତା ଦେଖାଦେଇଥିବାରୁ ଚାଷୀମାନେ ମୁଖ୍ୟତଃ ଏହି କେନାଲ ପାଣି ଉପରେ ନିର୍ଭର କରିଥାନ୍ତି। ଅଧିକ ବର୍ଷା ହୋଇ ବନ୍ୟା ପରିସ୍ଥିତି ଉପୁଜିଲେ ପାଣି କେନାଲ ମଧ୍ୟଦେଇ ନିଷ୍କାସିତ ହୋଇଥାଏ। ମାତ୍ର ସାଳନ୍ଦୀ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଖରିଫ ଧାନଚାଷ ପୂର୍ବରୁ ନାମକୁମାତ୍ର କେନାଲର ଦଳ ସଫାକରି ନିଜର ଦାୟିତ୍ୱ ସମ୍ପନ୍ନ କରିଥାନ୍ତି। କେନାଲ ପୋତିହେବା ସହ ଦଳ ଓ ଅନାବନା ଘାସରେ ପରିପୂର୍ଣ୍ଣ ହୋଇଥିବାରୁ ଏହାକୁ ଠିକ୍ ରୂପେ ସଂସ୍କାର କରାନଗଲେ ପାଣି ତଳ ମୁଣ୍ଡରେ ଥିବା ଚାଷଜମିରେ ପହଞ୍ଚିବା କଷ୍ଟସାଧ୍ୟ ହେବ। ଅପରପକ୍ଷେ ୨୦୧୯ରେ କେନାଲର ଆଡିବନ୍ଧ ୨ଟି ପର୍ଯ୍ୟାୟରେ ନିର୍ମାଣ କରାଯାଇଥିଲା। ମାତ୍ର ଦୂରରୁ ମାଟି ଆଣି ଆଡିବନ୍ଧ ନିର୍ମାଣର ନିୟମ ଥିଲେ ବି କେନାଲରୁ ମାଟି ଉଠାଯାଇ ବନ୍ଧ ନିର୍ମାଣ କରାଯାଇଥିବାରୁ କେତେକ ସ୍ଥାନରେ ଏହା ଧସିଯାଇ କେନାଲକୁ ପୋତି ପକାଇଛି। ଏଥିଯୋଗୁ ଆଡିବନ୍ଧ ଦୁର୍ବଳ ହେବାସହ ଘାଇ ସୃଷ୍ଟି ହୋଇଛି। ଏହାକୁ ମରାମତି କରାନଗଲେ କେନାଲ ପାଣି ଚାଷଜମିକୁ ନଷ୍ଟ କରିବା ଆଶଙ୍କା ଉପୁଜିଛି। ଏହି ସମସ୍ୟା ଯୋଗୁ ଚଳିତ ଖରିଫ୍ ଋତୁରେ ଧାନ ଉତ୍ପାଦନ ହ୍ରାସ ହେବାର ଆଶଙ୍କା ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ କେନାଲକୁ ଖୁବଶିଘ୍ର ସଂସ୍କାର କରିବା ସହ ଆଡ଼ିବନ୍ଧ ମରାମତି ଦିଗରେ ପଦକ୍ଷେପ ନେଲେ ୯ ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ ଜେନାଙ୍କୁ ପଚାରିବାରୁ କେନାଲ ସଂସ୍କାର ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଜେଏସଡବ୍ଲୁ ପକ୍ଷରୁ ଗଡ଼କୁଜଙ୍ଗ ରଥଯାତ୍ରାରେ ବିଭିନ୍ନ ସେବା କାର୍ଯ୍ୟକ୍ରମ

ପାରାଦୀପ,(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ ଠାରେ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।ସୁଭଦ୍ରା କ୍ଷେତ୍ର ଭାବେ ପରିଚିତ ଏହି ପୀଠରେ ରଥଯାତ୍ରା ପରଦିନ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ପୁରୀ ଶ୍ରୀମନ୍ଦିର ରଥଯାତ୍ରା ପରମ୍ପରା ଅନୁସାରେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କୁ ପହଣ୍ଡି ବିଜେ କରି ରଥରୁଢ କରାଯାଇଥିଲା।ତା ପରଦିନ ଅପରାହ୍ନରେ ଯଥାରୀତି ନୀତି ଅନୁସାରେ ରଥଟଣା କାର୍ଯ୍ୟ ସମାପନ କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ତଥା ଭକ୍ତ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ରଥକୁ ଟାଣି ଟାଣି ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇ ଥଲେ । ପ୍ରବଳ ଖରା ଗରମ ତଥା ଗୁଳୁଗୁଳି ସତ୍ତ୍ୱେ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି ପବିତ୍ର ରଥଯାତ୍ରା ଅବସରରେ ଜେଏସଡବ୍ଲୁ ପକ୍ଷରୁ ବଡ଼ଦାଣ୍ଡରେ ଏକ ସ୍ୱତନ୍ତ୍ର ଷ୍ଟଲ୍ କରାଯାଇଥିଲା। ଏଥିରେ ସମସ୍ତ ଜନସାଧାରଣଙ୍କ ପାଇଁ ଦହି ସର୍ବତ, ପାନୀୟ ଜଳ, ବିସ୍କୁଟ ପ୍ରଦାନ କରାଯାଇଥିଲା। ଏଥି ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଖରା ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା ମଧ୍ୟ କରାଇଥିଲା। ଏଥିସହିତ ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା।ଜେ ଏସ ଡ ବ୍ଲୁ ପକ୍ଷରୁ ଏହି ସମସ୍ତ ସେବା କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଗଡ଼କୁଜଙ୍ଗ ପଞ୍ଚାୟତର ସରପଞ୍ଚ ତଥା ଅନ୍ୟାନ୍ୟ ଜନ ପ୍ରତିନିଧି, ମନ୍ଦିର କମିଟି ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ବାସି ରଥଯାତ୍ରାରେ ଜେଏସଡବ୍ଲୁର ସମସ୍ତ ଅଧିବାସୀମାନେ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କୁ ରଥ ଉପରେ ଦର୍ଶନ କରିବା ସହିତ ଆଶିର୍ବାଦ ଗ୍ରହଣ କରିଥିଲେ। ଏଥି ସହିତ ସ୍ଥାନୀୟ ଭିଏଲ୍‌ସିମାନେ ଷ୍ଟଲ୍ ପରିଚାଳନା କରିବା ସହିତ ଜନସାଧାରଣ ମାନଙ୍କୁ ସମସ୍ତ ସେବା ଯୋଗାଇ ଦେଇଥିଲେ।

ରାଜନଗର ବିଧାୟକ ଅଞ୍ଚଳର ବିକାଶ ସହିତ ନିଜ ଗାଁରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀରେ ବିଧାୟକ ଧ୍ରୁବ ସାହୁଙ୍କ କରକମଳରେ ବିଭିନ୍ନ କ୍ଷେତ୍ରରେ ବିକାଶର ନୂତନ ମାନଚିତ୍ର ସୃଷ୍ଟି ହୋଇ ଆସୁଥିବା ବେଳେ ଗତକାଲି ନିଜ ଗାଁ ବେଲପାଳ ଠାରେ ଦୁଇଟି ଓ ଓସ୍ତିଆରେ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବେଲପାଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ମହାକାଳୀ ମନ୍ଦିରର ରୂପାନ୍ତରିତ କାର୍ଯ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବେଲପାଳ ଠାରେ ନୂତନ ଆର୍ ଆଇ କାର୍ଯ୍ୟାଳୟ, ଓସ୍ତିଆ ସମବାୟ ସମିତି ପରିସରରେ ବହୁମୁଖୀ ଗୋଦାମ ଗୃହର ଶିଳାନ୍ୟାସ ବିଧାୟକ ଶ୍ରୀ ସାହୁଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଓ ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଧାୟକ ଆଜିପର୍ଯ୍ୟନ୍ତ ଅଞ୍ଚଳର ଏବଂ ଜନସାଧାରଣଙ୍କର ଲୋକହିତକର କାର୍ଯ୍ୟ କରିଚାଲିଥିବା କର୍ମଠ ବିଧାୟକ ଶ୍ରୀ ସାହୁଙ୍କ ଗୁଣ ଗାନ କରିଥିଲେ।

ଶିମିଳିପାଳ ଅଭୟାରଣ୍ୟରେ ବନ କର୍ମଚାରୀ ଶହୀଦ ଘଟଣା

୩ ଜଣିଆ କେନ୍ଦ୍ରୀୟ ଟିମ୍‌ର ତଦନ୍ତ ଆରମ୍ଭ

କରଞ୍ଜିଆ (ଭାସ୍କର ନ୍ୟୁଜ): ଅସୁରକ୍ଷିତ ହେଇ ପଡ଼ିଛି ଶିମିଳିପାଳ ଅଭୟାରଣ୍ୟ । ଶିକାରୀ ବନ୍ୟଜନ୍ତୁ ଶିକାର କରିବା ବଦଳରେ ବନ ବିଭାଗ କର୍ମଚାରୀ ଙ୍କୁ ଶିକାର କରୁଛନ୍ତି । ଆଉ ଖୋଲାଖୋଲି ଚାଲେଞ୍ଜ କରୁଛନ୍ତି ବନ ବିଭାଗକୁ । ମାସେ ମଧ୍ୟରେ ଦୁଇ ଦୁଇ ଜଣ ବନ ବିଭାଗ କର୍ମଚାରୀ ମୃତ୍ୟୁ ହେଇଥିବା ବେଳେ ଜଣେ ଶିକାରୀଙ୍କ ମୃତ୍ୟୁ ହେଇଛି । ୨୭୫୦ ବର୍ଗ କିଲୋମିଟର ପରମତ ଅଞ୍ଚଳ ହେଉଛ ଶିମିଳିପାଳ ଅଭୟାରଣ୍ୟ । ଶିମିଳିପାଳ ଜଲ୍ଲାର ଶମଳପାଳ ଏବଂ ବଭନ୍ନ ଜଙ୍ଗଲ ରେ ଫରେଷ୍ଟଗାଡ଼, ଫରେଷ୍ଟର, ଡେପୁଟି ରେଞ୍ଜ ଅଫିସର ପ୍ରଭୃତି ପ୍ରେଟ୍ରୋଲିଂ ନକରି କାର୍ଯ୍ୟ କରୁଛନ୍ତି । ଅପର ପକ୍ଷରେ ଶିମିଳିପାଳ ଅଭୟାରଣ୍ୟ ରେ ବାରମ୍ବାର କାହିଁକି ବନ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ହେଉଛି । ଗତ ଶୁକ୍ରବାର ଦିନ ଶିମିଳିପାଳ ଅଭୟାରଣ୍ୟ ରେ ଥିବା ଉପରବାରା କାମୁଡା ରେଞ୍ଜ ଅନ୍ତର୍ଗତ ଗାମୁଛାଝରଣ ବିଟ ନିକଟରେ ଶିକାରୀ ଗୁଳିରେ ଭାରପ୍ରାପ୍ତ ରେଞ୍ଜ ଅଫିସର ମାଟି ହାସଦା ଶହୀଦ ହେଇଥିଲେ । ମାସେ ମଧ୍ୟରେ ଦୁଇଜଣ ବନ ବିଭାଗ କର୍ମଚାରୀ ଶହିଦ ହେଲେଣି । ଏହା ଉଚ୍ଚ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହେଇଛି । ତଦନ୍ତ କରିବା ପାଇଁ ତିନି ଜଣିଆ କେନ୍ଦ୍ରୀୟ ଟିମ ଶିମିଳିପାଳ ଅଭୟାରଣ୍ୟ ରେ ପହଚଛନ୍ତ । କେନ୍ଦୁମୁଣ୍ଡି ଦେଇ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିଲେ କେନ୍ଦ୍ରୀୟ ଟିମ। ଏହି ଟିମରେ ଏନ.ଟି.ସି.ଏ. ସମ୍ପାଦକ, inspector general forest IG, ମୟୁରଭଞ୍ଜ ଜିଲ୍ଲାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଫିଲଡ୍ ଡ଼ାଇରେକ୍ଟର ପ୍ରକାଶ ଚାନ୍ଦ ଗୋବିନ୍ଦ, ଉତ୍ତର ଶିମିଳିପାଳ ଡେପୁଟି ଡ଼ାଇରେକ୍ଟର ସାଇ କିରଣ.ଡି.ଏନ, ଦକ୍ଷିଣ ଏବଂ ଉତ୍ତର ଶିମିଳିପାଳର ଏ.ସ.ଏଫ. ପ୍ରଭୃତ ଉପସ୍ଥିତ ଅଛନ୍ତ। ଗତ ଶୁକ୍ରବାର କେଉଁ ପରିସ୍ଥିତି ରେ ଶିକାରୀ ଏବଂ ବନ ବିଭାଗ କର୍ମଚାରୀ ମୁହାମୁହିଁ ହେଇଥିଲେ । ବନ ବିଭାଗ କର୍ମଚାରୀ ପାଖରେ ବନ୍ଧୁକ ଥିଲାକି ନାହିଁ। ରାଜ୍ୟ ସରକାର ଶିମିଳିପାଳ ସୁରକ୍ଷା ଦେବାରେ ବିଫଳ କି । ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜିବ କେନ୍ଦ୍ରୀୟ ଟିମ। ଅନ୍ୟ ପଟେ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ମାଟି ହାସଦା ଶହୀଦ ହେବାର ୫ ରୁ ୬ ଦିନ ବିତି ଯାଇଥିଲେ ବି ପୋଲିସ ହାତ ଖାଲି । ପୋଲିସ ପକ୍ଷରୁ ଏବେବ ବଭନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ।

୬ ଦିନପରେ ବି ପୋଲିସ ହାତ ଖାଲି

ଟ୍ରକ୍‌କୁ ଧକ୍କା ଦେଲା ପିସିଆରଃ ୩ ଆହତ

କଣ୍ଧମାଳ (ଭାସ୍କର ନ୍ୟୁଜ): ଭୟଙ୍କର ଦୁର୍ଘଟଣା। ଚୂର୍‌ମାର୍ ହୋଇଗଲା ୧୧୨ ପିସିଆର୍। ଲୋକଙ୍କୁ ସୁରକ୍ଷିତ ଦେଉଥିବା ପୋଲିସର ୧୧୨ ପିସିଆର୍ ଏପରି ଦୁର୍ଘଟଣା ଘଟିଛି। ସମ୍ପୂର୍ଣ୍ଣ ରୂପେ ଗାଡ଼ିଟି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୋଲିସର ପିସିଆର୍ ଲୋକଙ୍କ ସୁରକ୍ଷା ନିମନ୍ତେ ନିୟୋଜିତ ହୋଇଥିବା ବେଳେ ଗତ ରାତିରେ କୌଣସି ସୂତ୍ରରୁ ବାଉଁଶୁଣୀ ଠାରେ ଦୁର୍ଘଟଣା ଘଟିଥିବା ଖବର ପାଇ ଉକ୍ତ ପିସିଆର୍‌ଟି ସେଠାକୁ ଯାଇଥିଲା। ବାଉଁଶୁଣୀରୁ କାର୍ଯ୍ୟ ସାରି ମନମୁଣ୍ଡା ପଟକୁ ଆସୁଥିବା ବେଳେ ଜାତୀୟ ରାଜପଥ ୫୭ର ତୃପ୍ତି ହୋଟେଲ ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଟ୍ରକ୍ OD 21 F 8026କୁ ପଛପଟୁ ଧକ୍କା ଦେବା ଫଳରେ ପିସିଆର୍‌ଟି ସଂପୂର୍ଣ୍ଣ ଚୁରମାର ହୋଇଥିବା ଜଣାପଡ଼ିଛି। କେଉଁ ପରିସ୍ଥିତିରେ ଏଭଳି ଦୁର୍ଘଟଣା ଘଟିଲା ତାହା ତଦନ୍ତ ପରେ ଜଣାପଡ଼ିବ। ଗାଡ଼ିରେ ବସିଥିବା ୪ ଜଣଙ୍କ ମଧ୍ୟରୁ ଏସ୍‌ଆଇ ମାମିଲତା ସାମଲଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୩ ଜଣ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡିଛି।

ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ 'ଜୈବ କଳା ବିବିଧତା'କାର୍ଯ୍ୟକ୍ରମ ଅନୁଷ୍ଠିତ

କାଳିଆପାଣି , ଜୈବବିବିଧତା ସଂରକ୍ଷଣ ଓ ଏହାର ଗୁରୁତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ପକ୍ଷରୁ ଗୁରୁବାର ସୁକିନ୍ଦା କ୍ରୋମାଇଟ୍ ଖଣି ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ "ଜୈବ କଳା ବିବିଧତା' ଆୟୋଜନ କରାଯାଇଥିଲା । 'କଳା ଜରିଆରେ ଜୈବବିବିଧତାର ପରିପ୍ରକାଶ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ବିବିଧ କଳାର ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଜୈବ ବିବିଧତାକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜୀବଜଗତ ସଂରକ୍ଷଣର ଆବଶ୍ୟକତା ବିଷୟରେ ସେମାନଙ୍କୁ ବୁଝାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଏବଂ ଏହି ବିଷୟକୁ ନେଇ ଆୟୋଜିତ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ପରିବେଶବିତ୍, କଳାକାର, ଗୋଷ୍ଠୀ ସଦସ୍ୟ ଓ ଟାଟା ଷ୍ଟିଲ୍ ମାଇନିଂର କର୍ମଚାରୀମାନେ ଏକତ୍ରୀତ ହୋଇଥିଲେ ଓ ଆଲୋଚନାଗୁଡ଼ିକ ଜୈବବିବିଧତା ସଂରକ୍ଷଣ ଉପରେ ପର୍ଯ୍ୟବେସିତ ଥିଲା । ଏହି କାର୍ଯ୍ୟକ୍ରମ ସହିତ ସମାନ୍ତରାଳ ଭାବେ ଶିଳ୍ପୀ ନିକେତନ, ଜାମସେଦପୁରର ବାଦଲ ପ୍ରମାଣିକ ଓ ତାଙ୍କ ଟିମ୍ ଦ୍ୱାରା ଏକ ତିନି ଦିନିଆ କଳା ଓ ହସ୍ତକଳା କର୍ମଶାଳା ଆୟୋଜନ କରାଯାଇଥିଲା । କର୍ମଶାଳାର ଅଂଶଗ୍ରହଣକାରୀମାନେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପରେ ନିୟୋଜିତ ହେବାର ସୁଯୋଗ ପାଇଥିଲେ ଓ ସେମାନେ ନିଜର କଳାତ୍ମକ ଦକ୍ଷତା ପ୍ରଦର୍ଶନ ସହ ଜୈବବିବିଧତାର ଗୁରୁତ୍ୱ ବିଷୟରେ ସୂଚିତ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ ?ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି ଯେ, "ଜୈବ କଳା ବିବିଧତା' ଭଳି କାର୍ଯ୍ୟକ୍ରମ ଜରିଆରେ ଆମେ ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ଓ ଆମ ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ଉପରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ । ଆମର ବିଶ୍ୱାସ ରହିଛି ଯେ କଳା ଓ ପ୍ରକୃତିକୁ ଏକସଙ୍ଗେ ପାଳନ କରି ଆମେ ସକାରାତ୍ମକ ପରିବର୍ତ୍ତନ ଆଣିପାରିବା ଏବଂ ଏକ ଉତମ ଭବିଷ୍ୟତ ଗଠନ କରିପାରିବା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କଳାକୃତି ଯଥା ଆକର୍ଷଣୀୟ ଚାଉଳ କଳା, ସୂକ୍ଷ୍ମ ବାଲୁକା କଳା, ସୁନ୍ଦର ଟେରାକୋଟ କଳାକୃତି, ମନମୁଗ୍ଧକର ପଟ୍ଟଚିତ୍ର ଚିତ୍ରକଳା, ସୁନ୍ଦର ଘାସ କଳାକୃତି ଏବଂ ପଥର ଖୋଦେଇ କଳା ଆଦିର ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ପ୍ରତିଟି କଳାକୃତିରେ ପ୍ରକୃତି ଓ କଳାର ନିବିଡ଼ ସମ୍ପର୍କ ପ୍ରତିଫଳିତ ହୋଇଥିବା ସହ ପରିବେଶ ଓ ଏହାର ମୂଲ୍ୟବାନ ଜୈବବିବିଧତା ସଂରକ୍ଷଣର ଆବଶ୍ୟକତା ବିଷୟରେ ସେଥିରେ ଗୁରୁତ୍ୱାରୋପ କରାଯାଇଥିଲା । ଦୀର୍ଘସ୍ଥାୟୀ ବିକାଶ ଓ ପରିବେଶ ପରିଚାଳନା ଦିଗରେ ଟାଟା ଷ୍ଟିଲ୍ ମାଇନିଂର ଉଦ୍ୟମକୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଜୈବବିବିଧତା ବୋର୍ଡର ବରିଷ୍ଠ ପ୍ରୋଜେକ୍ଟ ଫେଲୋ ଅନିଲ ଜେନା ପ୍ରଶଂସା କରିଥିଲେ । ଉଲ୍ଲେଖଯୋଗ୍ୟ, ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ବିଷୟରେ ଅବଗତ କରିବା ଓ ଆଦିବାସୀ ସମାଜର ଜ୍ଞାନକୁ ଲିପିବଦ୍ଧ କରିବା ଉପରେ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଯୁବ ଠିକାଦାର କାହ୍ନୁ ସାହୁଙ୍କୁ ଗୁଳିକାଣ୍ଡ ଘଟଣାରେ ୪ ଜଣଙ୍କୁ ଗିରଫ କରିଛି କାମାକ୍ଷାନଗର ପୋଲିସ। ତାଙ୍କ ଠାରୁ ଏକ ଜୀବନ୍ତ ଗୁଳି ଭର୍ତ୍ତି ପିସ୍ତଲ ଓ ମୋବାଇଲ ଜବତ କରିଛି ପୁଲିସ। ଦାଦାବଟି ପାଇଁ କାହ୍ନୁଙ୍କୁ ଗୁଳି ମାଡ଼ କରିଥିବା ସାମ୍ବାଦିକ ସମିଳନିରେ ସୂଚନା ଦେଇଛନ୍ତି ଢେଙ୍କାନାଳ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର। ଏପରିକି ଆଜି କାମାକ୍ଷାନଗର ପୁଲିସ ଗିରଫ ଅଭିଯୁକ୍ତ ମାନଙ୍କୁ ନେଇ ଗୁଳିମାଡ଼ କରିଥିବା ସ୍ଥଳୀ ରେ ଘଟଣାର ରିକ୍ରିଏସନ କରିଛି ପୁଲିସ । ସୂଚନା ମୂତାବକ ଗତ ୧୪ ତାରିଖ ରାତି ପ୍ରାୟ ୧୧ଟା ସମୟରେ କାହ୍ନୁ ନିଜ କାରରେ ତାଙ୍କ ଭସଭାବନ ନିକଟରେ ଫୋନରେ କଥା ହେଉଥିବା ବେଳେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ୨ରାଉଣ୍ଡ ଗୁଳି ଚଳାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଏହି ଘଟଣାକୁ ଗମ୍ଭିରତାର ସହ ନେଇ ୨ଟି ଟିମ ଗଠନ କରି ଆସାମୀମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟମାନେ ଫେରାର ଥିବା କହିଛନ୍ତି ଏସପି। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ,୪ଟି ଜିବନ୍ତ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। ଗିରଫମାନେ ହେଲେ ସୁବାସ ଖୁଣ୍ଟିଆ, ଶୁଭ୍ରାଂଶୁ ନାଏକ, ଲିପୁନ ରାଉତ ଓ ଅନିଲ କୁମାର ନାୟକ। ଗିରଫ ଅଭିଯୁକ୍ତମାନେ ସମସ୍ତେ କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳର। ଅଭିଯୁକ୍ତମାନଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ପୁଲିସ। ପ୍ରକାଶ ଥାଉକି, ଏହି ଗୁଳିମାଡ଼ରେ କାହ୍ନୁଙ୍କ ଜଙ୍ଘ ଓ ହାତରେ ୨ଟି ଗୁଳି ବାଜିଥିଲା। ତେବେ ଏହାର ପୂର୍ବରୁ କାହ୍ନୁ ସାହୁଙ୍କ ଘର ଆଗରେ ଗାଡି ଉପରକୁ ବୋମା ମାଡ ଓ ଢେଙ୍କାନାଳ ପୂର୍ତ୍ତ ବିଭାଗ ଅଫିସ ସମୁଖରୁ ଗୁଳି ଫଟାଇ ଅପହରଣ ପାଇଁ ଉଦ୍ୟମ ମଧ୍ୟ କରାଯାଇଥିଲା। ଏହି ସମସ୍ତ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ମାନେ ସଂପୃକ୍ତ ଥିବା ସୂଚନା ଦେଇଛନ୍ତି ଢେଙ୍କାନାଳ ଏସପି । ଏନେଇ କାମାକ୍ଷାନଗର ଥାନାରେ ହୋଇଥିବା ସାମ୍ବାଦିକ ସମିଳନୀରେ ସୂଚନା ଦେଇ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଭିଜିଲାନ୍ସ ଟିମ୍ ତାଟକା

ମହିଳା ଅଧିକାରିଣୀଙ୍କ ଅମାପ ସମ୍ପତ୍ତି ଠାବ

- ୩ କୋଠା, ୨ ଫ୍ଲାଟ, ୪ ପ୍ଲଟ
- ୫୩ଲକ୍ଷ ଟଙ୍କାର ବ୍ୟାଙ୍କ ଜମା
- ନଗଦ ୨.୭୯ଲକ୍ଷ ଟଙ୍କା ଜବତ
- ଗୋଟିଏ ଚାରି ଚକିଆ, ବାଇକ୍ ଠାବ
- ମିଳିଲା ବିପୁଳ ପରିମାଣର ଅଳଙ୍କାର

ଭଦ୍ରକ (ଭାସ୍କର ନ୍ୟୁଜ୍) : ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ ଜୟନ୍ତୀ ବେହେରାଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଆରମ୍ଭ ହୋଇଛି। ଚଢ଼ଉ ସମୟରେ ଶ୍ରୀମତୀ ବେହେରାଙ୍କ ଘରୁ ବିପୁଳ ପରିମାଣର ସମ୍ପତ୍ତି ଠାବ କରାଯାଇଛି। ଯାହାକୁ ଦେଖି ଭିଜିଲାନ୍ସ ବିଭାଗ ତାଜୁବ ହୋଇଯାଇଛି। ଭୁବନେଶ୍ୱର ଗୌତମ ନଗର ଓ ଓଲ୍ଡ ଟାଉନରେ ଥିବା ଫ୍ଲାଟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ଥିବା ତାଙ୍କ ଅଫିସ, ବାଲେଶ୍ୱର ସହଦେବଖୁଣ୍ଟା ଓ ଗଣେଶପୁରସ୍ଥିତ ୩ମହଲା ଘର ସହ ତାଙ୍କର କେତେକ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ଉ ଚାଲିଛି। ଚଢ଼ଉ ସମୟରେ ତାଙ୍କର ୩ଟି ବଡବଡ କୋଠା, ୨ଟି ଫ୍ଲାଟ ଓ ୪ପ୍ଲଟ ସହ ଗାଡି ଓ ଗହଣା ଥିବା ଠାବ କରାଯାଇଛି। ବାଲେଶ୍ୱରରେ ଦୁଇଟି ୩ମହଲା କୋଠା ଓ ଗୋଟିଏ ଦୁଇ ମହଲା କୋଠା ଠାବ କରାଯାଇଥିବା ବେଳେ ବାଲେଶ୍ୱରର ପ୍ରମୁଖ ସ୍ଥାନରେ ୪ଟି ପ୍ଲଟ ମଧ୍ୟ ଠାବ ହୋଇଛି। ଏହାସହ ୨.୭୯ଲକ୍ଷ ନଗଦ ଟଙ୍କା ଏବଂ ବ୍ୟାଙ୍କରେ ୫୩ଲକ୍ଷ ଟଙ୍କା ଜମା ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବ୍ୟତୀତ ତାଙ୍କ ଘରୁ ବିପୁଳ ପରିମାଣର ସୁନା ଓ ରୂପା ଅଳଙ୍କାର ଜବତ କରାଯାଇଛି। ବାଲେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ଉ କରାଯାଉଛି। ଏଥିରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୪ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ନିକଟରେ ଶ୍ରୀମତୀ ବେହେରାଙ୍କୁ ଭୁବନେଶ୍ୱରସ୍ଥ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ବଦଳି କରାଯାଇଥିଲା। ଅନ୍ୟପକ୍ଷରେ ଜୟନ୍ତୀଙ୍କ ପୁଅ ରୋହିତ କହିଛନ୍ତି ଯେ, ବାପା ଚାକିରି କରିଥିଲେ ଓ ମା' ମଧ୍ୟ ଚାକିରିରେ ରହିଛନ୍ତି। ଆମେମାନେ ମଧ୍ୟ ବ୍ୟବସାୟ କରୁଛୁ। ଏହାଛଡା ମଧ୍ୟ କିଛି ଘରଭଡା ଆସୁଛି। ତେଣୁ ଭିଜିଲାନ୍ସ ଯାଞ୍ଚ ପରେ ସତ କଣ ତାହା ଜଣାପଡିବ ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି।

ବାଲେଶ୍ୱରରେ ୫-ଟି ସଚିବ

ପଞ୍ଚଲିଙ୍ଗେଶ୍ୱର, କ୍ଷୀରଚୋରା ଗୋପୀନାଥ ମନ୍ଦିରର ହେବ କାୟା ପରିବର୍ତ୍ତନ

- ଡିସେମ୍ବର ସୁଦ୍ଧା ସରିବ ସାଳନ୍ଦୀ କେନାଲ ନିର୍ମାଣ
- ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା
- ଏକ ପଞ୍ଚାୟତ, ଏକ ଉତ୍ପାଦକୁ ପ୍ରୋତ୍ସାହନ

ଭୁବନେଶ୍ୱର/ବାଲେଶ୍ୱର (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ରେମୁଣାରେ ଫକୀରମୋହନ ମେଡ଼ିକାଲ କଲେଜଠାରେ ଶ୍ରୀ ପାଣ୍ଡିଆନ କଲେଜ କର୍ମଚାରୀ ଓ ରେଳ ଦୁର୍ଘଟଣା ସମୟରେ ରକ୍ତଦାନ କରିଥିବା ଯୁବକମାନଙ୍କୁ ଭେଟି ସେମାନଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ଔପଦା ବ୍ଲକରେ ଥିବା ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ଓ ରେମୁଣା ବ୍ଲକରେ ଥିବା କ୍ଷୀରଚୋରା ଗୋପୀନାଥ ମନ୍ଦିର ପରିଦର୍ଶନ କରି ଏହାର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ସଂପର୍କରେ ମନ୍ଦିର କମିଟି, ସ୍ଥାନୀୟ ଲୋକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଔପଦା ବ୍ଲକରେ ଚାଲିଥିବା ସାଳନ୍ଦୀ କେନାଲର ନିର୍ମାଣ କାମ ପରିଦର୍ଶନ କରି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଡିସେମ୍ବର ସୁଦ୍ଧା କେନାଲ ନିର୍ମାଣ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିମୁଳିଆ ବ୍ଲକର ଜାମଝରି ଓ ଔଷପଦା ବ୍ଲକର ଗଉଡ଼ଗଡ଼ିଆ ପଞ୍ଚାୟତ ପରିଦର୍ଶନ କରି ସେଠାରେ ଏକ ପଞ୍ଚାୟତ-ଏକ ଉତ୍ପାଦ ପ୍ରୋତ୍ସାହନ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ମିଶନଶକ୍ତି ସଦସ୍ୟାମାନଙ୍କ ଦ୍ୱାରା ବାଉଁଶରେ ନିର୍ମିତ ବିଭିନ୍ନ ଉତ୍ପାଦର ଉଚ୍ଚ ପ୍ରଶଂସା କରିଥିଲେ। ଏହାପରେ ସୋର ବ୍ଲକର ୟୁଏନ୍ କଲେଜ, ଖଇରା ବ୍ଲକର କୁପାରୀ ପଞ୍ଚାୟତ ପଡ଼ିଆ, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ଫକୀରମୋହନ ମେଡ଼ିକାଲ କଲେଜ, ବାମପଡ଼ାସ୍ଥିତ ନୋସିଠାରେ ସ୍ଥାନୀୟ ଲୋକ, ମିଶନଶକ୍ତି ସଦସ୍ୟା ଓ ବିଭିନ୍ନ ସଂଗଠନମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ସଂପର୍କରେ ବୁଝିଥିଲେ।

୮୫ ଗ୍ରାମ୍ ବ୍ରାଉନ୍ ସୁଗର ଜବତ

ନିମାପଡ଼ା (ଭାସ୍କର ନ୍ୟୁଜ୍): ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରାପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ନିମାପଡ଼ା ଥାନା ଅଧିନ ରତ୍ନାକର ବିହାର ଓମ୍‌ଫେଡ୍ ଛକ ନିକଟରେ ଚଢ଼ାଉ କରି ଅନୀଲ କୁମାର ରାଉତ (୩୦) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୮୫ ଗ୍ରାମ୍ ବ୍ରାଉନ୍ ସୁଗାର (ହେରୋଇନ) ଜବତ କରି ନିମାପଡ଼ା ଅବକାରୀ ଥାନା କେସ୍ ନଂ-୪୩/୨୩-୨୪ରେ କୋର୍ଟ ଚାଲାଣ କରି ଜାମିନ୍ ନାମୁର ହେବାରୁ ନିମାପଡ଼ା ଉପ-କାରାଗାରକୁ ପଠାଯାଇଛି। ଜବତ ବ୍ରାଉନ୍ ସୁଗାରର ମୂଲ୍ୟ ପ୍ରାୟ ଆଠ ଲକ୍ଷ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଏହି ଚଢ଼ାଉରେ ଅବକାରୀ ଏଏସ୍‌ଆଇ ଜିତେନ୍ଦ୍ର କୁମାର ବେହେରା, ଷ୍ଟାଫ୍ ପ୍ରଦୀପ୍ତ କୁମାର ପଣ୍ଡା ସାମିଲ ଥିଲେ।

ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଯୋଗଦିବସ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଅନ୍ତର୍ଗତ ବାଙ୍କୋଇସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଓ ବ୍ରହ୍ମକୁମାରୀ ରଶ୍ମିତାଙ୍କ ଆବାହକତ୍ୱରେ ୯ତମ ଅନ୍ତଃରାଷ୍ଟ୍ରୀୟ ଯୋଗଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଗଦିବସରେ ୧୫୦ଜଣ ବ୍ରହ୍ମାକୁମାର ଓ ବ୍ରହ୍ମକୁମାରୀ ଭାଇ ଭଉଣୀମାନେ ଯୋଗଦେଇ ସୁସ୍ଥ ତଥା ନିରୋଗ ରହିବା ପାଇଁ ଯୋଗାସନ କରିଥିଲେ। ଭାରତବର୍ଷର ଏହି ପ୍ରାଚୀନ ରାଜଯୋଗର ଅଭ୍ୟାସଦ୍ୱାରା ବ୍ୟକ୍ତିର ମାନସିକ, ଶାରୀରିକ ଓ ବୌଦ୍ଧିକ ସୁସ୍ଥତା ରକ୍ଷା କରାଯାଇପାରେ ବୋଲି ରାଜ ଯୋଗିନୀ ବ୍ରହ୍ମାକୁମାରୀ ରଶ୍ମିତା ପରାମର୍ଶ ଦେଇଥିଲେ। ରାଜଯୋଗ ଦ୍ୱାରା ପ୍ରକୃତରେ ସନ୍ତୁଳିତ ଜୀବନ ପଦ୍ଧତି ଶିକ୍ଷାକରି ପରସ୍ପର ମଧ୍ୟରେ ମିତ୍ରତା ସ୍ଥାପନ, ସଦଗୁଣର ବିକାଶ ସମ୍ଭବ ହୋଇପାରିଥାଏ। ଏହି ଆନ୍ତର୍ଜାତିକ ଯୋଗଦିବସରେ ମୁଖ୍ୟଅତିଥିଭାବେ ସରପଞ୍ଚ ରଶ୍ମିତା ରାଉତରାୟ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଭକ୍ତି ସଂଗୀତରେ ଶରଧାବାଲି ମୁଖରିତ: ଶ୍ରଦ୍ଧାଳୁ ବିମୋହିତ

ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିବିଧ କାର୍ଯ୍ୟକ୍ରମ ଆୟୋଜନ

ପୁରୀ(ଭାସ୍କର ନ୍ୟୁଜ): ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ତିନିରଥ ଗୁଣ୍ଡିଚା ଦ୍ୱାରରେ ପହଂଚିବା ପରେ ଚଳଚଂଚଳ ହୋଇଛି ଶରଧାବାଲି । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏହି ନବଦିନାତ୍ମକ ଯାତ୍ରା ଅବସରରେ ଗୁଣ୍ଡିଚାବାଡ଼ି ମୁକ୍ତାକାଶ ରଙ୍ଗମଂଚରେ ଆରମ୍ଭ ହୋଇଛି ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ । ପ୍ରଥମ ସନ୍ଧ୍ୟାରେ ଭକ୍ତି ଓ ଭାବରସରେ ନିମଜ୍ଜିତ ଭଜନ ସନ୍ଧ୍ୟାରେ ଓଡ଼ିଶାର ସୁପ୍ରସିଦ୍ଧ ଭଜନ ଗାୟିକା ଶ୍ରୀମତୀ ଶାନ୍ତିଲତା ଛୋଟରାୟ, ମନ୍ମଥ ମିଶ୍ର ପ୍ରମୁଖ ଭଜନ ପରିବେଷଣ କରି ଦର୍ଶକ, ଭକ୍ତ, ଶ୍ରଦ୍ଧାଳୁ ଓ ଭଜନପ୍ରେମୀମାନଙ୍କୁ ବିମୋହିତ କରିଥିଲେ । ବାହୁଡ଼ା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଭଜନ କାର୍ଯ୍ୟକ୍ରମରେ ପ୍ରତ୍ୟହ ବିଭିନ୍ନ ସଂଗୀତ ଅନୁଷ୍ଠାନର ପରିଚାଳନାରେ ଓଡ଼ିଶାର ଭଜନ ଓ ଆଧ୍ୟାତ୍ମିକ ସଂଗୀତ ଜଗତର ଖ୍ୟାତନାମା କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିବେ । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଶରଧାବାଲିରେ ସଂଗୀତ ପରିବେଷଣ କରିବାକୁ ସୁଯୋଗ ଦେଇଥିବାରୁ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀ ମନ୍ମଥ ମିଶ୍ର ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି କହିଥିଲେ । ସେହିପରି ପୁରୀର ୯ଟି ସ୍ଥାନ ଯଥା-ଜଗନ୍ନାଥ ବଲ୍ଲଭ ମଠ, ବଡ଼ଶଙ୍ଖ, ବଳଗଣ୍ଡି, ରେଲୱେ ଷ୍ଟେସନ୍, ସୁବାସ ବୋଷ ଛକ, ଦିଗବାରେଣୀ, ପାନ୍ଥଭବନ, ତାଳବଣିଆ, ମାଳତୀପାଟପୁରଠାରେ ଥିବା ସୂଚନା କେନ୍ଦ୍ରଗୁଡ଼ିକରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟହ ସ୍ଥାନୀୟ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପାଲା, ଦାସକାଠିଆ, ଘୋଡ଼ାନାଚ, ସଂକୀର୍ତ୍ତନ ଆଦି ପରିବେଷଣ କରାଯାଉଛି, ଯାହାକୁ ଦେଖିବା ନିମନ୍ତେ ପ୍ରବଳ ଜନଗହଳି ପରିଲକ୍ଷିତ ହେଉଛି । ଏହିସବୁ ସୂଚନା କେନ୍ଦ୍ରଗୁଡ଼ିକରେ ବିଭାଗ ଦ୍ୱାରା ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ କିଣିନେବା ପାଇଁ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ଅସାଧାରଣ ଆଗ୍ରହ ଦେଖିବାକୁ ମିଳୁଛି । ଭୋଳାନାଥ ବିଦ୍ୟାପୀଠ ପରିସରରେ ପଲ୍ଲୀଶ୍ରୀ ମେଳାରେ ମଧ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ତଥା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ଦେଖିବା ନିମନ୍ତେ ମଧ୍ୟ ବହୁସଂଖ୍ୟାରେ ଜନସାଧାରଣ ଆସୁଥିବା ଦେଖିବାକୁ ମିଳୁଛି ।

ମହାନଦୀକୁ ପାଣି ଛାଡିଲା ଛତିଶଗଡ

କଲମା, କେଲୋ ଡ୍ୟାମ୍‌ରୁ ଜଳ ନିଷ୍କାସନ

ଝାରସୁଗୁଡା (ଭାସ୍କର ନ୍ୟୁଜ) : ଚଳିତ ମୌସୁମୀ ଋତୁରେ ଛତିଶଗଡ ପ୍ରଥମଥର ପାଇଁ ମହାନଦୀକୁ ଜଳ ଛାଡିଛି। କଲମା ବ୍ୟାରେଜର ୫ଟି ଗେଟ୍ ଖୋଲାଯିବା ପରେ ମହାନଦୀରେ ବନ୍ୟା ଜଳ ଆସିବା ଆଶଙ୍କା ପ୍ରକାଶ ପାଇଛି। ଛତିଶଗଡ ସରକାରଙ୍କ ମନମୁଖୀ କାର୍ଯ୍ୟ ଓ ସ୍ୱଳ୍ପ ବୃଷ୍ଟିପାତ ଫଳରେ ମହାନଦୀର ଓଡ଼ିଶା ପାର୍ଶ୍ୱ ସମ୍ପୂର୍ଣ୍ଣଭାବେ ଶୁଖି ଯାଇଥିଲା। ତେବେ କଲମା ବ୍ୟାରେଜରୁ ଜଳ ନିଷ୍କାସନ ହେବା ଫଳରେ ଲଖନପୁର ବ୍ଲକ୍ ସୁଖାସୋଡା, ସରଧାଘାଟ କେତେକ ସ୍ଥାନରେ ପାଣି ଆସୁଥିବା ଦେଖିବାକୁ ମିଳିଛି। ଫଳରେ ଛତିଶଗଡ ଓଡ଼ିଶା ସୀମାନ୍ତ ନେଇ ପ୍ରବାହିତ କେଲୋ ନଦୀ କୂଳର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଗୋଟିଏ ପଟେ ଛତିଶଗଡରେ ବର୍ତ୍ତମାନ ସୁଦ୍ଧା କୌଣସି ମୌସୁମୀ ବର୍ଷା ହୋଇନଥିବା ବେଳେ ଆଉ ଗୋଟିଏ ପଟେ ବନ୍ଧ ବାନ୍ଧି ପାଣିକୁ ଅଟକାଇ ରଖିଥିବା ଛତିଶଗଡ ସରକାର ଏବେ ପାଣି ଛାଡିଛନ୍ତି। ଛତିଶଗଡ ସରକାରଙ୍କ ଏହି ଆଭିମୁଖ୍ୟ ଏବେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଗତବର୍ଷ ତୁଳନାରେ ଚଳିତ ଜୁନ୍‌ରେ ଛତିଶଗଡରେ ୯୬ପ୍ରତିଶତ କମ୍ ବୃଷ୍ଟିପାତ ହୋଇଛି। ଏବେ ବି ଛତିଶଗଡର ୮ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗତ ୨୪ଘଣ୍ଟାରେ ମହାନଦୀର ଉପରମୁଣ୍ଡରେ ୩.୭୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗତ ୧୬ତାରିଖ ଠାରୁ କଲମା ବ୍ୟାରେଜ ଦେଇ ଚଳିତବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ହେବା ନେଇ ଛତିଶଗଡ ସରକାର ସୂଚନା ଦେଇଥିଲେ। ତେବେ ଠିକ୍ ସମୟରେ ମୌସୁମୀ ପହଞ୍ଚି ନଥିବାରୁ ୧୬ତାରିଖରେ ଗେଟ ଖୋଲାଯାଇନଥିଲା। ଏହାପରେ କଲମା ବ୍ୟାରେଜର ୧୦ଟି ଗେଟ୍ ଏକସଙ୍ଗରେ ଖୋଲାଯାଇଥିଲା। ଏହାପରେ ୫ଟି ଗେଟ୍ ବନ୍ଦ କରିଦିଆଯାଇଥିଲା। ଏବେ କଲମାର ୫ଟି ଗେଟ୍ ଓ କେଲୋର ଦୁଇଟି ଗେଟ ଖୋଲାଯାଇ ଜଳନିଷ୍କାସନ କରାଯାଉଛି। ଫଳରେ ମହାନଦୀ କୂଳିଆ ବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ଶ୍ରୀଅଙ୍ଗକୁ ବିପଦ ମୂଷା

ଗର୍ଭଗୃହ ଯାଞ୍ଚ କଲା ଏଏସ୍‌ଆଇ, ବୈଷୟିକ ଟିମ୍

ପୁରୀ (ଭାସ୍କର ନ୍ୟୁଜ୍) : ଶ୍ରୀମନ୍ଦିର ଗର୍ଭଗୃହର ମିଳିତ ଯାଞ୍ଚ ଗୁରୁବାର କରାଯାଇଛି। ଗର୍ଭ ଗୃହରେ ଶ୍ରୀଅଙ୍ଗ ପାଇଁ ମୂଷା ବିପଦ ସାଜି ଥିବାରୁ ଉଭୟ ଏଏସ୍‌ଆଇ ଓ ବୈଷୟିକ ଟିମ୍ ଏହାକୁ ଯାଞ୍ଚ କରିଛନ୍ତି। ଶ୍ରୀମନ୍ଦିର ପହଡ ପଡିବା ପରେ ରତ୍ନସିଂହାସନକୁ ମୂଷା ଆସି ଡିଆଁ ମାରୁଛନ୍ତି। ଏପରିକି ଶ୍ରୀଜାଙ୍କଡଙ୍କ ଅଙ୍ଗ ଲାଗି କାଟି ନଷ୍ଟ କରିଦେଉଛନ୍ତି। ଏହାସହ ଫୁଲମାଳ ଓ ମହାପ୍ରଭୁଙ୍କ ବସ୍ତ୍ର ମଧ୍ୟ କାଟୁଥିବା ଜଣାପଡିବା ପରେ ଏନେଇ ପଦକ୍ଷେପ ନିଆଯାଇଛି। ପ୍ରାୟ ବର୍ଷେ ହେବ ମୂଷାମାନେ ଏପରି ଛାରଖାର କରୁଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଏନେଇ ନୀରବତା ଅବଲମ୍ବନ କରିଆସୁଥିଲା। ତେବେ ନୂତନ ମୁଖ୍ୟ ପ୍ରଶାସକ ଦାୟିତ୍ୱ ନେବା ପରେ ଏନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ସିଂହଦ୍ୱାରା ରୂପା ଛାଉଣୀ କାମର ଅନୁଧ୍ୟାନ ମଧ୍ୟ ଏଏସ୍‌ଆଇ କରିଥିବା ସୂଚନା ମିଳିଛି। ସିଂହଦ୍ୱାରରେ ଲାଗିଥିବା ପିତଳ କବାଟକୁ ଖୋଲାଯାଇ ତା'ସ୍ଥାନରେ ରୂପା କବାଟ ଲଗାଯାଉଛି। ଏଥିପାଇଁ ସିଂହଦ୍ୱାରରେ ଅସ୍ଥାୟୀ ଫ୍ରେମ୍ ମଧ୍ୟ ଲଗାଯାଇଛି। ସିଂହଦ୍ୱାରରେ ରୂପା କବାଟ ଲାଗି ମୁମ୍ବାଇର ଜଣେ ଦାତା ରୂପା ଦାନ କରିଥିଲେ। ସେହି ରୂପରେ ଉତ୍କଳୀୟ ଢ଼ାଞ୍ଚାରେ ସୁନ୍

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍):ଶରୀର ଓ ମନକୁ ସୁସ୍ଥ ରଖିବାର ପ୍ରକୃଷ୍ଟ ମାଧ୍ୟମ ହେଉଛି ଯୋଗ। ଆଜି ନବମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି ।ଯୋଗଶିକ୍ଷକ ଅଭୟ ଚରଣ ସାହୁ ଓ କ୍ରୀଡା ଶିକ୍ଷକ ପ୍ରିୟତମା ସାହୁ ଛାତ୍ରଛାତ୍ରୀମାନଙ୍କୁ କେତେକ ଯୋଗ ଅଭ୍ୟାସ ମାଧ୍ୟମରେ ଯୋଗ ଶିକ୍ଷା ଦେବା ସହ ଏହାକୁ ଘରେ ପ୍ରତିଦିନ ଅଭ୍ୟାସ କରିବାର ନିୟମ ସମ୍ପର୍କରେ ବୁଝାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ଦେବୀ,ପପଲିନ୍ ପ୍ରଧାନ, ସତ୍ୟଭାମା ବେହେରା, ଶିକ୍ଷକ ନାରାୟଣ ବରାଳ, ଟିକେଇ ଦଳାଇ, ସୋମନାଥ ବେହେରା,ମାନସ ସ୍ୱାଇଁ, ସିଆରସିସି ଲୋକନାଥ ପ୍ରଧାନ ପ୍ରମୁଖ ଏହି ଯୋଗ ଶିବିରରେ ଯୋଗଦେଇ ନିୟମିତ ଯୋଗ କଲେ ଶରୀର ଓ ମନ ସୁସ୍ଥ ରହିବ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

ନଳକୂପରେ ଆସୁନି ପାଣି, ଠିକାଦାରଙ୍କ ମନୋମୁଖୀ କାମ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଫେଲ ମାରିଛି ବସୁଧା ଯୋଜନା। କାମରେ ଆସୁନି କୋଟି କୋଟି ଟଙ୍କାର ପାଣି ଟାଙ୍କି। ପାଣି ପୋଷ୍ଟ ଅଚଳ। ଅସହ୍ୟ ଗୁଳୁଗୁଳିକୁ ଜଳ କଷ୍ଟରେ ତହଲବିକଳ ହେଉଛନ୍ତି ଲୋକେ। ବସୁଧା ଯୋଜନା ମାଧ୍ୟମରେ ଲୋକମାନଙ୍କୁ ପାଣି ଯୋଗାଇ ଦେବା ଲାଗି ସରକାର ବିଭିନ୍ନ ଗ୍ରାମର ବୋରୱେଲ ସହିତ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲି ନୀତିଯୋଗୁଁ ଅନେକ ସ୍ଥାନରେ ପାଣି ଟୋପାଏ ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ନାଗପୁର ଗଡ଼ଜାତସାହି ଓ ଜାମୁଗାଁ ଅଞ୍ଚଳରେ ଏପରି ଦେଖିବାକୁ ମିଳିଛି। ଉପକୂଳବର୍ତ୍ତୀ ଅଞ୍ଚଳ ମାଣ୍ଡୁକି ପଞ୍ଚାୟତକୁ ପାନୀୟଜଳ ଯୋଗାଇଦେବା ଲାଗି ବସୁଧା ଯୋଜନା ପାନୀୟ ଜଳ ବିଭାଗ ପକ୍ଷରୁ ବୋରୱେଲ ଖୋଳା ଯିବା ସହ ଏକ ଓଭରହେଡ୍ ଟାଙ୍କି କରାଯାଇଛି। ଓଭର ହେଡ୍ ଟାଙ୍କିରୁ ପାଣି ଯାଉନଥିବା ସହ ବିଭିନ୍ନ ସ୍ଥାନରେ ପାଇପି ଫାଟି ଯିବାରୁ ଲୋକେ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲୋକମାନଙ୍କୁ ପାଣି ଯୋଗାଇ ଦେବା ଲାଗି ଟାଙ୍କିରୁ ଗାଁ କୁ ପାଇପି ସଂଯୋଗ କରାଯାଇଛି। ଠିକାଦାରଙ୍କ ନିମ୍ନ ମାନର କାମ ଯୋଗୁଁ କେଉଁଠି ଷ୍ଟାଣ୍ଡ ପୋଷ୍ଟ ଅଚଳ ତ କେଉଁଠି ପାଣି ପାଇପି ଫାଟି ଗଲାଣି ତ କେଉଁଠି ଗଛ ଲତା ମାଡି ଗଲାଣି। ଏ ବିଷୟରେ ବିଭାଗୀୟ ଅଧିକାରୀ ଆର.ଡବ୍ଲ୍ୟୁଏସଏସ ଯନ୍ତ୍ରୀ ସତ୍ୟ ଶଙ୍କର ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ପାଣି ପାଇପି ଫାଟି ଯାଇଛି, ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଠିକାଦାରଙ୍କୁ ଜଣାଇଛନ୍ତି ତୁରନ୍ତ କାମ ହେବ ବୋଲି ଯଦି ଠିକାଦାର କାମ ନକରନ୍ତି ଯନ୍ତ୍ରୀ ଉଚ୍ଚ ସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ। ଯାହା ଫଳରେ ଲୋକେ ପାଣି ଟୋପେ ପାଇ ଅସୁବିଧା ସମ୍ମୁଖୀନ ହେଉଛନ୍ତି। କେବେ ଏମାନଙ୍କ ସମସ୍ୟା ସମାଧାନ ହେବ ଦେଖିବାକୁ ବାକି ରହିଲା।

ରାସ୍ତାର ଦୁରାବସ୍ଥା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ଆରମ୍ଭ ପାଳଦାବାଙ୍କ ଠାରେ ଦୁରାବସ୍ଥା ପ୍ରତିକାର ପାଇଁ ଗୁରୁବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଦ୍ରୀ ନାରାୟଣ ଧଳଙ୍କ ନେତୃତ୍ୱରେ ତାରେଣୀସେନ ଜେନା ପ୍ରମୁଖ ବ୍ୟକ୍ତିମାନେ ଜିଲ୍ଲାପାଳଙ୍କୁ ଏଥିନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜପଥ କର୍ତ୍ତୃପକ୍ଷ ସଂପୃକ୍ତ ସ୍ଥାନରେ ରାସ୍ତାକୁ ରାଜପଥ ଅଣ୍ଡରପାସ ରୋଡ ସହ ସଂଯୋଗ କରିବା ଲକ୍ଷ୍ୟରେ ଭାଙ୍ଗିଦେଇ ପଳାଇ ଯାଇଥିଲେ। ମାତ୍ର ରାସ୍ତା ନିର୍ମାଣ ହୋଇନଥିଲା। ଗତ ୪ ମାସ ଧରି ଲୋକେ ଅପେକ୍ଷା କରିବା ପରେ ଧୈର୍ଯ୍ୟଚ୍ୟୁତ ହୋଇଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରନ୍ତୁ ବୋଲି ଦାବି କରାଯାଇଛି। ବିଭିନ୍ନ ସ୍ଥାନୀୟ ଲୋକେ ବିପଦସଂକୁଳ ଭାବେ ରାସ୍ତା ଅତିକ୍ରମ କରିବକୁ ବାଧ୍ୟ ହେଉଛନ୍ତି। ପୁନଶ୍ଚ ୨୧ କୋଟି ବ୍ୟକ୍ତି ଖର୍ଚ୍ଚ ସରିବା ପରେ ରାସ୍ତାର ନିର୍ମାଣ କାର୍ଯ୍ୟ ସରୁ ନାହିଁ। ବିପର୍ଯ୍ୟସ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ଯାତାୟତରେ ବାଧା ଉପୁଜାଇଛି। ଜିଲ୍ଲାପାଳ ରାସ୍ତା ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

ବସ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥ ଯୋଡାମ୍ବ ଘାଟି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ସୂଚନା ଅନୁଯାୟୀ ଆଜି ଝାଡ଼ଖଣ୍ଡ ସିମାନ୍ତ ବେନିସାଗରରୁ ପଥସାରଥି ନାମକ ଏକ ଘରୋଇ ଯାତ୍ରୀବାହି ବସ୍ ଭୁବନେଶ୍ୱର ଯାଉଥିବା ସମୟରେ ମଧ୍ୟାହ୍ନ ପ୍ରାୟ ୧୨.୩୦ ସମୟରେ ଯୋଡାମ୍ବ ଘାଟି ବାଙ୍କ ନିକଟରେ ଆନନ୍ଦପୁର ପଟୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ହୋଇଥିଲା ଯେ ବାଇକ୍ ଚାଳକ ରାସ୍ତା କଡକୁ ଛିଟିକି ପଡ଼ିଥିବା ବେଳେ ବାଇକଟିକୁ କିଛି ଦୂର ଘୋଷାଡି ନେଇଥିଲା। ବାଇକ୍‌ଟି ସଂପୂର୍ଣ୍ଣ ଭାଙ୍ଗିଯାଇଥିଲା ବେଳେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ବାଇକ୍ ଚାଳକକୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାଇକ୍ ଚାଳକଙ୍କ ପରିଚୟ ମିଳି ପାରିନାହିଁ। ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

ଭଉଆ ପାଇଁ ରାସ୍ତାରେ ଘୋଷାଡି ହୋଇ ଗଲେ ବୃଦ୍ଧା

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ସହରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ବୃଦ୍ଧା ଭଉଆ ଟଙ୍କା ପାଇଁ ରାସ୍ତାରେ ଘୋଷାଡି ଘୋଷାଡି ଯାଉଥିବା ଦେଖିବାକୁ ମିଳିଛି। ଏହି ଘଟଣାଟି ଘଟିଛି ମାଲକାନଗିରି ମୁନିସିପାଲଟି ୧୦ ନମ୍ବର ୱାର୍ଡରେ । ୧୦ ନମ୍ବର ୱାର୍ଡର ମଙ୍ଗଳ ଦେଇ ହରିଜନ ଖବର ପାଇଥିଲେ ତାଙ୍କ ୱାଡରେ ଭଉଆ ଟଙ୍କା ବଣ୍ଟାଯାଉଛି । ଏହି ସମୟରେ ତାଙ୍କ ଘରେ କେହି ନଥିବାରୁ ସେ ଭଉଆ ଟଙ୍କା ପାଇଁ ଘରୁ ପେନସନ ଦିଆଯାଉଥିବା ସ୍ଥାନକୁ ପାଖାପାଖି ଏକ କିଲୋମିଟର ହେବ ରାସ୍ତାରେ ଘୋଷାଡି ଘୋଷାଡି ଯାଇଥିଲେ । ଭଉଆ ଟଙ୍କା ଆଣି ମଧ୍ୟ ମଙ୍ଗଳଦେଇ ପୁର୍ବଭଳି ଘୋଷାଡି ଘୋଷାଡି ନିଜଘରକୁ ଫେରିଥିଲେ । ଏଇଠି ଏକ ପ୍ରଶ୍ନ ଉଠୁଛି କି ସରକାରଙ୍କ ତରଫରୁ ଏହିଭଳି ଅସହାୟଙ୍କ ନିମନ୍ତେ ତାଙ୍କ ଘରେ ନେଇ ଦେଇ ଆସିବା ନିୟମ ଥିବା ବେଳେ ଏଇଠି କିନ୍ତୁ ତାର ଠିକ୍ ଓଲଟା ଦେଖିବାକୁ ମିଳିଛି ।

ଧଳା ଜହର କାରବାର ବୃଦ୍ଧି

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବେଳକୁ ବେଳ ଧଳା ଜହର ବ୍ୟବସାୟ ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ନୀରବ ସାଜିଛି । ଟୁଣୁକା ନିଶା ବେପାରୀଙ୍କୁ ଧରି ବଡ଼ ବଡ଼ ବେପାରୀଙ୍କୁ ଅବକାରୀ ବିଭାଗ ଧରୁ ନଥିବା ଅଭିଯୋଗ ହେଉଥିଲେ ମଧ୍ୟ ନିଶା ବେପାରୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ନିମାପଡ଼ା କୁଶଭଦ୍ରା ନଦୀ ପୋଲ ତ୍ରିନାଥ ମାର୍ଗ ଠାରୁ ପାଟପୁର ଗଡ଼ା, ପାଟପୁର ଶନି ମନ୍ଦିର ଠାରୁ ନାଳବନ୍ଧ ରାସ୍ତା, ବାମଦେଇପୁର ଗଡ଼ା, ବାଘସାହି ରୋଡ଼ରେ ରାତ୍ର ଦିନ ଚାଲୁଛି ଜହର ବ୍ୟବସାୟ । ଏହି ସ୍ଥାନ ନିଛାଟିଆ ହୋଇଥିବାରୁ ଧଳା ଜହର ବ୍ୟବସାୟୀମାନେ ଏହାକୁ ନିରାପଦ ସ୍ଥାନ ଭାବେ ବାଛି ନେଇଛନ୍ତି । ଏହି ଧଳା ଜହର ସେବନ କରି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି । ଅପରାଧିକ କାର୍ଯ୍ୟ କରିବା ପାଇଁ ପଛାଉ ନାହାନ୍ତି । ବାରମ୍ବାର ନିଶା ବେପାରୀଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ନିକଟରେ ଦାବୀ ହେଉଥିଲେ ମଧ୍ୟ ନିଶା ବେପାରୀଙ୍କୁ ଧରାଯାଉ ନାହିଁ। ନିମାପଡ଼ା ଅଂଚଳରେ ଥିବା ଅନେକ ବସ୍ତିରେ ମଧ୍ୟ ନିଶା କାରବାର ବୃଦ୍ଧି ପାଉଛି ।

ମନରେଗା ଯୋଜନାରେ ଅଳ୍ପ କାର୍ଯ୍ୟ କରି ଅଧିକ ଅର୍ଥ ପାଇଁ ଲାଗି ପଡ଼ିଛନ୍ତି ଦଳୀୟ କର୍ମୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଅଞ୍ଚଳରେ ସମସ୍ୟା ସୃଷ୍ଟି କରିଛି ମନରେଗା ଯୋଜନା କାର୍ଯ୍ୟ । ଏହି ଯୋଜନାରେ ସାମାନ୍ୟ କିଛି କାର୍ଯ୍ୟ କରି ଅଧିକ ଅର୍ଥ ହାତେଇବା ପାଇଁ ଚାଲିଛି ରୀତିମତ ଚକ୍ରାନ୍ତ। ଯେଉଁଆଡ଼େ ଅନେଇବ ମେସିନ ଟ୍ରାକ୍ଟର ଦ୍ୱାରା ଚାଲିଛି କାର୍ଯ୍ୟ । ବ୍ଲକ୍ ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିବା ପଛରେ ବଡ଼ ଧରଣର ଡ଼ିଲ୍ ହୋଇଥିବା ଲୋକମାନେ ଚର୍ଚ୍ଚା କରୁଛନ୍ତି । ଏହି ଘଟଣାକୁ ନେଇ ବେଳକୁ ବେଳ ଜନ ଅସନ୍ତୋଷ ବଢ଼ିବାରେ ଲାଗଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅଞ୍ଚଳରେ ପ୍ରତ୍ୟେକ ପଞ୍ଚାୟତରେ ଚାଲିଛି ସରକାରଙ୍କର ମନରେଗା କାର୍ଯ୍ୟ । ଜବ୍‌କାର୍ଡ଼ଧାରୀମାନେ ସୁରାଟ, ଗୁଜୁରାଟ ଯାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଏପଟେ ମେସିନ୍ କରୁଛି କାର୍ଯ୍ୟ । ସରକାର କହୁଛନ୍ତି ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯାଉଛି । କେତେକ ପ୍ରଭାବଶାଳୀ ଚଞ୍ଚକତା ଭାବେ ଜବ୍‌କାର୍ଡ଼ କରି ତାହାରି ମାଧ୍ୟମରେ ଦଳୀୟ କର୍ମୀମାନେ ହାତଉଛନ୍ତି ଲକ୍ଷ ଲକ୍ଷ ଟଙ୍କା । ଏପରି ଘଟଣା ଚାଲିଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନୀରବ ସାଜିଛି । ତୁଳସୀପୁର ପଞ୍ଚାୟତ, ବାହାରଣା, ଅରିଷଣ୍ଟ, ରଟିଲୋ ଆଦି ସବୁ ପଞ୍ଚାୟତରେ ମନରେଗା ଯୋଜନା କାର୍ଯ୍ୟ ଜେସିବି, ଟ୍ରାକ୍ଟର କରୁଛି। ଅନେକ ଥର ବିଡ଼ିଓଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଏହି ଘଟଣା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି । ବାମଦେଇପୁର ମୌଜାରେ ଥିବା ଏକ ପୋଖରୀରୁ ମେସିନ୍ ସାହାଯ୍ୟରେ ମାଟି ଖୋଳାଯାଇ ବାହାରକୁ ଚାଲାଣ କରାଯାଉଛି ।

ଓଭରବ୍ରିଜ୍ ଉପରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): ମଙ୍ଗୁଳି ରେଳ ଷ୍ଟେସନର ଓଭର ବ୍ରିଜ ଉପରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବାର ଦେଖିବାକୁ ମିଳିଛି। ପାରିପାର୍ଶିକ ଦୃଷ୍ଟି କୋଣରୁ ବ୍ୟକ୍ତି ଜଣକ ଚଳନ୍ତା ଟ୍ରେନ୍‌ରୁ ପଡି ମୃତ୍ୟୁ ଘଟିଥିବାର ଅନୁମାନ କରାଯାଉଛି। ଗୁରୁବାର ସକାଳେ ୫୫ ନମ୍ବର ଜତୀୟ ରାଜପଥ ଉପରରେ ଥିବା ରେଳ ଓଭର ବ୍ରିଜ୍ ଉପରେ ମୃତଦେହ ପଡିରହିଥିବା ବେଳେ ଘଟଣା ସ୍ଥଳରେ ମୃତଙ୍କ ପରିଚୟ ମିଳି ପାରିନାହିଁ। ଯାତ୍ରୀ ଜଣଙ୍କ ଟ୍ରେନ୍‌ରେ ଯାଉଥିଲା ବେଳେ ଟ୍ରେନ୍‌ରୁ ଖସିପଡି ରେଳ ଧାରଣାରେ ପିଟି ହୋଇ ମୃତ୍ୟୁବରଣ କରିଥିବାର ଅନୁମାନ କରାଯାଉଛି। ଘଟଣା ସ୍ଥଳରେ ଜିଆରପି ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲ ପଠାଇ ତଦନ୍ତ ଜାରି ରଖିଛି।

ସାତ ହାଇୱା ଜବତ

ବାଲିପାଟଣା (ଭାସ୍କର ନ୍ୟୁଜ୍) : ବାଲିପାଟଣା ତହସିଲ୍ ପକ୍ଷରୁ ଚଢ଼ାଉ କରାଯାଇ ଆଜି ସାତ ହାଇୱା ଜବତ କରାଯାଇଥିବା ତହସିଲ୍ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ସନ୍ଧ୍ୟା ସମୟରେ ବାଲିପାଟଣା ଠାରେ ସାତଟି ଓଭର୍ ଲୋଡିଂ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ବାଲିପାଟଣା ତହସିଲ୍‌ଦାର ବୁଲ୍ ବୁଲ୍ ବେହେରା ହାଇୱାକୁ ଜବତ କରି ତହସିଲ୍‌କୁ ଆଣିଥିଲା ବେଳେ ସେଥିମଧ୍ୟରୁ ଗୋଟିଏ ହାଇୱାର ଡ୍ରାଇଭର୍ ଖସି ପଳାଇଯାଇଥିବା ସୂଚନା ମିଳିଛି। ଖବର ଲେଖା ପର୍ଯ୍ୟନ୍ତ କୌଣସି ଜରିମାନା ହୋଇନଥିଲା।

ମାଙ୍କଡ଼ କାମୁଡାରେ ମହିଳାଙ୍କ ସମେତ ୨ ଆହତ

ବାଲିପାଟଣା (ଭାସ୍କର ନ୍ୟୁଜ୍) : ବାଲିପାଟଣା ବ୍ଲକ ପମ୍ପାଲେ ପଞ୍ଚାୟତ ଚଣାହଟ୍ଟା ଗ୍ରାମରେ ମାଙ୍କଡ଼ କାମୁଡା ଜଣେ ମହିଳାଙ୍କ ସମେତ ୨ ଆହତ ହୋଇଛନ୍ତି। ଆହତମାନେ ହେଲେ ଚଣାହଟ୍ଟା ମଠସାହିର ବିଜୟ ଭୋଇ ଏବଂ ସସ୍ମିତା ଦାସ। ବିଜୟ ଆଜି ରାସ୍ତା ପାଖ କଲଭର୍ଟ ଉପରେ ବସିଥିବା ବେଳେ ହଠାତ ମାଙ୍କଡ଼ ଗୋଡେଇ ଆସି ତାଙ୍କ ପେଣ୍ଠାକୁ କାମୁଡି ଦେଇଥିଲେ। ସେହିପରି ବୁଧବାର ସନ୍ଧ୍ୟାରେ ସସ୍ମିତା ଘର ପାଖରେ ଠିଆ ହୋଇଥିବା ବେଳେ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ଆହତମାନଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଥିଲା। ବିଜୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଥିବା ଜଣାପଡିଛି। ମାଙ୍କଡ଼ ଦଳ ନିଜ ନିଜ ଭିତରେ କାମୁଡା ରାମୁଡା ହୋଇ ଲୋକଙ୍କୁ ଗୋଡେଉ ଆକ୍ରମଣ କରୁଛନ୍ତି। ମାଙ୍କଡ଼ ଆକ୍ରମଣ ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି।

ଆଶୀର୍ବାଦର " ଅନୁଭୂତି ଭବନ"

ପୁରୀ (ଭାସ୍କର ନ୍ୟୁଜ୍) : ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ଏନେଇ ବିଶ୍ୱର କୋଣାନୁକୋଣରୁ ଛୁଟିଛି ଭକ୍ତଙ୍କ ସୁଅ। ତେବେ ମହାପ୍ରଭୁଙ୍କ ରଥଯାତ୍ରାରେ ଭକ୍ତମାନଙ୍କ ପାଇଁ ହୋଇଛି ବିଭିନ୍ନ ପ୍ରକାର ବ୍ୟବସ୍ଥା। ଅଶୀର୍ବାଦର ''ଓଡ଼ିଶା ଅନୁଭୂତି ଭବନ' ଏକ ସ୍ୱତନ୍ତ୍ର ପ୍ରକାରର ପ୍ରୟାସ ଯାହାକି ଓଡ଼ିଶାର ସମୃଦ୍ଧ ସଂସ୍କୃତିର ପ୍ରଦର୍ଶନ ଓ ମହାନ ରଥଯାତ୍ରାର ମହାର୍ଘ୍ୟ ଅନୁଭୂତିକୁ ବହୁଗୁଣିତ କରିବା ପାଇଁ ଆୟୋଜନ କରାଯାଇଛି। ଆଇଟିସିର ଆଶୀର୍ବାଦ ଅଟା ଓଡ଼ିଶାର ବୃହତ୍ତମ ବାର୍ଷିକ ଉତ୍ସବ ପୁରୀ ରଥଯାତ୍ରା ୨୦୨୩ ପାଇଁ ପୁରୀରେ ପହଞ୍ଚିଛି। ଏହି ବ୍ରାଣ୍ଡ୍ ଭକ୍ତମାନଙ୍କୁ ଏହି ମହାନ୍ ସାଂସ୍କୃତିକ ଉତ୍ସବରେ ଅନନ୍ୟ ଅନୁଭୂତି ପ୍ରଦାନ କରିବା ପାଇଁ ଅଭିନବ ଉପାୟ ଅବଲମ୍ବନ କରିବା ପାଇଁ ପରିଚିତ। ଏ ବର୍ଷ ମଧ୍ୟ ଆଶୀର୍ବାଦ ଅଟା ତରଫରୁ ଉପସ୍ଥାପନ କରାଯାଉଛି ଏକ ସ୍ୱତନ୍ତ୍ର ଏବଂ ଅପ୍ରତୀମ ମନମୁଗ୍ଧକର '୨୭୦ ଡିଗ୍ରୀ ଦୃଶ୍ୟାୟନ ଅନୁଭୂତି' ଯାହାକି ଭକ୍ତ ମାନଙ୍କୁ ଓଡ଼ିଶାର ଆକର୍ଷଣୀୟ ଓ ବଳିଷ୍ଠ ସଂସ୍କୃତି ତଥା ରଥଯାତ୍ରାର ମହାନତାର ଝଲକ ଦର୍ଶାଉଛି। ୯ ଦିନର ପୁରୀ ରଥଯାତ୍ରା ଉତ୍ସବ ମାଧ୍ୟମରେ ସାର। ଭାରତରୁ ଭକ୍ତ ମଣ୍ଡଳୀ ପ୍ରଭୁ ଜଗନ୍ନାଥଙ୍କର ଏହି ଘୋଷଯାତ୍ରା ଦେଶକୁ ଏକାଠି ହୋଇଥାନ୍ତି। ଏ ବର୍ଷ ରଥଯାତ୍ରାର ଉତ୍ସବର ଅନୁଭୂତିକୁ ଆହୁରି ଉନ୍ନତ କରିବା ପାଇଁ ଆଶୀର୍ବାଦ ତିଆରି କରିଛନ୍ତି ଏକ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ମନମୁଗ୍ଧକର ଦୃଶ୍ୟକଳ୍ପ ଅନୁଭୂତି ଆଶୀର୍ବାର ଓଡ଼ିଶା ଅନୁଭୂତି ଭବନରେ। ଏହି ପ୍ରକାରର ପ୍ରଥମ ୨୭୦ ଡିଗ୍ରୀ ମନମୁଗ୍ଧକର ଦୃଶ୍ୟାୟନ ଅନୁଭୂତି ସହିତ ଅଶୀର୍ବାଦ ଭକ୍ତ ମାନଙ୍କୁ ଓଡ଼ିଶାର ମହାନ ସଂସ୍କୃତିର ଅବଗାହନ ସହିତ ପ୍ରଶଂସା କରିବ ଏବଂ ସେମାନଙ୍କୁ ଏହି ଉତ୍ସବର ଭାବାବେଗପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ସ୍ମରଣୀୟ କରି ରଖିବାରେ ସାହାଯ୍ୟ କରିବ ବୋଲି ଅଶୀର୍ବାଦର କର୍ମଚାରୀମାନେ ମତ ପ୍ରକାଶ କରିଛନ୍ତି। ଏଥି ସହ ଅଂଶଗ୍ରହଣକାରୀ ମାନେ ଏକ ଇଂଟରଆକ୍ଟିଭ୍ ୪ ଷ୍ଟେପ୍ ଆଡଭାଂଟେଡ୍ ଗେମ୍‌ରେ ଭାଗ ନେଇ ଆଶୀର୍ବାଦ ଅନୁଭୂତି ଭବନରେ ସ୍ୱତନ୍ତ୍ର ଅନୁଭୂତି ପାଇପାରିବେ।

ଏସ୍‌ବିଆଇର ଜିଲ୍ଲା ଓ ପୋଲିସ ପ୍ରଶାସନକୁ ୧୦୦ ବ୍ୟାରିକେଡ଼ ପ୍ରଦାନ

ପୁରୀ (ଭାସ୍କର ନ୍ୟୁଜ୍) : ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ନିଆରା ପଦକ୍ଷେପ। ପୁରୀ ଷ୍ଟେଟ୍ ବ

ଜାତୀୟ ଓ ଅନ୍ତର୍ଜାତୀୟ

ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ବ୍ୟବହାର କରୁଥିବା ଯୁଦ୍ଧ ବିମାନର ଇଞ୍ଜିନ ଏଣିକି ଭାରତରେ ହିଁ ତିଆରି ହେବ। ଏଥିପାଇଁ ହିନ୍ଦୁସ୍ଥାନ ଏରୋନଟିକ୍ସ ପ୍ରାଇଭେଟ ଲିଃ ସହ ଚୁକ୍ତି କରିଛି ଆମେରିକାର ଜେନେରାଲ ଇଲେକ୍ଟ୍ରିକ(ଏର) ଅରୋସ୍ପେସ। ଏର ସହାୟତାରେ ହାଲରେ ହିଁ ବାୟୁସେନାର ଯୁଦ୍ଧ ବିମାନ ଗୁଡ଼ିକର ଇଞ୍ଜିନକୁ ତିଆରି କରାଯିବ। ଏନେଇ ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଛି। ଐତିହାସିକ ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱାଶିଂଟନରେ ଏରର ଅଧ୍ୟକ୍ଷ ଏଚ୍ ଲରେନ୍ସ କୁଲପ ଜୁନିୟରଙ୍କୁ ଭେଟିଥିଲେ। ଏହି ଭେଟଘାଟ ପରେ ଉକ୍ତ ବହୁରାଷ୍ଟ୍ରୀୟ କମ୍ପାନୀର ଏରୋସ୍ପେସ ଶାଖା ଘୋଷଣା କରିଛି ଯେ ସେମାନେ ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ଇଞ୍ଜିନ ହାଲ୍ ସହ ମିଶି ତିଆରି କରିବାକୁ ଚୁକ୍ତି

ରେଳ କୋଚ୍ କାରଖାନା ଉଦ୍‌ଘାଟନ କଲେ କେସିଆର୍

ହାଇଦ୍ରାବାଦ : ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଗୁରୁବାର ସାଙ୍ଗରେଡି ଜିଲ୍ଲାର କୋଣ୍ଡାକାଲ ଗ୍ରାମରେ ୧୦୦୦ କୋଟି ଟଙ୍କାର ରେଳ ବଗି ଓ କୋଚ୍ କାରଖାନା ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତେଲେଙ୍ଗାନା ସରକାର ଏହି ପ୍ରକଳ୍ପ ପାଇଁ ସୀମିତ ଥିବା ମେଡା ସର୍ଭୋ ଡ୍ରାଇଭ ସହିତ ଏକ ଏମଓୟୁ ସ୍ୱାକ୍ଷର କରିଛନ୍ତି କାରଣ କେନ୍ଦ୍ର ରାଜ୍ୟ ପୁନର୍ଗଠନ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ କେଟି ରାମାରାଓ, ଟି ହରେଶ ରାଓ, ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ, ସାଂସଦ ରଣଜିତ୍ ରେଡ୍ଡୀ, ପ୍ରଭାକର ରେଡ୍ଡୀ ଏମ୍‌ସି ମେଡା ସର୍ଭୋ ଡ୍ରାଇଭ୍ସ ପିଭି ଲିମିଟେଡ୍ (ମେଡା) ହେଉଛି ଏକ ଆର୍‌ଆଣ୍ଡଡି ଫୋକସ୍ କମ୍ପାନୀ ଯାହା ମୁଖ୍ୟ ବ୍ୟବସାୟ ହେଉଛି ଜଟିଳ ବୈଦ୍ୟୁତିକ ରେଳ ଉତ୍ପାଦର ଡିଜାଇନ୍, ବିକାଶ, ଉତ୍ପାଦନ, ଯୋଗାଣ ଏବଂ ସେବା। ମେଡା ସର୍ଭୋ ଡ୍ରାଇଭ୍ ୧୯୮୪ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ୧୯୯୦ ପରଠାରୁ ରେଳବାଇକୁ ବିଭିନ୍ନ ଉତ୍ପାଦ ଯୋଗାଇ ଆସୁଥିଲା। ବର୍ତ୍ତମାନ, ମେଡା ଭାରତୀୟ ରେଳବାଇକୁ ସର୍ବ ବୃହତ ପ୍ରପୁଲସନ୍ ଉପକରଣ (ଇଲେକ୍ଟ୍ରୋନିକ୍ସ) ଯୋଗାଣକାରୀ ଅଟେ। ମେଡାର ବାର୍ଷିକ କାରବାର ହେଉଛି ୨୫୦୦ କୋଟି ଟଙ୍କା ଏବଂ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୫୦୦୦ ଲୋକଙ୍କୁ ନିଯୁକ୍ତି ଦେଇଛି। ଏହା ହେଉଛି ଏକମାତ୍ର ଭାରତୀୟ କମ୍ପାନୀ ଯେଉଁଥିରେ ଘରୋଇ ଆର୍‌ଆଣ୍ଡଡି ସୁବିଧା ରହିଛି। ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ ୨୦୧୪ ର ଏକ ଅଂଶ ଭାବରେ ତେଲେଙ୍ଗାନା ଗଠନ ହେବାର ଛଅ ମାସ ମଧ୍ୟରେ ଏକ ରେଳ କୋଚ କାରଖାନା ପ୍ରତିଜ୍ଞା କରାଯାଇଥିଲା। କେନ୍ଦ୍ର ସରକାରଙ୍କୁ ବାରମ୍ବାର ନିବେଦନ ସତ୍ତ୍ୱେ ଏହା ବାସ୍ତବ ହୋଇପାରି ନାହିଁ। ଶିଳ୍ପଗୁଡିକ ପାଇଁ ଏକ ଅନୁକୂଳ ଗନ୍ତବ୍ୟସ୍ଥଳ ଭାବରେ ପ୍ରମାଣିତ ହୋଇଥିବା ତେଲେଙ୍ଗାନା, ରେଳ / ମେଟ୍ରୋ କୋଚ୍ କାରଖାନା ପ୍ରତିଷ୍ଠା ପାଇଁ ଜଣେ ସକ୍ଷମ ଅଂଶୀଦାର ପାଇଛି । ମେଡା ସର୍ଭୋ ଡ୍ରାଇଭ୍ ପ୍ରାଇଭେଟ ଲିମିଟେଡ୍ ୨୭ ଅକ୍ଟୋବର ୨୦୧୭ରେ ତେଲେଙ୍ଗାନା ରାଜ୍ୟରେ କୋଚ୍ କାରଖାନା ପ୍ରତିଷ୍ଠା ପାଇଁ ତେଲେଙ୍ଗାନା ସରକାରଙ୍କ ସହ ଏକ ଏମଓୟୁ ସ୍ୱାକ୍ଷର କରିଛି। ଟିଏସ୍‌ଆଇଆଇସି ମାଧ୍ୟମରେ ତେଲେଙ୍ଗାନା ସରକାର ରେଳ ଏବଂ ମେଟ୍ରୋ କୋଚ୍ ଉତ୍ପାଦନ ପାଇଁ ୧୦୦ ଏକର ଜମି ଆବଣ୍ଟନ କରିଛନ୍ତି ।

ଶ୍ରମିକଙ୍କ ଝିଅମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରୁଛି ମୁଖ୍ୟମନ୍ତ୍ରୀ ନୋନି ସଶକ୍ତିକରଣ ସହାୟତା ଯୋଜନା

ରାୟପୁର: ରାଜ୍ୟରେ ଶ୍ରମିକ ପରିବାରର ଜୀବନଶୈଳୀକୁ ବଢ଼ାଇବାକୁ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ମୁଖମନ୍ତ୍ରୀ ନୋନି ସଶକ୍ତିକରଣ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ମହାସନମୁଦ ଜିଲ୍ଲାରେ ଏହି ଯୋଜନା ଅଧୀନରେ ପଞ୍ଜୀକୃତ ହୋଇଥିବା ୨,୭୧୪ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫.୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ପ୍ରତ୍ୟେକ ହିତାଧିକାରୀ (ଜଣେ ଶ୍ରମିକଙ୍କ ଝିଅ) ୨୦ ହଜାର ଟଙ୍କା ପାଇଛନ୍ତି ଯାହା ସେମାନଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭରଶୀଳ କରିବାରେ ସହାୟତା କରିବ। ମହାସନମୁଦ ଜିଲ୍ଲାର ଭୋରିଗରୁ ଆସିଥିବା ବିକେଶ୍ୱରୀ ସାହୁ ଓ ମୋନିକା ସାହୁଙ୍କ ପିତା ନୀଳକଣ୍ଠ ସାହୁ ଏବଂ ତାଙ୍କ ଝିଅମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପାଇଥିବା ଅର୍ଥ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଏହି ରାଶି ତାଙ୍କ ଦୁଇ ଝିଅଙ୍କ କଲେଜ ଶିକ୍ଷା ପାଇଁ ବ୍ୟବହାର କରିବେ। ବଡ ଝିଅ ବର୍ତ୍ତମାନ ବି.ଏ ପଢୁଛନ୍ତି ଏବଂ ସାନ ଝିଅ ଦ୍ୱାଦଶ ଶ୍ରେଣୀ ଶେଷ କରି କଲେଜରେ ନାମ ଲେଖାଇଛନ୍ତି। ସରକାରଙ୍କ ପଦକ୍ଷେପ ନେଇ ପରିବାର ଆନନ୍ଦିତ ଏବଂ ଏଭଳି ଲାଭଦାୟକ ଯୋଜନା କାର୍ଯ୍ୟକାରୀ କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖମନ୍ତ୍ରି ନୋନି ସଶକ୍ତିକରଣ ସହାୟତା ଯୋଜନା ଏହାର ହିତାଧିକାରୀଙ୍କୁ ଉଭୟ ଆର୍ଥିକ ଏବଂ ସାମାଜିକ ଭାବରେ ଦ୍ୱୈତ ସୁବିଧା ପ୍ରଦାନ କରିଥାଏ । ଶିକ୍ଷା, ରୋଜଗାର ଏବଂ ଆତ୍ମନିର୍ଭରଶୀଳତା ବ୍ୟତୀତ ଏହି ଯୋଜନା ଶ୍ରମିକ ପରିବାରର ଝିଅମାନଙ୍କର ବିବାହ ପାଇଁ ଯଥେଷ୍ଟ ସହାୟତା ଯୋଗାଇଥାଏ । ଛତିଶଗଡ ବିଲଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜୀକୃତ ହୋଇଥିବା ଶ୍ରମିକମାନେ ଏହି ଯୋଜନା ପାଇଁ ଯୋଗ୍ୟ ଅଟନ୍ତି।

ବିହାରରେ ଗ୍ୟାଙ୍ଗୱାର: ୩ ମୃତ

ନୂଆଦିଲ୍ଲୀ : କାର୍‌ରେ ଯାଉଥିବା ୪ ଜଣଙ୍କ ଉପରକୁ ଆଖିବୁଜା ଗୁଳିମାଡ଼। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ବିହାର ଦରଭଙ୍ଗାରୁ। ଏଠାରେ କାର୍‌ରେ ଯାଉଥିବା ଚାରି ଜଣକ ଉପରକୁ, ବାଇକ୍‌ରେ ଆସି ୬ ଦୁର୍ବୃତ୍ତ ଆଖିବୁଜା ଗୁଳି ଚଳାଇଥିଲେ। ଏହି ଘଟଣାରେ ତିନି ଜଣକ ମୃତ୍ୟୁ ହୋଇଥିବାବେଳେ ଚତୁର୍ଥ ଜଣକ ଅବସ୍ଥା ଗୁରୁତର ରହିଛି। ତେବେ ଘଟଣାର ସୂଚନା ମିଳିବା ପରେ ପୋଲିସ୍ ଯାଞ୍ଚ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବହେଡ଼ା-ଲହେରିୟାସରାୟ ମୁଖ୍ୟ ରାସ୍ତାରେ ଗୁରୁବାର ସନ୍ଧ୍ୟା ୪ଟା୧୫ ସମୟରେ ଏହି ଘଟଣା ଘଟିଛି। କାର୍‌ରେ ଯାଉଥିବା ଲୋକଙ୍କୁ ବାଇକ୍‌ରେ ଯାଉଥିବା ଦୁର୍ବୃତ୍ତ ଓଭରଟେକ୍ କରିଥିଲେ ଏବଂ ଏହା ପରେ ଆଖିବୁଜା ଗୁଳି ଚଳାଇଥିଲେ।

ଜଳୁଛି ମଣିପୁର, ଗୃହମନ୍ତ୍ରୀ ଡାକିଲେ ସର୍ବଦଳୀୟ ବୈଠକ

ଇମ୍ଫାଲ: ପ୍ରାୟ ଦେଢ ମାସରୁ ଊର୍ଦ୍ଧ୍ୱ ସମୟ ହେବ ମଣିପୁର ହିଂସା ଥମିବା ନାଁ ଧରୁନି। ବରଂ ଏହା ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାକୁ ଲାଗୁଛି। ଏଥିଯୋଗୁ ବହୁ ଧନହାନୀ ହେଉଥିବା ବେଳେ ଏହାର ମୁକାବିଲା ନିମନ୍ତେ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ ଡାକିଛନ୍ତି ସର୍ବଦଳୀୟ ବୈଠକ । ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ ଏହି ବୈଠକ । ତେବେ ଏହି ବୈଠକରେ କ'ଣ ମାନସମନ୍ଥନ ହେଉଛି ଓ ତାହା ମଣିପୁର ହିଂସା ରୋକିବାକୁ ସଞ୍ଜିବନୀ କାମ କରି ପାରୁଛି ନା ନାହିଁ ତାହା ଉପରେ ସମଗ୍ର ଦେଶବାସୀଙ୍କ ନଜର। ଏନେଇ ବୁଧବାର ସନ୍ଧ୍ୟାରେ ଗୃହ ମନ୍ତ୍ରାଳୟ ପକ୍ଷରୁ ଏକ ଅଫିସିଆଲ ଟ୍ୱିଟ କରାଯାଇ ସୂଚନା ଦିଆଯାଇଛି। ଆସନ୍ତା ୨୪ ତାରିଖରେ ନୂଆଦିଲ୍ଲୀ ପାଲାର୍ମେଣ୍ଟ ଲାଇବ୍ରେରୀ ବିଲ୍ଡିଂରେ ଅପରାହ୍ନ ୩ଟାରେ ଏହି ମିଟିଂ ଅନୁଷ୍ଠିତ ହେବ । ଏଥିନିମନ୍ତେ ଶାହ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଆମନ୍ତ୍ରିତ କରିଥିବା ତାଙ୍କ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ମହିଳା ଜେଲ୍‌ରେ ହିଂସାକାଣ୍ଡ ଘଟଣା: ମୃତ୍ୟୁସଂଖ୍ୟା ୪୬କୁ ବୃଦ୍ଧି

ତେଗୁସିଗାଲାପା: କେନ୍ଦ୍ରୀୟ ଆମେରିକୀୟ ଦେଶ ହୋଣ୍ଡୁରାସ୍‌ର ଏକ ମହିଳା ଜେଲ୍‌ରେ ଚଳିତ ସପ୍ତାହରେ ହୋଇଥିବା ଦଙ୍ଗା ଓ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୪୬କୁ ବୃଦ୍ଧି ପାଇଛି। ମୃତଦେହ ନେବାକୁ ଜେଲ୍ ବାହାରେ ସମ୍ପର୍କୀୟଙ୍କ ଲାଇନ୍ ଲାଗିଛି। ବୁଧବାର ହୋଣ୍ଡୁରାସ୍‌ର ଜଣେ ସରକାରୀ କର୍ମଚାରୀ ଏ ନେଇ ସୂଚନା ଦେଇଛନ୍ତି। ସମସ୍ତ ମୃତକ ଜେଲ୍ ଅନ୍ତେବାସୀ କି ନା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ସରକାରୀ ଅଫିସର ପ୍ରବକ୍ତା ୟୁରି ମୋରା କହିଛନ୍ତି ଯେ ମୃତକଙ୍କ ସଂଖ୍ୟା ବଢ଼ିଛି। ମୃତକଙ୍କ ପରିବାର ଲୋକେ ସେମାନଙ୍କ ସମ୍ପର୍କୀୟଙ୍କୁ ଚିହ୍ନଟ କରିଛନ୍ତି। ସେଥିମଧ୍ୟରୁ କିଛି ଲୋକ ନିଆଁରେ ଜଳି ପାଉଁଶ ବି ହୋଇଯାଇଛନ୍ତି ବୋଲି ମୋରା କହିଛନ୍ତି।

ବାଣିଜ୍ୟ

ମୁମ୍ବାଇ: ସାଇଏଣ୍ଟ୍ ଡିଏଲ୍‌ଏମ୍ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫର ୨୦୨୩ ଜୁନ୍ ୨୭ରେ ଖୋଲିବ ଯେଉଁଥିରେ ୫,୯୨୦ ନିୟୁତ ଇକ୍ୱିଟି ସେୟାର ସାମିଲ ରହିଛି। ଏହି ବିଡ୍ / ଇସ୍ୟୁର ଶେଷ ତାରିଖ ହେଉଛି ୨୦୨୩ ଜୁନ୍ ୩୦, ଶୁକ୍ରବାର। ଆଙ୍କର ନିବେଶକମାନଙ୍କ ବିଡ୍/ ଇସ୍ୟୁ ଖୋଲିବାର ଗୋଟିଏ କାର୍ଯ୍ୟ ଦିବସ ପୂର୍ବରୁ ଅର୍ଥାତ ୨୦୨୩ ଜୁନ୍ ୨୬ରେ ବିଡ୍/ ଇସ୍ୟୁ ଖୋଲିବ। ଇକ୍ୱିଟି ସେୟାର ପିଛା ମୂଲ୍ୟ ୨୫୦ ଟଙ୍କାରୁ ୨୬୫ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ନିବେଶକମାନେ ସର୍ବନିମ୍ନ ୫୬ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ଏହା ପରେ ୫୬ର ଗୁଣିତକ ହିସାବରେ ଅଧିକ ଇକ୍ୱିଟି ସେୟାର ଯୋଡ଼ିପାରିବେ। ୧୦୮ କୋଟି ଟଙ୍କାରେ ୪,୦୭୫,୪୭୧ ଇକ୍ୱିଟି ସେୟାରର ପ୍ରାଇଭେଟ୍ ପ୍ଲେସ୍‌ମେଂଟ୍ କରିବା ଲାଗି କଂପାନି ପକ୍ଷରୁ ବିଆର୍‌ଏଲ୍‌ଏମ୍ ସହିତ ଆଲୋଚନା କରାଯାଇଛି।

ଆଲେନ୍ ସହଯୋଗରେ ପ୍ରିନ୍ସର ସଫଳତା

କୋଟା : ଯଦି ନିରବରେ କଠିନ ପରିଶ୍ରମ କରାଯାଏ ତେବେ ସଫଳତା ଶବ୍ଦ ସୃଷ୍ଟି କରେ। ଏଭଳି ନିରବତା ସହିତ ଅଧ୍ୟୟନ କରୁଥିବାବେଳେ, ତାଙ୍କ ପିତାମାତା ଏବଂ ପରିବାରର ସ୍ୱପ୍ନ ଖାତୋଲି କୋଟାର ତାଲାଭ ପଞ୍ଚାୟତର ଫତେହପୁର ଗାଁର ରାଜକୁମାରଙ୍କ ଦ୍ୱାରା ପୂରଣ ହୋଇଛି। ପ୍ରାୟ ୧୫୦ ଘରର ଏହି ଗାଁର ପ୍ରିନ୍ସ ପ୍ରଥମ ଡାକ୍ତର ହେବେ। ପ୍ରିନ୍ସଙ୍କ ପିତା ଜଣେ କୃଷକ ଏବଂ ମାତା ଅଙ୍ଗନୱାଡି କର୍ମୀ। ପ୍ରିନ୍ସଙ୍କ ପିତା ଲକ୍ଷ୍ମୀଚାନ୍ଦ ପୂର୍ବରୁ ଏକ ଔଷଧ ଦୋକାନରେ କାମ କରୁଥିଲେ, ତା'ପରେ ସେ ଭାବୁଥିଲେ ଯଦି ପୁଅ ଡାକ୍ତର ହୁଅନ୍ତି ଏବଂ ଲୋକମାନେ ତାଙ୍କ ପ୍ରେସକ୍ରିପସନରୁ ଔଷଧ କିଣନ୍ତି ତେବେ ଜୀବନ ସଫଳ ହେବ। ନିଟ୍‌ରେ ପ୍ରିନ୍ସ ୬୭୫ ମାର୍କ ରଖିଥିବାବେଳେ କାଟାଗୋରୀ ର୍ୟାଙ୍କ ୬୫୬ ଏବଂ ଅଲ ଇଣ୍ଡିଆ ର୍ୟାଙ୍କ ୨୨୬୩ରେ ନିଜକୁ ସ୍ଥାନିତ କରିଛନ୍ତି। ପ୍ରିନ୍ସଙ୍କ ଏହି ସଫଳତା ଯୋଗୁଁ ଗାଁରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ପ୍ରିନ୍ସ କହିଛନ୍ତି ଯେ ମୋର ପ୍ରାରମ୍ଭିକ ଅଧ୍ୟୟନ କେବଳ ଖାତୋଲିରେ କରାଯାଇଥିଲା । ଦଶମ ପର୍ଯ୍ୟନ୍ତ ପଢ଼ିବା ପରେ, ମୁଁ ଏକାଦଶରେ ଇଟାୱା ସ୍କୁଲରେ ଆଡମିଶନ କଲି। ଏପରି ପରିସ୍ଥିତିରେ, ପ୍ରତିଦିନ ପଢ଼ିବାକୁ ଯିବାକୁ ପ୍ରାୟ ୨୫ କିଲୋମିଟର ଯାତ୍ରା କରିବାକୁ ପଡିଲା । ବେଳେବେଳେ ବସ୍ ଗୁଡିକୁ ଅପେକ୍ଷା କରିବାକୁ ଘଣ୍ଟା ଘଣ୍ଟା ଲାଗିଥାଏ । ଦଶମରେ ୯୩.୧୭ ଏବଂ ଦ୍ୱାଦଶରେ ୯୬.୨୦ ପ୍ରତିଶତ ମାର୍କ ରଖିଥିଲି। ଏହା ପରେ, ଘରୁ ନିଟ୍ ପାଇଁ ପ୍ରସ୍ତୁତ ହେବା ପରେ, ମୁଁ ମୋର ପ୍ରଥମ ପ୍ରୟାସରେ ୫୮୩ ମାର୍କ ପାଇଲି । ତା'ପରେ ଅନୁଭବ କଲା ଯେ ଯଦି କୋଚିଂ ସହିତ ପ୍ରସ୍ତୁତି ହୋଇଥାନ୍ତା ତେବେ ହୁଏତ ଫଳାଫଳ ଭଲ ହୋଇଥାନ୍ତା । ପରିବାରର ଆର୍ଥିକ ଅବସ୍ଥା ଭଲ ନଥିଲା। ଏହିପରି ଅନେକ ଲୋକଙ୍କ ସହ କଥାବାର୍ତ୍ତା କରିବା ପରେ କିଛି ବ୍ୟକ୍ତି ଆଲେନ୍‌କୁ ଯାଇ ସେଠାରେ ରହି ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଆଲେନ୍‌ର ଉପସଭାପତି ଡକ୍ଟର ଭିପିନ୍ ଯୋଗୀଙ୍କ ସହ କଥା ହୋଇଥିଲେ। ତା'ପରେ ସେ ପରିବାର ବିଷୟରେ ପଚାରି ମୋତେ ଆଲେନ୍‌ରେ ଆଡମିଶନ ଦେଇଥିଲେ। ଏଠାରେ ମୋର ୯୦ ପ୍ରତିଶତ ଫି ଛାଡ କରାଯାଇଥିଲା ଏବଂ ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହି କାରଣରୁ ମୁଁ ଯତ୍ନର ସହ ଅଧ୍ୟୟନ କଲି ଏବଂ ଭଲ ମାର୍କ ରଖିବାକୁ ସମର୍ଥ ହେଲି। ଏବଂ ବର୍ତ୍ତମାନ ଏହା ଜଣାପଡୁଛି ଯେ ଆଲିଏଡ୍ ଏମ୍ବରେ ଆଡମିସନ୍ ଉପଲବ୍ଧ ହେବ । ଆଲେନ୍ ଏହିପରି ଛାତ୍ରମାନଙ୍କ ସହ ସହଯୋଗ କରିବାକୁ ସର୍ବଦା ପ୍ରସ୍ତୁତ ।

ALLEN CAREER INSTITUTE KOTA (RAJASTHAN) path to success

ପାରିପାର୍ଶ୍ୱିକ ଗ୍ରାମବାସୀଙ୍କ ଜୀବନଧାରଣ ମାନ ଉନ୍ନତ କରିବାରେ ଆଦିତ୍ୟ ଆଲୁମିନିୟମ୍‌ର ସହାୟତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଜନସାଧାରଣଙ୍କ ଜୀବନ ଉପରେ ଗୁଣାତ୍ମକ ପ୍ରଭାବ ପକାଇବା ସକାଶେ ଦଶନ୍ଧି ଦଶନ୍ଧି ଧରି ସେମାନଙ୍କ ସହିତ ନିୟୋଜିତ ରହିଆସିଛି। ଏମାନେ କମ୍ପାନୀର କାରଖାନା ପରିସୀମା ଏବଂ ତାହା ଚତୁର୍ପାର୍ଶ୍ୱରେ ବସବାସ କରୁଥିବା ବଞ୍ଚିତ ବର୍ଗ ଅଟନ୍ତି। ବିଗତ ଦଶବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲା ରେଙ୍ଗାଳି ବ୍ଲକ ଅନ୍ତର୍ଗତ ଛଅଟି ଗ୍ରାମପଞ୍ଚାୟତର ୪୦ଟି ଗ୍ରାମରେ ୫୦ ହଜାରରୁ ଅଧିକ ଗ୍ରାମବାସୀ ଏଠାରେ ସେମାନଙ୍କ ଉନ୍ନତ ଜୀବନଯାପନ ନିମନ୍ତେ ନିଆଯାଉଥିବା ପଦକ୍ଷେପରୁ ଉତ୍ତମ ଅନୁଭବ ଲାଭ କରିଛନ୍ତି। ପିଚୁରାସ୍ତା ଏବଂ ରୋଡ ଓଭରବ୍ରିଜ୍ ନିର୍ମାଣ ସହିତ ଆଦିତ୍ୟ ଆଲୁମିନିୟମ ମଧ୍ୟ ଗୋଷ୍ଠୀକେନ୍ଦ୍ର ଓ କୀର୍ତ୍ତନ ମଣ୍ଡପ ନିର୍ମାଣ କରିଛି, ପୋଖରୀ ଖୋଳାଇଛି, ମନ୍ଦିର ଏବଂ ଅନ୍ୟ ଉପାସନାସ୍ଥଳଗୁଡିକର ପୁନରୁଦ୍ଧାର, ନିରାପଦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହିତ ଏହିସବୁ ଗ୍ରାମରେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦେଇଛି। ଏହି ଗୋଷ୍ଠୀ ସମ୍ପତ୍ତି ଏବଂ ସାମାଜିକ ଭିତ୍ତିଭୂମି ଜୀବନ ଧାରଣ ମାନରେ ବହୁବିଧ ଭାବରେ ଉନ୍ନତି ଆଣିଛି। ନିଆଯାଉଥିବା ପଦକ୍ଷେପଗୁଡିକ ମଧ୍ୟରେ ଜନସାଧାରଣଙ୍କ ଦ୍ୱାରଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ମହିଳାଙ୍କ ବିରୁଦ୍ଧରେ ଅପରାଧ ହ୍ରାସକରିବା, ନିରାପତ୍ତାମୂଳକ ପଦକ୍ଷେପ ଏବଂ ଦୁର୍ଘଟଣା ସର୍ବନିମ୍ନ ସ୍ତରକୁ ଆଣିବା ଦିଗରେ ପ୍ରୟାସ ଆଦି ଅନ୍ତର୍ଭୁକ୍ତ। ଶ୍ରୀ ସମୀର ନାୟକ, ୟୁନିଟ ହେଡ୍ ଆଦିତ୍ୟ ଆଲୁମିନିୟମ କହିଛନ୍ତି, "ଆମେ ଆମ ପାରିପାର୍ଶ୍ୱିକ ଗ୍ରାମଗୁଡିକର ବାସିନ୍ଦାଙ୍କର ସ୍ୱାଚ୍ଛନ୍ଦ୍ୟକୁ ସର୍ବଦା ପ୍ରାଥମିକତା ଦେଇଆସୁଛୁ। ସାମ୍ପ୍ରତିକ ବର୍ଷଗୁଡିକରେ କମ୍ପାନୀ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଜୀବନର ମାନରେ ଉନ୍ନତି ଆଣିବା ନିମନ୍ତେ ଗ୍ରାମଗୁଡିକରେ ଛଅଟି ସ୍ଥାନରେ ୧୫ କିଲୋମିଟରରୁ ଅଧିକ ପିଚୁ ରାସ୍ତା ନିର୍ମାଣ କରିଛି। ଏଥିସହିତ ଏହା ବେନ୍ଦୁଜୋର ବଡ ନାଳ ଉପରେ ଏକ ରୋଡ ଓଭରବ୍ରିଜ୍ ନିର୍ମାଣ କରି ଧୋରାପାଣି ଗ୍ରାମବାସୀଙ୍କ ଯାତାୟତକୁ ସୁଗମ କରିଛି।

'ଫୁଲକେରିୟା' ଦ୍ୱାରା ପର୍ଯ୍ୟାୟବରଣ ଅନୁକୂଳ ଉତ୍ପାଦ ପ୍ରସ୍ତୁତି

ରାଉରକେଲା (ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନା ର ସି. ଏସ. ଆର କାର୍ଯ୍ୟକ୍ରମର ସହାୟତା ରେ ଏନ. ଆଇ. ଟି ରାଉରକେଲାର ଏକ ଷ୍ଟାର୍ଟ ଅପ ପ୍ରକଳ୍ପ 'ଫୁଲକେରିୟା' ପର୍ଯ୍ୟାୟବରଣ ଅନୁକୂଳ ଓଡିଶା ଭିତ୍ତିକ ଫେସନ, ଗୃହ ସାଜସଜ୍ଜା ଓ ଆନୁଷଙ୍ଗିକ ସାମଗ୍ରୀ ଉତ୍ପାଦନ କରୁଅଛି । ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନା ନିଜର ସି. ଏସ. ଆର ପଦକ୍ଷେପ ଆନୁଯାୟୀ ଆଠଟି ଷ୍ଟାର୍ଟ ଅପ ଆର୍ଥିକ ସହାୟତା ଯୋଗାଇ ଦେଇଛି ଯାହା ଦ୍ୱାରା ସ୍କିଲ ଇଣ୍ଡି

ଖେଳ ଖବର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଟକରେ ଚାଲିଥିବା ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ କଟକ, ଖୋର୍ଦ୍ଧା, ପାରାଦୀପ, ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗୀର ବିଜୟୀ ହୋଇଛନ୍ତି । ସନସାଇନ୍ ପଡ଼ିଆରେ କଟକ ୧୦ ୱିକେଟ୍‌ରେ ବୌଦ୍ଧକୁ ପରାସ୍ତ କରିଛି । ବୌଦ୍ଧ ୧୭ ଓଭର ବ୍ୟାଟିଂ କରିବା ସହ ୮ ୱିକେଟ୍ ବିନିମୟରେ ମାତ୍ର ୧୧ ରନ୍ ସଂଗ୍ରହ କରିଥିଲା ବେଳେ କଟକ ୨.୨ ଓଭରରେ ବିନା କୌଣସି ୱିକେଟ୍ ହରାଇ ମ୍ୟାଚ୍ ଜିତିଥିଲା । ବିଜୟୀ ଦଳର ଶ୍ରେୟା ପ୍ରିୟଦର୍ଶିନୀ ୩ ଓଭର ବୋଲିଂ କରିବା ସହ କୌଣସି ରନ୍ ବ୍ୟୟ ନକରି ୧ ୱିକେଟ୍ ଅକ୍ତିଆର କରିଥିଲେ । ବିଡ଼ାନାସୀ ପଡ଼ିଆରେ ଖୋର୍ଦ୍ଧା ୧୭୭ ରନ୍ ?ରେ ନୟାଗଡ଼କୁ ହରାଇଛି । ସାଇ କୃପାଙ୍କ ୫୪ ରନ୍ ସହାୟତାରେ ଖୋର୍ଦ୍ଧା ୨୨୨/୮ କରିଥିଲା । ହେଲେ ବିପର୍ଯ୍ୟୟର ଶିକାର ହୋଇଥିବା ନୟାଗଡ଼ ବିଜୟ ଲକ୍ଷ୍ୟ ହାସଲ କରିନପାରି ୪୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ରେଭେନ୍ସା ୧ନମ୍ବର ପଡ଼ିଆରେ ପାରାଦୀପ ୮୧ ରନ୍‌ରେ ସୁନ୍ଦରଗଡ଼କୁ ମାତ୍ ଦେଇଛି । ପାରାଦୀପ ୨ ୱିକେଟ୍ ବିନିମୟରେ ୧୪୧ ରନ୍ କରିଥିଲା । ଜବାବରେ ସୁନ୍ଦରଗଡ଼ ୮ ୱିକେଟ୍ ହରାଇ ୬୦ ରନ୍ କରିପାରିଥିଲା । ସାଇସ୍ତୁତି ବର୍ଦ୍ଧନ ୨୩ ରନ୍ ବିନିମୟରେ ୪ ୱିକେଟ୍ ଅକ୍ତିଆର କରିଥିଲେ । ରେଭେନ୍ସା ୨ ନମ୍ବର ପଡ଼ିଆରେ ବାଲେଶ୍ୱର ୨୨୭ ରନ୍‌ରେ ସୁବର୍ଣ୍ଣପୁରକୁ ହରାଇଛି ।

ଏସିଆ କପ୍ କ୍ରିକେଟ : ପୁଣି ମତ ବଦଳାଇଲା ପାକିସ୍ତାନ

ହାଇବ୍ରିଡ୍ ମଡେଲ ପ୍ରସ୍ତାବ ଗ୍ରହଣ ପାଇଁ ରାଜି ହେଲା

କରାଚି: ଆସନ୍ତା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବା ବେଳେ ଆଜି ତାହା ଦୂର ହୋଇଛି । କାରଣ ହାଇବ୍ରିଡ ମଡେଲ ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ଗତକାଲି କହିଥିବା ବେଳେ ଆଜି ପୁଣି ମତ ପରିବର୍ତ୍ତନ କରି ଏଥିରେ ରାଜି ହୋଇଛି । ପାକିସ୍ତାନରେ ଏସିଆ କପ ଖେଳିବା ପାଇଁ ଭାରତ ମନା କରିବା ପରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ମାତ୍ର ଏହାର ବିକଳ୍ପ ସ୍ୱରୂପ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ନଜମ ସେଠି ଉପସ୍ଥାପନ କରିଥିବା ହାଇବ୍ରିଡ ମଡେଲ ପ୍ରସ୍ତାବ ଗ୍ରହଣ ଯୋଗ୍ୟ ହେବା ପରେ ଏସିଆ କପ ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କାରେ ଆୟୋଜନ ହେବ ବୋଲି ସ୍ଥିର ହୋଇଥିଲା । ପାକିସ୍ତାନରେ ୪ ଓ ଶ୍ରୀଲଙ୍କାରେ ୯ ମ୍ୟାଚ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି । ମାତ୍ର ଏହି ପ୍ରସଙ୍ଗ ନେଇ ପାକିସ୍ତାନରେ ଆରମ୍ଭ ହୋଇଥିଲା ହଙ୍ଗାମା । ଏହି ପରିସ୍ଥିତିକୁ ଦେଖି ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ନଜମ ସେଠି ଦୁଇ ଦିନ ତଳେ ଏହି ପଦବୀରୁ ଦୂରେଇ ଯାଇଛନ୍ତି । ଆଉ ଅଳ୍ପ ଦିନ ପରେ ଅନୁଷ୍ଠିତ ହେବାକୁ ଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ନିର୍ବାଚନରେ ସେ ଅଂଶ ବିଶେଷ ହେବେ ନାହିଁ ବୋଲି କହିଛନ୍ତି । ସେହିପରି ପାକିସ୍ତାନ କ୍ରିକେଟ ବୋର୍ଡ ଗତକାଲି କହିଥିଲା ଯେ ଯେ ହାଇବ୍ରିଡ ମଡେଲରେ ଏସିଆ କପ ଆୟୋଜନ ପ୍ରସ୍ତାବକୁ ଆମେ ଗ୍ରହଣ କରି ପାରିବୁ ନାହିଁ । ପାକିସ୍ତାନ କ୍ରିକେଟ ବୋର୍ଡର ନୂଆ ଅଧ୍ୟକ୍ଷ ପଦ ପାଇଁ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ପାଟ୍ରନ -ଇନ ଜିଫ ଶାହାବାଜ ଶରିଫ ମନୋନୀତ କରିଥିବା ଦୁଇ ପ୍ରାର୍ଥୀଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଜାକା ଆଶରଫ କହିଥିଲେ ଯେ ଏସିଆ କପ ହାଇବ୍ରିଡ ମଡେଲରେ ଅନୁଷ୍ଠିତ ହୋଇ ପାରିବ ନାହିଁ । କାରଣ

ପାକିସ୍ତାନ ଏସିଆ କପ ଆୟୋଜନ ଅଧିକାର ପାଇଛି । ତେଣୁ ନିଜ ଦେଶରେ ଆୟୋଜନ କରିବା ପାଇଁ ଆମେ ହକଦାର । ମାତ୍ର ଭାରତର ଅଂଶ ଗ୍ରହଣ ନେଇ ହାଇବ୍ରିଡ ମଡେଲ ପ୍ରସ୍ତାବ ଆଗତ ହେବାର କୌଣସି ଯଥାର୍ଥତା ନାହିଁ । ସେହିପରି ପାକିସ୍ତାନ ଏସିଆ କପ ଆୟୋଜକ ହୋଇଥିବା ବେଳେ ୪ ମ୍ୟାଚ ଆୟୋଜନ କରିବ । ଅବଶିଷ୍ଟ ୯ ମ୍ୟାଚ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବା କୌଣସି ମତେ ଗ୍ରହଣ ଯୋଗ୍ୟ ନୁହେଁ । କାରଣ ସମସ୍ତ ମୁଖ୍ୟ ମ୍ୟାଚ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ । କେବଳ ନେପାଳ ଓ ଭୁଟାନ ପରି ଦଳ ପାକିସ୍ତାନରେ ଖେଳିବେ । ଏହା କଦାପି ସମ୍ଭବ ନୁହେଁ ।ତେଣୁ ଏଥିରେ କୌଣସି ବ୍ୟତିକ୍ରମ ହେଲେ ପାକିସ୍ତାନ ଏସିଆ କପରୁ ଓହରି ଯିବ । ଜାକା ଅଶରଫ ଆହୁରି ମଧ୍ୟ କହିଥିଲେ ଯେ ଭାରତ ଯେ ହେତୁ ପାକିସ୍ତାନରେ ଏସିଆ କପ ଖେଳିବା ପାଇଁ ମନା କରୁଛି, ଆମେ ମଧ୍ୟ ଭାରତରେ ଦିନିକିଆ ବିଶ୍ୱକପ ଖେଳିବା ସମ୍ଭବ ନୁହେଁ । ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଥିବା ଜାକା ଅଶରଫଙ୍କ ଏହି ସୂଚନା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲକୁ ପୁଣି ଅଡୁଆରେ ପକାଇଥିଲା । । କାରଣ ପାକିସ୍ତାନ ଦିନିକିଆ ବିଶ୍ୱକପରେ ଖେଳିବା ନେଇ ଆଜି ସୁଦ୍ଧା କୌଣସି ସ୍ପଷ୍ଟ ମତ ଦେଉ ନ ଥିବାରୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇ ପାରୁନି । ତେଣୁ ଏସିଆ କପ ଓ ଦିନିକିଆ ବିଶ୍ୱକପରେ ଅଂଶ ଗ୍ରହଣ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ ପୁଣି ଏକ ବଡ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହେବା ସମ୍ଭାବନା ଥିବାରୁ ହାଇବ୍ରିଡ ମଡେଲ ଅନୁଯାୟୀ ଏସିଆ କପ ଆୟୋଜନ ପାଇଁ ପାକିସ୍ତାନ ପୁଣି ରାଜି ହୋଇଛି ।

ଇଂଲଣ୍ଡ ଦଳକୁ ବଏକଟ୍‌ଙ୍କ ସମାଲୋଚନା

ଲଣ୍ଡନ : ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଆସେସ୍ ଟେଷ୍ଟ କ୍ରିକେଟ ସିରିଜ୍ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ହାରିବା ଘଟଣା ନେଇ ପୂର୍ବତନ କ୍ରିକେଟର ବିଓଫ୍ରେ ବଏକଟ କଡା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଆସେସ୍ ସିରିଜ୍‌କୁ ମନୋରଞ୍ଜନ ନଭାବି ଜିତିବା ଲକ୍ଷ୍ୟ ରଖିବା ଦରକାର । ତେବେ ଇଂଲଣ୍ଡ ଏକ ଶକ୍ତିଶାଳି ଦଳ ଓ ଆଗାମୀ ମ୍ୟାଚ୍‌ରେ ପୁଣି ସଫଳତା ଧାରାକୁ ଫେରିବ ବୋଲି ଦୃଢ଼ ବିଶ୍ୱାସ । ଏହାସହିତ ପ୍ରଥମ ମ୍ୟାଚରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ରଥମ ଇନିଂସରେ ୩୯୩/୮ ରନ୍ କରିଥିବା ବେଳେ ପାଳି ସମାପ୍ତି ଘୋଷଣା ଉଚିତ୍ ନଥିଲା ବୋଲି କହିଛନ୍ତି । କାରଣ ୧୧୮ରନ୍‌ରେ ଅପରାଜିତ ଥିବା ରୁଟ୍ ଆଉ କିଛି ରନ ଯୋଗ କରିଥିଲେ ଇଂଲଣ୍ଡ ଦଳର ସ୍ଥିତି ଅଧିକ ମଜଭୁତ ହୋଇପାରିଥାନ୍ତା ।

ଦିନିକିଆ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା

ଆମେରିକାକୁ ହରାଇଲା ନେଦରଲାଣ୍ଡ

ହାରାରେ(ଜିମ୍ବାବ୍ୱେ): ଭାରତରେ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ ଏଠାରେ ଚାଲିଛି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା । ପୂର୍ବରୁ ଆଇସିସି ଦିନିକିଆ ମାନ୍ୟତାର ୮ ଦଳ ସିଧା ସଳଖ ଏହି ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରି ସାରି ଥିବା ବେଳେ ଅବଶିଷ୍ଟ ଦୁଇ ସ୍ଥାନ ପାଇଁ ସଂପ୍ରତି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି ୧୦ ଦେଶ । ବର୍ତ୍ତମାନ ଚାଲିଛି ଲିଗ ପର୍ଯ୍ୟାୟ ମୁକାବିଲା । ଆସନ୍ତା ଜୁଲାଇ ୯ ତାରିଖ ଦିନ ଅନୁଷ୍ଠିତ ହେବ ଫାଇନାଲ ମ୍ୟାଚ । ଦୁଇ ଫାଇନାଲିଷ୍ଟ ଦଳ ଆଗାମୀ ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବେ । ଗୁରୁବାର ସ୍ଥାନୀୟ ତାକସିଂଗା

ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ ଏ ଲିଗ ମ୍ୟାଚରେ ଆମେରିକାକୁ ୫ ୱିକେଟରେ ପରାସ୍ତ କରିଛି ନେଦରଲାଣ୍ଡ । ପ୍ରଥମେ ବ୍ୟାଟିଂ କରି ଆମେରିକା ୫୦ ଓଭରରେ ୮ ୱିକେଟ ହରାଇ ୨୧୧ ରନ କରିଥିଲା । ପ୍ରତିପକ୍ଷ ବୋଲର ମାନେ ଶାଣିତ ବୋଲିଂ କରିବା ଫଳରେ ଆମେରିକା ବ୍ୟାଟର ମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ । ଫଳରେ ଆମେରିକା ଏକ ବଡ ସ୍କୋର କରିବା ମଉକା ପାଇ ନ ଥିଲା । ଦଳ ପକ୍ଷରୁ ୱିକେଟ କିପର ଶାୟନ ଜାହାଙ୍ଗୀର ସର୍ବାଧିକ ୭୧ ରନ କରିଥିବା ବେଳେ ଗଜାନନ୍ଦ ସିଂ ୩୩ ଓ ଜେସି ସିଂଙ୍କ ୩୮ ରନ ଦଳ ପାଇଁ ବିଶେଷ ଯୋଗଦାନ ଥିଲା । ନେଦରଲାଣ୍ଡସ ପକ୍ଷରୁ ରିୟାନ କ୍ଲେନ ଓ ବାସ ଡି ଲିଡେ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ନେଦରଲାଣ୍ଡସ ୪୩.୨ ଓଭରରେ ୫ ୱିକେଟ ହରାଇ ୨୧୪ ରନ କରି ବିଜୟୀ ହୋଇଛି । ତେଜା ନିଦାମାନୁରୁ ୫୮ ଓ ଅଧିନାୟକ ତଥା ୱିକେଟ କିପର ସ୍କଟ ଏଡୱାର୍ଡ୍ସ ସର୍ବାଧିକ ଅପରାଜିତ ୬୭ ରନ କରି ଦଳକୁ ସହଜ ବିଜୟୀ କରାଇଥିଲେ । ଆମେରିକା ପକ୍ଷରୁ ଜଶଦୀପ ସିଂ ୨ ୱିକେଟ ଅକ୍ତିଆର କରିଥିଲେ ।

ସିନିୟର ଚୟନକର୍ତ୍ତା ପାଇଁ ବିସିସିଆଇ ପକ୍ଷରୁ ବିଜ୍ଞପ୍ତି

ମୁମ୍ବାଇ : ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଗୁରୁବାର ସିନିୟର ପୁରୁଷ କ୍ରିକେଟ ଦଳ ପାଇଁ ଚୟନକର୍ତ୍ତା ନିଯୁକ୍ତି ସକାଶେ ନିଜ ୱେବ ସାଇଟରେ ବିଜ୍ଞପ୍ତି ପ୍ରକାଶ କରିଛି । ଗତ ବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି-୨୦ କ୍ରିକେଟ ବିଶ୍ୱକପରେ ଭାରତର ନୈରାଶ୍ୟ ଜନକ ପ୍ରଦର୍ଶନ ଓ ଭାରତୀୟ କ୍ରିକେଟ୍ ଦଳର ଗୋପନୀୟ ତଥ୍ୟର ଖୁଲାସା କରିବା କାରଣରୁ ଚେତନ ଶର୍ମାଙ୍କୁ ଜାତୀୟ ଚୟନ କମିଟିର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା । ସେହିଦିନ ଠାରୁ ନୂଆ ଚୟନ କମିଟି ଗଠନ ହୋଇ ପାରି ନାହିଁ । ବର୍ତ୍ତମାନ ଶିବ ସୁନ୍ଦର ଦାସ ଅନ୍ତରୀଣ ଅଧ୍ୟକ୍ଷ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ତେବେ ଆଗକୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସିରିଜ ଓ ପ୍ରତିଯୋଗିତା ଥିବାରୁ ନୂଆଳ ଚୟନ କମିଟି ଗଠନ ପାଇଁ ବିସିସିଆଇ ବିଜ୍ଞପ୍ତି ଜାରି କରିଛି । ଚୟନକର୍ତ୍ତା ପାଇଁ ବିସିସିଆଇ ପକ୍ଷରୁ ଉଲ୍ଲେଖ କରା ଯାଇଥିବା ମାନଦଣ୍ଡ ଅନୁଯାୟୀ ଆବେଦନ କରିବାକୁ ଥିବା ଆଗ୍ରହୀ ପ୍ରାର୍ଥୀ ଅତି କମରେ ଏ-୭ ଟେଷ୍ଟ କିମ୍ବା ବି-୩୦ ପ୍ରଥମ ଶ୍ରେଣୀ ମ୍ୟାଚ, କିମ୍ବା ସି- ୧୦ ଦିନିକିଆ ଓ ୨୦ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିବା ଉଚିତ । ସେହିପରି ପ୍ରାର୍ଥୀ ଅତି କମରେ ପାଞ୍ଚ ବର୍ଷ ପୂର୍ବରୁ କ୍ରିକେଟରୁ ଅବସର ନେଇଥିବେ । ଆବେଦନ କରିବାର ଶେଷ ତାରିଖ ଜୁନ ୩୦ ଧାର୍ଯ୍ୟ କରା ଯାଇଛି । ନବ ନିଯୁକ୍ତ ଚୟନକର୍ତ୍ତା ମାନେ ଏକ ଶକ୍ତିଶାଳୀ ଦଳ ଗଠନ ସହିତ ତିନି ଫର୍ମାଟ ପାଇଁ ଅଧିନାୟକ ନିଯୁକ୍ତି କରିବାକୁ ପଡିବ । ସେହିପରି ନୂଆ କମିଟି ବିସିସିଆଇ ନିର୍ଦ୍ଦେଶ କ୍ରମେ ଦଳ ଗଠନ ନେଇ ସାମ୍ବାଦିକ ସମ୍ମିଳନୀ ଡାକିବେ । ଚେତନ ଶର୍ମା ଅଧ୍ୟକ୍ଷ ପଦରୁ ଦୂରେଇ ଯିବା ପରେ ବିସିସିଆଇର କୌଣସି ଚୟନକର୍ତ୍ତା ସାମ୍ବାଦିକ ସମ୍ମିଳନୀ ଡାକି ନାହାନ୍ତି ।

ବିରେନ୍ଦ୍ର ସେହ୍ୱାଗଙ୍କୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ : ପୂର୍ବତନ ଭାରତୀୟ ଖେଳାଳି ବିରେନ୍ଦ୍ର ସେହ୍ୱାଗଙ୍କ ନାମ ବର୍ତ୍ତମାନ ଚର୍ଚ୍ଚାରେ ରହିଚି । ସେ ଚୟନକମିଟିର ବଡ ଦାୟିତ୍ୱ ପାଇବେ ବୋଲି ଅନୁମାନ କରାଯାଉଥିଲେ ହେଁ ଏ ସଂପର୍କରେ କୌଣସି ସଠିକ ସୂଚନା ମିଳିନାହିଁ । କାରଣ ଦରଖାସ୍ତ ଆବେଦନ କରିବା ପରେ ସମସ୍ତଙ୍କୁ ସାକ୍ଷାତକାର କରାଯିବ । ଏଥିରେ ସଫଳ ପ୍ରାର୍ଥୀ ଚୟନକମିଟିରେ ସ୍ଥାନ ପାଇବେ । ତେବେ ବିସିସିଆଇ ପକ୍ଷରୁ ବର୍ତ୍ତମାନ ଚୟନକର୍ତ୍ତାଙ୍କୁ ଦିଆଯାଉଥିବା ଦରମା

ଏକ ବଡ ସମସ୍ୟା ବୋଲି ଚର୍ଚ୍ଚା ହେଉଛି । କାରଣ ଏକ ସମୟରେ ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତାଙ୍କ ଦାୟିତ୍ୱ ଦିଲୀପ ଭେଙ୍ଗସରକାର ଏବଂ କେ. ଶ୍ରୀକାନ୍ତଙ୍କ ପରି କିମ୍ବଦନ୍ତୀ ଖେଳାଳି ଦାୟିତ୍ୱ ନିଭାଇଥିଲେ । ମାତ୍ର କମ୍ ପାରିଶ୍ରମିକ ଯୋଗୁଁ ବର୍ତ୍ତମାନ ବଡ ଖେଳାଳିମାନେ ଏହି ଦାୟିତ୍ୱ ଗ୍ରହଣ କରିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ପୂର୍ବରୁ ଚେତନ ଶର୍ମା ନର୍ଥ ଜୋନରୁ ଚୟନକମିଟି ଅଧ୍ୟକ୍ଷ ଥିଲେ । ବର୍ତ୍ତମାନ ଏହି ଜୋନ୍‌ରୁ ଆଉ ଜଣେ ଚୟନ କମିଟିରେ ସାମିଲ ହେବେ ବୋଲି ଚର୍ଚ୍ଚା ଚାଲିଥିବା ବେଳେ ସେହ୍ୱାଗଙ୍କ ନାଁ ସାମ୍ନାକୁ ଆସୁଛି ।

ରେଫରିଙ୍କୁ ଗାଳି କରିବା ମହଙ୍ଗା ପଡ଼ିଲା

୪ ମ୍ୟାଚ୍‌ରୁ ବାସନ୍ଦ ହେଲେ ଜୋସ ମୋରିନୋ

ଜେନେଭା : ୟୁଏଫା ପକ୍ଷରୁ ଫୁଟବଲ ମ୍ୟାନେଜର ଜୋସ ମୋରିନୋଙ୍କୁ ୪ଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି । ଇଟାଲୀ କ୍ଲବ ରୋମାର ମ୍ୟାନେଜର ରହିଥିବା ମୋରିନୋ ମ୍ୟାଚ୍ ରେଫରି ଆନ୍ଟୋନୀ ଟେଲରଙ୍କୁ ଗାଳି କରିଥିଲେ । ରୋମା ଏହାର ଅନ୍ତିମ ମ୍ୟାଚ୍ ସେଭିଲା ବିପକ୍ଷରେ ଖେଳିଥିଲା । ଆସନ୍ତା ବର୍ଷର ଚାମ୍ପିୟନ୍ସ ଲିଗ୍‌କୁ ଯୋଗ୍ୟତା ଅର୍ଜନ ପାଇଁ ଦଳ ନିକଟରେ ଅନ୍ତିମ ସୁଯୋଗ ରହିଥିଲା । ତେବେ ମ୍ୟାଚ୍ ୧-୧ରେ ଡ୍ର ରହିବା ପରେ ରୋମା ପେନାଲ୍ଟି ଶୁଟଆଉଟରେ ପରାଜିତ ହୋଇଥିଲା । ଏହାପରେ ଏକ ଗ୍ୟାରେଜ୍‌ରେ ଟେଲରଙ୍କୁ ଭେଟିଥିଲେ ମୋରିନୋ । ଗାଳିଗୁଲଜ କରିବା ସହିତ ତାଙ୍କୁ ଫୁଟବଲର କଳଙ୍କ ବୋଲି କହିଥିଲେ । ଏହି ମାମଲାର ବିଚାର କରି ୟୁଏଫା ପକ୍ଷରୁ ତାଙ୍କୁ ୪ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି । ଆସନ୍ତା ସେପ୍ଟେମ୍ବର ମାସରୁ ଏହି ବାସନ୍ଦାଦେଶ ଲାଗୁ କରାଯିବ । ଏଥିପାଇଁ ରୋମା କ୍ଲବ ଉପରେ ୫୦ ହଜାର ୟୁରୋର ଫାଇନ୍ ଲାଗୁ କରାଯାଇଛି ।

ୱେଷ୍ଟଇଣ୍ଡିଜ ପାଇଁ ଡବଲ ଚାଲେଞ୍ଜ

ଜାମାଇକା: ସଂପ୍ରତି ୱେଷ୍ଟଇଣ୍ଡିଜ ପାଇଁ ବଡ ଚାଲେଞ୍ଜିଂ ସମୟ ଆସିଛି । ପ୍ରଥମତଃ ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ କିପରି ଯୋଗ୍ୟତା ହାସଲ କରିବ ଓ ଦ୍ୱିତୀୟରେ ଭାରତ ବିପକ୍ଷ ଟେଷ୍ଟ, ଦିନିକିଆ ଓ ଟି-୨୦ ସିରିଜରେ କିପରି ମୁକାବିଲା କରିବ । ବର୍ତ୍ତମାନ ଜିମ୍ବାବ୍ୱେରେ ଚାଲିଥିବା ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା । ଏଥିରେ ସଫଳ ହେଲେ ଦିନିକିଆ ବିଶ୍ୱକପ ଖେଳିବ । ଏହି ପ୍ରତିଯୋଗିତାରେ ୧୦ ଦଳ ପରସ୍ପର ବିରୋଧରେ ଲଢ଼େଇ ଜାରି ରଖିଛନ୍ତି । ଏଥିରେ ସାମିଲ ହୋଇଥିବା ଅନ୍ୟତମ ଶକ୍ତିଶାଳୀ ଦଳ ହେଲା ଶ୍ରୀଲଙ୍କା । ୱେଷ୍ଟଇଣ୍ଡିଜର ସମସ୍ତ ପ୍ରମୁଖ ଖେଳାଳି ଏହି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଖେଳୁଛନ୍ତି । ଆସନ୍ତା ଜୁଲାଇ ୯ ତାରିଖ ଦିନ ଏହା ଶେଷ ହେବ । ଏହାର ତିନି ଦିନ ପରେ ଭାରତ ବିରୋଧରେ ୱେଷ୍ଟଇଣ୍ଡିଜ ଖେଳିବ ଘରୋଇ ସିରିଜ । ଜୁଲାଇ ୧୨ରୁ ଆରମ୍ଭ ହେବ ଭାରତ-ୱେଷ୍ଟଇଣ୍ଡିଜ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ । ଏହା ପରେ ଦୁଇ ଦେଶ ତିନି ଦିନିକିଆ ଓ ପାଞ୍ଚ ଟି-୨୦ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି । ତେଣୁ ୱେଷ୍ଟଇଣ୍ଡିଜ ଏହି ସିରିଜରେ ନିଜର ସ୍ଥିତାବସ୍ଥା ବଜାୟ ରଖିବା ଆଉ ଏକ ବଡ ଚାଲେଞ୍ଜ । ମୁଖ୍ୟତଃ ଖେଳାଳି ମାନେ ଏକକାଳୀନ ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଖେଳିବା ଅତି କଷ୍ଟକର ବ୍ୟାପାର । ଭାରତୀୟ ଦଳ ଆସନ୍ତା ଜୁଲାଇ ୧ ତାରିଖ ଦିନ ୱେଷ୍ଟଇଣ୍ଡିଜରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି । ତେଣୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ , ଦିନିକିଆ ଓ ଟି-୨୦ ସିରିଜ ପାଇଁ ଭାରତୀୟ ଦଳର ତିନି ପୃଥକ ଦଳ ନାମ ତାଲିକା ଖୁବ ଶୀଘ୍ର ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆ ଯାଇଛି ।

ଶାଇ ହୋପ ଓ ନିକୋଲାସ ପୂରନଙ୍କ ଶତକ

ନେପାଳ ବିରୋଧରେ ୱେଷ୍ଟଇଣ୍ଡିଜର ବୃହତ ବିଜୟ

ହାରାରେ: ସ୍ଥାନୀୟ ହାରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାର ଆଉ ଏକ ମ୍ୟାଚରେ ନେପାଳକୁ ୧୦୧ ରନରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ । ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ଶାଇ ହୋପ ଓ ନିକୋଲାସ ପୂରନଙ୍କ ଶତକ ବଳରେ ୭ ୱିକେଟ ହରାଇ ୩୩୯ ରନ କରିଥିଲା । ନେପାଳ ପକ୍ଷରୁ ସଫଳ ବୋଲର ଭାବେ ରାଜବଂଶୀ ୩ ୱିକେଟ ଅକ୍ତିଆର କରିଥିଲେ । ପଛରେ ବ୍ୟାଟିଂ କରି ନେପାଳ ୪୯.୪ ଓଭରରେ ୨୩୮ ରନ କରି ଅଲଆଉଟ ହୋଇ ଯାଇଥିଲା ।

ଦଳ ପକ୍ଷରୁ ଅସିଫ ଶେଖ୍ ସର୍ବାଧିକ ୬୩ , ଅଧିନାୟକ ରୋହିତ ପାଉଡେଲ ୩୦ ଓ ଗୁଲସନ ଝା ୪୨ ରନ କରିଥିବା ବେଳେ ସଫଳ ବୋଲର ଭାବେ ୱେଷ୍ଟଇଣ୍ଡିଜ ପକ୍ଷରୁ ଜାସୋନ ହୋଲଡର ୩ ଓ ଆଲ

ବିବିଧବର୍ଣ୍ଣା

ଛୋଟ ଛୁଆଙ୍କ ଶରୀରର ଉନ୍ନତି ପାଇଁ ଖାଇବାକୁ ଦିଅନ୍ତୁ ଓଟସ୍, ଶରୀରକୁ ମିଳିବ ବହୁତ ଲାଭ। ସାଧାରଣତଃ ୬ମାସର ଶିଶୁକୁ ଡାଲିର ପାଣି, କ୍ଷୀର -ବିସ୍କୁଟ, ଖେଚୁଡ଼ି ଭଳି ଜିନିଷ ଖାଇବାକୁ ଦେଇଥାନ୍ତି । ଏହି ସବୁ ଖାଦ୍ୟ ସହିତ ଆପଣ ନିଜ ଛୁଆକୁ ଓଟସ୍ ମଧ୍ୟ ଖୁଆଇ ପାରିବେ । ଓଟସ୍ ଏକ ପ୍ରକାର ଶସ୍ୟ ଅଟେ । ଏଥିରେ ପ୍ରଚୁର ପରିମାଣରେ ପୁଷ୍ଟିକର ଜିନିଷ ରହିଥାଏ । ଓଟସରେ ଫାଇବର ଉନ୍ନତ ମାତ୍ରାରେ ରହିଥାଏ, ଯାହା ଶିଶୁଙ୍କ ଶରୀର ପାଇଁ ଲାଭଦାୟକ ଅଟେ । ଆସନ୍ତୁ ଜାଣିବା ଶିଶୁଙ୍କ ପାଇଁ ଏହା କିପରି ଲାଭଦାୟକ । ଶିଶୁଙ୍କ ପାଇଁ ଓଟସର କିପରି ଲାଭଦାୟକ । ହାଡ଼ ମଜବୁତ ହୁଏ - ଓଟସରେ କ୍ୟାଲସିୟମ, ଆୟରନ, ଜିଙ୍କ୍, ଫସଫରସ, ପୋଟାସିୟମ, ସୋଡିୟମ ଏବଂ ମ୍ୟାଗ୍ନେସିୟମ ଭଳି ଖଣିଜ ପଦାର୍ଥ ରହିଥାଏ । ଏହା ଆପଣଙ୍କ ଛୁଆର ଉତ୍ତମ ଶରୀର ପାଇଁ ଆବଶ୍ୟକ । କ୍ୟାଲସିୟମ ଏବଂ ଫସଫରସ ହାଡ଼କୁ ମଜବୁତ କରିଥାଏ । ଫ୍ରି ରେଡିକଲ୍ସ କମ ହୋଇଥାଏ -ଓଟସରେ ଅଧିକ ମାତ୍ରାରେ ଏଣ୍ଟିଅକ୍ସିଡେଟ ରହିଥାଏ, ଯାହା ଶିଶୁଙ୍କ ଶରୀରର ଫ୍ରୀ ରେଡିକଲ୍ସକୁ କମାଇଥାଏ । ଏମିତିରେ ଛୁଆର ଡାଇଟରେ ଏହାକୁ ମିଶାଇବା ଜରୁରୀ ।

ପକ୍ଷୀ ମଳରୁ ତିଆରି ହୁଏ ଦୁନିଆର ସବୁଠୁ ମହଙ୍ଗା କଫି

ଅନେକ ଲୋକ କଫି ପିଇବାକୁ ପସନ୍ଦ କରିଥାନ୍ତି। ଆମେ ଯେଉଁ କଫି ବିଷୟରେ କହିବୁ ଯେକି ସେ କଫିକୁ କେବେ ପିଇନଥିବେ। କାରଣ ଏହି କଫିର ମୂଲ୍ୟ ବହୁତ ମହଙ୍ଗା। ଏହାର ମୂଲ୍ୟ ଏତେ ଅଧିକ ଯେ ଜଣେ ସାଧାରଣ ଲୋକର ଦରମା ଠାରୁ ବହୁ ବି ମହଙ୍ଗା। ଏହି କଫି କୌଣସି ଗଛ ଓ ଉଦ୍ଭିଦରୁ ତିଆରି ହୋଇନି ଏହା ତିଆରି ହୋଇଛି ଏକ ପକ୍ଷୀର ମଳରୁ। ଏହି କଫିକୁ ମହଙ୍ଗା କଫି ଭାବରେ ବିବେଚନା କରାଯାଏ । ଅଡିଟି ସେଣ୍ଟ୍ରାଲ୍ ନ୍ୟୁଜ୍ ୱେବସାଇଟ୍ ରିପୋର୍ଟ ଅନୁଯାୟୀ, ଏହି କଫି ଜାକୁ ପକ୍ଷୀର ମଳରୁ ପ୍ରସ୍ତୁତ । । ବ୍ରାଜିଲର ଏସପିରିଟୋ ସାଣ୍ଟୋ ରାଜ୍ୟରେ ଏକ କାମୋସିମ୍ କଫି ଫାର୍ମ ଅଛି । ଏହି ଫାର୍ମର ମାଲିକ ହେଉଛନ୍ତି ହେନ୍ରିକ୍ ସ୍ଲୋପର । ଜାକୁ ପକ୍ଷୀ ସ୍ଲୋପର କଫି ବଗିଚାରେ ଆସିବା ଆରମ୍ଭ କରିଥିଲା। କଫି ଗଛକୁ ନଷ୍ଟ କରି କଫିର ମଞ୍ଜିଗୁଡିକ ସବୁ ଖାଇଦେଉଥିଲା। ଏହାଦ୍ୱାରା ସ୍ଲୋପର ବହୁତ ରାଗି ଯାଇଥିଲେ । ସେ ପକ୍ଷୀକୁ ଘଉଡାଇବା ପାଇଁ ଅନେକ ଉପାୟ ଚେଷ୍ଟା କରିଥିଲେ, କିନ୍ତୁ ଯେତେବେଳେ ସେ ବିଫଳ ହେଲେ, ସେ ଅନ୍ୟ ଏକ ଉପାୟ ଆପଣାଇଲେ। ପକ୍ଷୀକୁ ଘଉଡାଇବା ପରିବର୍ତ୍ତେ ସେ ଏହାକୁ ପାଳିବା ଆରମ୍ଭ କଲେ। ସେ ଭାବିଥିଲେ ଯେ ଜାକୁ ପକ୍ଷୀର ମଳରୁ ବାହାରୁଥିବା ଦାନାରୁ ସେ କଫି ତିଆରି କରିବେ । ପରେ ସେ ଶ୍ରମିକମାନଙ୍କୁ ପକ୍ଷୀ ଜଗାରଖା ପାଇଁ ରଖିଲେ ଏବଂ ପକ୍ଷୀର ମଳ ସବୁକୁ ସଂଗ୍ରହ କରିବାକୁ କଲେ। ଏହି ଫାର୍ମ ଦୁନିଆର ସବୁଠୁ ବଡ ଫାର୍ମରେ ପରିଣତ ହେଲା। ଏକମାତ୍ର କଫି ଚାଷ ହେଲା ଯେଉଁଠାରେ ଜାକୁ ପକ୍ଷୀର ମଳରୁ କଫି ଦାନା ଉତ୍ପାଦିତ ହେଉଥିଲା । ପ୍ରାୟ ୧୦ ବର୍ଷ ଧରି ଏଠାରେ କଫି ପ୍ରସ୍ତୁତ କରାଯାଉଛି। ଏହା ଫ୍ରାନ୍ସ, ଜାପାନ ଏବଂ ବ୍ରିଟେନରେ ୧ କିଲୋଗ୍ରାମ ପ୍ରତି ୧.୩ ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି ।

ଅଭିନୟ ପାଇଁ ଚାକିରି ଛାଡିଥିଲେ ତାପସୀ

ଫିଲ୍ମ ଦୁନିଆର ଅନେକ ତାରକା ଅଛନ୍ତି ଅଭିନୟ ଜଗତକୁ ଆସିବା ପାଇଁ ବହୁକିଛିକୁ ପଛରେ ପକାଇ ଆପଣାଇଥାନ୍ତି ଆକ୍ଟିଂକୁ। ସେଥି ମଧ୍ୟରୁ ତାପସୀ ପନ୍ନୁ ଅନ୍ୟତମ। ତାପସୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବା ପୂର୍ବରୁ କ୍ୟାରିୟରରେ ବହୁତ ସଫଳ ହୋଇଥିଲେ । ଅଧ୍ୟୟନ କ୍ଷେତ୍ରରେ ସେ ସର୍ବଦା ବହୁତ ସ୍ମାର୍ଟ ଥିଲେ। ସେ ଇଂଜିନିୟରିଂରେ ଡିଗ୍ରୀ କରି ଇନ୍‌ଫୋସିସ୍‌ରେ ଚାକିରି ପାଇଥିଲେ। ଯେଉଁଥିରେ ଆଇଟି ଇଣ୍ଡଷ୍ଟ୍ରି ଲୋକମାନେ କାମ କରିବାକୁ ସ୍ୱପ୍ନ ଦେଖନ୍ତି । ଇନଫୋସିସ୍ ହେଉଛି ଭାରତର ଦ୍ୱିତୀୟ ବୃହତ୍ତମ ଆଇଟି କମ୍ପାନୀ ଏବଂ ଏକ ସଫଳ କ୍ୟାରିୟର ଏହି ଠାରେ ଗଢ଼ି ହୋଇଥାଏ। କିନ୍ତୁ ତାପସୀ ଫିଲ୍ମରେ କାମ କରିବା ପାଇଁ ଇନଫୋସିସ୍‌ରେ ଚାକିରି ଛାଡିଥିଲେ । ତାପସୀ ସାଉଥ୍ ଫିଲ୍ମରୁ କ୍ୟାରିଅର୍ ଆରମ୍ଭ କରିଥିଲେ । ସେ ତାମିଲ, ତେଲୁଗୁ ଏବଂ ହିନ୍ଦୀ ସହିତ ଅନେକ ଭାଷାଭାଷୀ ଫିଲ୍ମରେ କାମ କରିଛନ୍ତି। ସେ ସିନେମାରେ କାମ କରିବା ସହିତ ନିଜର ବ୍ୟବସାୟ ବି ଚଳାଉଛନ୍ତି। ସେ ତାଙ୍କ ଭଉଣୀ ଶଗୁନ୍‌ଙ୍କ ସହ 'ଦି ୱେଡିଂ ଫ୍ୟାକ୍ଟ୍ରି' ଯେକି ବିବାହ ଯୋଜନାକାରୀ ବ୍ୟବସାୟ ଚଳାଉଛନ୍ତି। ସେ ଏହି ବିଜ୍‌ନେସ୍‌କୁ ୨୦୧୫ ମସିହାରେ ଆରମ୍ଭ କରିଥିଲେ। ଆହୁରି ମଧ୍ୟ କ୍ରୀଡା ପ୍ରତି ତାପସୀ ପନ୍ନୁଙ୍କର ମଧ୍ୟ ବହୁତ ଆଗ୍ରହ ଥିଲା । ଏହି କାରଣରୁ ସେ ୨୦୧୮ ରେ ଏକ ସ୍ପୋର୍ଟସ୍ ଟିମ୍ କିଣିଥିଲେ । ସେ ଇଣ୍ଡିଆନ୍ ବ୍ୟାଡମିଣ୍ଟନ୍ ଲିଗରେ ଅଂଶଗ୍ରହଣ କରୁଥିବା ପୁଣେ ସେଭେନ୍ ଏସିସ୍‌ର ମାଲିକ ଅଟନ୍ତି । ରୋଜଗାର ବିଷୟରେ କହିବାକୁ ଗଲେ , ସେ ପ୍ରତ୍ୟେକ ଚଳଚ୍ଚିତ୍ର ପାଇଁ ପ୍ରାୟ ୨ କୋଟି ଟଙ୍କା ନିଅନ୍ତି। ଖବର ଅନୁଯାୟୀ ସେ ୫୦କୋଟିର ମାଲିକାଣୀ ବୋଲି ଜଣାପଡିଛି।

ପୁଣି ଏକାଠି ନଜର ଆସିଲେ ପଲକ୍-ଇବ୍ରାହିମ୍

ବଲିଉଡ ଅଭିନେତା ଇବ୍ରାହିମ୍ ଅଲି ଖାନ ଏବଂ ପଲକ ତିୱାରୀଙ୍କ ଡେଟିଂ ଖବର ଭାଇରାଲ ହୋଇଥିଲା। ପଲକ ଏହାକୁ ଗୁଜବ ବୋଲି କହିଥିଲେ। ଇବ୍ରାହିମ ମୋର ଜଣେ ଭଲ ବନ୍ଧୁ ବୋଲି ପଲକ ପ୍ରକାଶ କରିଥିଲେ। କିନ୍ତୁ ପୁଣି ଥରେ ସେମାନଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଉଭୟଙ୍କୁ ଏକାଠି ଦେଖିବା ପରେ ଅନେକ ରିପୋର୍ଟ ଦାବି କରିଛନ୍ତି ଯେ ଇବ୍ରାହିମ ଏବଂ ପଲକ ପରସ୍ପର ସହ ସମ୍ପର୍କ ରଖିଛି। ତେବେ ଏହି ରିପୋର୍ଟ ଉପରେ ଦୁହିଁଙ୍କ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଇବ୍ରାହିମ ଏବଂ ପଲକ ବର୍ଷେ ହେବ ଡେଟିଂ କରୁଥିବା ଶୁଣିବାକୁ ମିଳୁଛି। ହେଲେ ପୂର୍ବରୁ ପଲକ କହିଥିଲେ ଯେ ସେ କେବଳ ତାଙ୍କର ଭଲ ବନ୍ଧୁ। କିନ୍ତୁ ର କରଣ ମେହେଟାଙ୍କ ଜନ୍ମଦିନ ପାର୍ଟିରେ ଉଭୟଙ୍କୁ ଦେଖିବାକୁ ମିଳିଥିଲା। ଉଭୟଙ୍କର ଅନେକ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଛି । ସେମାନଙ୍କ ମଧ୍ୟରେ ସଂପର୍କ ଥିବା ଲୋକେ କହୁଛନ୍ତି। ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ ପଲକ ତିୱାରୀ ଚଳିତ ବର୍ଷ ମୁକ୍ତିଲାଭ କରିଥିବା ସଲମାନ ଖାନଙ୍କ ଫିଲ୍ମ 'କିସି କା ଭାଇ କିସି କି ଜାନ' ସହିତ ଡେବ୍ୟୁ କରିଛନ୍ତି। ଏହି ଚଳଚ୍ଚିତ୍ରରେ ପଲକଙ୍କ ଅଭିନୟକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ।

ପ୍ରଶଂସକରୁ ବିଜୟଙ୍କ ପତ୍ନୀ ହେଲେ ସଂଗୀତା

ସାଉଥ୍ ସୁପର ଷ୍ଟାର୍ ଥଲାପତି ବିଜୟ ୪୯ବର୍ଷ ବୟସରେ ପାଦ ଥାପିଛନ୍ତି। ବିଜୟ ଏମିତି ଏକ ସୁପରଷ୍ଟାର, ଯିଏକି ରଜନୀକାନ୍ତଙ୍କଠାରୁ ବି ଅଧିକ ପାରିଶ୍ରମିକ ନେଉଥିବା ଶୁଣାଯାଏ। 'ଦରବାର' ପାଇଁ ରଜନୀକାନ୍ତ ସବୁଠାରୁ ଅଧିକ ପାରିଶ୍ରମିକ ୯୦ କୋଟି ଟଙ୍କା ନେଇଥିଲେ। ମାତ୍ର ଏହି ରେକର୍ଡକୁ ଭଙ୍ଗ କରି ବିଜୟ ମାଷ୍ଟର ପାଇଁ ୧୦୦ କୋଟି ଟଙ୍କା ଦାବି କରିଥିଲେ। ଆପଣଙ୍କ ବିଜୟଙ୍କ ପ୍ରେମ କାହାଣୀ ବିଷୟରେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ । ବିଜୟଙ୍କ ପ୍ରେମ କାହାଣୀ କୌଣସି ଚଳଚ୍ଚିତ୍ରର କାହାଣୀଠାରୁ କମ୍ ନୁହେଁ। ବିଜୟଙ୍କ ପତ୍ନୀଙ୍କ ନାମ ସଂଗୀତା ସ୍ୱର୍ଣ୍ଣଲିଙ୍ଗମ୍। ସଂଗୀତା ଓ ବିଜୟ ଦୁଇ ଜଣ ଯାକ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଗୋପନୀୟତା ବଜାୟ ରଖନ୍ତି। ବିଜୟଙ୍କ ପ୍ରଥମ ସିନେମା ଥିଲା 'ପୁଭେ ଉନାକଗା'। ଏହି ସିନେମା ତାଙ୍କୁ ତାଙ୍କ ପତ୍ନୀଙ୍କ ସହ ବି ପରିଚିତ କରାଇଥିଲା। ସିନେମାକୁ ସଫଳତା ମିଳିବା ପରେ ବିଜୟ ତାଙ୍କର ନୂଆ ସିନେମା ପାଇଁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ସେ ଚେନ୍ନାଇରେ ନୂଆ ଫିଲ୍ମ ପାଇଁ ସୁଟ୍ କରୁଥିଲେ। ସେଠାରେ ତାଙ୍କୁ ଭେଟିବାକୁ ତାଙ୍କର ଜଣେ ମହିଳା ପ୍ରଶଂସକ ଆସିଲେ ଏବଂ ବିଜୟଙ୍କୁ ଭେଟିବାକୁ ଜିଦ୍ କରିବସିଲେ। ସେହି ପ୍ରଂଶସିକା ଜଣକ ଆଉ କେହି ନୁହେଁ, ବରଂ ସଂଗୀତା ହିଁ ଥିଲେ। ସେ ବିଜୟଙ୍କ ଫିଲ୍ମ ସଫଳ ହେବା ପରେ ତାଙ୍କୁ ପ୍ରଶଂସା କରିବାକୁ ସେଟ୍‌ରେ ପହଞ୍ଚିଥିଲେ ଓ ତାହା ହିଁ ଥିଲା ଦୁହିଁଙ୍କ ପ୍ରଥମ ସାକ୍ଷାତ୍। ପରେ ସଂପର୍କ ସ୍ଥାପନ ହେଲା। ଆଗକୁ ବଢ଼ି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ବିଜୟ- ସଂଗୀତା।

ରୋଷେଇ ଘରେ ଅସରପା ହେଉଛନ୍ତି ?

ରୋଷେଇ ଘରେ ଅସରପା ସମସ୍ୟା ସଭିଙ୍କ ମୁଣ୍ଡ ବିନ୍ଧାର ମୁଖ୍ୟ କାରଣ। ତେବେ ଏଭଳି କେତେକ ସରଳ ଉପାୟ ରହିଛି ଯାହାକୁ ଆପଣାଇବା ଦ୍ୱାରା ଏହି ସମସ୍ୟା ଦୂର ହେବ। ରୋଷେଇ ଘରେ ଅସରପା ଯିବା ଆସିବା କରୁଥିବା ସ୍ଥାନରେ କିଛି ଚିନି କିମ୍ବା ମିଳ୍ହଚର ରଖନ୍ତୁ। ପାଣିରେ ଅଳ୍ପ କିଛି ନିମ୍ବ ତେଲ ମିଶାନ୍ତୁ। ଅସରପା ଚଳପ୍ରଚଳ କରୁଥିବା ସ୍ଥାନରେ ଏହା ଛିଞ୍ଚି ଦିଅନ୍ତୁ। ଘରର କଣ ମାନଙ୍କରେ ଲୁଣ ପାଣି ଓ ପୁଦିନା ତେଲ ମିଶାଇ ପକାନ୍ତୁ। ଅସରପା ଯିବା ଆସିବା କରୁଥିବା ସ୍ଥାନରେ ଟମାଟୋ ରସ କିମ୍ବା କିଛି ଖଣ୍ଡ କାକୁଡି ରଖନ୍ତୁ। ଏହାଦ୍ୱାରା ଆଉ ଅସରପା ହେବେ ନାହିଁ। ଅସରପା ଯିବା ଆସିବା କରୁଥିବା ସ୍ଥାନ କିମ୍ବା ରୋଷେଇ ଘର କଣ ମାନଙ୍କରେ ଡାଲଚିନି ଗୁଣ୍ଡ ପକାନ୍ତୁ।

ମୁହଁରେ ବ୍ରଣ ହେଉଥିଲେ ଆପଣାନ୍ତୁ ଏହି ଟିପ୍ସ

ବ୍ରଣ ସମସ୍ୟା ସମସ୍ତଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଥାଏ। ଏହା ଏକ ସାଧାରଣ ଚର୍ମ ରୋଗ। ବ୍ରଣ କେବଳ ମହିଳା ମାନଙ୍କର ମୁହଁରେ ଦେଖାଯାଇନଥାଏ ବରଂ ଅଧିକାଂଶ ପୁରୁଷଙ୍କ ମୁହଁରେ ମଧ୍ୟ ଦେଖିବାକୁ ମିଳିଥାଏ। ଆଜିକାଲି ଛୋଟ ପିଲାଙ୍କ ମୁହଁରେ ମଧ୍ୟ ବ୍ରଣ ଦେଖିବାକୁ ମିଳୁଛି। ବିଶେଷକରି ଯୁବପିଢି ମୁହଁରେ ବ୍ରଣ ସସମ୍ୟାକୁ ନେଇ ଅଧିକ ଚିନ୍ତାରେ ରହିଥାନ୍ତି । ତେବେ ଏବେ ଆଉ ଚିନ୍ତାର କାରଣ ନାହିଁ। କାରଣ ବ୍ରଣ ସମସ୍ୟାରୁ ମୁକ୍ତି ପାଇବା ପାଇଁ ବିଶେଷଜ୍ଞ ଦେଇଛନ୍ତି କିଛି ଟିପ୍ସ।

ପିମ୍ପଲ୍ ହଟାଇବା ପାଇଁ ଏକ ଆୟୁର୍ବେଦିକ ଜଳ ପ୍ରସ୍ତୁତ କରାଯାଇଛି। ପ୍ରଥମେ ଆପଣଙ୍କୁ ଆଳୁ ଚୋପା, ଲେମ୍ବୁ ଚୋପା ଏବଂ କମଳା ଚୋପା ନେଇ ଏକ ପାତ୍ରରେ ପୁଦିନା ପତ୍ର ରଖି ଖରାରେ ଭଲଭାବେ ଶୁଖାଇ ପାଇଁ ଛାଡିଦେବେ। ଚୋପା ଶୁଖିବା ପରେ ଭଲ ଭାବେ ଗ୍ରାଇଣ୍ଡ୍ କରି ଏକ ପାଉଡର ପ୍ରସ୍ତୁତ କରିବେ। ବର୍ତ୍ତମାନ ଏହି ଚୋପାକୁ ଏକ ସୂତା କପଡ଼ାରେ ଭର୍ତ୍ତି କରି ଏକ ବଣ୍ଡଲ୍ ତିଆରି କରନ୍ତୁ। ଏହି ପାତ୍ରକୁ ଗରମ ପାଣି କରି ସେହି ପାତ୍ରରେ ଏହି କପଡା ବଣ୍ଡଲକୁ ବୁଡାଇ ରଖନ୍ତୁ। ଆପଣଙ୍କ ଔଷଧୀୟ ପାଣି ପ୍ରସ୍ତୁତ। ଏହାକୁ ଥଣ୍ଡା କରିବାକୁ କିଛି ସମୟ ପାଇଁ ରଖିଦିଅନ୍ତୁ।

ମୁହଁରେ ପାଣି ଲଗାଇବା ପୂର୍ବରୁ ଚେହେରାକୁ କ୍ଲିନଜର ସାହାଯ୍ୟରେ ପ୍ରଥମେ ସଫା କରନ୍ତୁ। ଏଥିପାଇଁ ଆପଣ ବେସନରେ ମହୁ ମିଶାଇ ମୁହଁ ଧୋଇ ପାରିବେ। ଏହି ମିଶ୍ରଣ ତ୍ୱଚାରେ ପ୍ରାକୃତିକ କ୍ଲିଜର୍ ଭଳି କାମ କରିବ। ମୁହଁ ଧୋଇବା ପରେ, ବର୍ତ୍ତମାନ ଫିମ୍ପଲ୍ ରିମୁଭିଙ୍ଗ୍ ୱାଟର ପ୍ରୟୋଗ କରନ୍ତୁ। ଏହି ଜଳକୁ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ। ଚୋପା ହୋଇଥିବା ବଣ୍ଡଲକୁ ଆପଣ ୪ ଥର ବ୍ୟବହାର କରିପାରିବେ। ଦିନକୁ ୨ ରୁ ୩ ଥର ଏହି ପାଣିରେ ମୁହଁ ଧୋଇଦିଅନ୍ତୁ ଏବଂ ଆପଣ ଦେଖିବେ ୩ ଦିନ ମଧ୍ୟରେ ଆପଣଙ୍କ ମୁହଁରୁ ବ୍ରଣ ଗାଏବ ହୋଇଯିବ।

ଏହି ପାଣିରେ ମୁହଁ ଧୋଇବା ଦ୍ୱାରା କେବଳ ବ୍ରଣ ଦୂର ହୁଏ ତାହା ନୁହେଁ ବରଂ ଅନ୍ୟାନ୍ୟ ଚର୍ମ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ଏହି ପାଣି ତ୍ୱଚାର ମଳିନତାକୁ ଦୂର କରେ। ଏହାସହ ଡାର୍କ ସର୍କଲ ଏବଂ ବ୍ରଣକୁ ଦୂର କରିଥାଏ। ଏହା ବ୍ୟତୀତ ଏହା ଚେହେରାର ଉଜ୍ଜ୍ୱଳ ବଢାଇବା ଏବଂ ମଶ୍ଚରାଇଜ୍ କରିବା ପାଇଁ ମଧ୍ୟ କାମ କରେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ପବିତ୍ର ଶ୍ରୀଗୁଣ୍ଡିଚା ଦିବସ ଅବସରରେ ଜବାହାର ଚୌକ ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ମା'ଲକ୍ଷ୍ମୀଙ୍କ ପୂଜା ମଣ୍ଡପର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଢେଙ୍କାନାଳ ବିଧାୟକ ସୁଧୀର ସାମଲଙ୍କ ଅନୁଦାନ ପାଣ୍ଠିରୁ ପ୍ରାଥମିକ ସ୍ତରରେ ୩ଲକ୍ଷ ଟଙ୍କା ଲକ୍ଷ୍ମୀପୂଜା ମଣ୍ଡପ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବାରୁ ରଥଯାତ୍ରା ଦିନ ଏହାର ଭୂମି ପୂଜା କାର୍ଯ୍ୟକ୍ରମ ହୋଇଥିଲା । ପୂଜା କମିଟିର ସଂପାଦକ ସୁଧାଂଶୁ କୁମାର ଦଳେଇ ଓ ପଡ଼ୀ ଅନିମା ଦଳେଇ କର୍ତା ଭାବେ ପୂଜା କାର୍ଯ୍ୟକୁ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେଇ ପୂଜା ମଣ୍ଡପର ଶିଳାନ୍ୟାସ କରି ସନ୍ତୋଷ ପ୍ରକାଶ କରିଥିଲେ । ଏହି ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଅତିଥିଗଣଙ୍କ ମଧ୍ୟରେ ସମାଜସେବୀ ରବିନ୍ଦ୍ର ମହାନ୍ତି, ଡିପିଜେପିର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ଅଗ୍ରୱାଲା, ପୂର୍ବତନ କାଉନ୍‌ସିଲର ଜ୍ଞାନରଞ୍ଜନ ମିଶ୍ର, ସାଂଧ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର ସାହୁ, ପୂଜା କମିଟିର ପୂର୍ବତନ କର୍ତା ମୃତ୍ୟୁଞ୍ଜୟ ମହାପାତ୍ର, ପୂର୍ବତନ ସରପଂଚ ବାବାଜୀ ସ୍ୱାଇଁ, ସାମ୍ବାଦିକ ସଦାଶିବ ମହାପାତ୍ର, ଅଥୟ କୁମାର ସାହୁ ଓ ଜିତେନ୍ଦ୍ର ପଟ୍ଟନାୟକଙ୍କ ବ୍ୟତୀତ ଲକ୍ଷ୍ମୀପୂଜା କମିଟିର ସଭାପତି ଅଶୋକ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ନାରାୟଣ ପୋଦାର, ଯୁଗ୍ମ ସଂପାଦକ ଶକ୍ତି ରଞ୍ଜନ ମହାପାତ୍ର, କାର୍ଯ୍ୟକର୍ତା ଲାଜ୍‌ପତ୍ ଆରୋରା, ବିଜୟ କୁମାର ସ୍ୱାଇଁ, ଦୀପକ କୁମାର ଦାସ, ମନ୍ମଥ ରାଓ ଓ ବିକାଶ ପୋଦାର ପ୍ରମୁଖଙ୍କ ବ୍ୟତୀତ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ବିଜେଡିର ନଗର ପଞ୍ଚାୟତ ସଭାପତି ମନୋନୀତ

ନଗର ସଭାପତି ନଳିନୀ, ପାଟଳଦା ପଞ୍ଚାୟତ ସଭାପତି ହରିବନ୍ଧୁ

ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍):କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକରେ ସଶକ୍ତ ହେଉଛି ବିଜେଡି. ତୃଣମୂଳସ୍ତରରେ ଦଳକୁ ସଶକ୍ତ ଓ ଅଧିକ ସୁଦୃଢ କରିବା ପାଇଁ କାକଟପୁର ବିଧାୟକ ତଥା କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତରେ ବୁଧବାର ସନ୍ଧ୍ୟାସମୟରେ ନଗର ପଞ୍ଚାୟତର ପାଖାପାଖି ୩ ସହ ଉର୍ଦ୍ଧ ବିଜେଡି କର୍ମୀଙ୍କୁ ନେଇ ଏକବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ନିଷ୍ପତି କ୍ରମେ ନଗର ପଞ୍ଚାୟତ ବିଜେଡି ସଭାପତି ଭାବେ ନଳିନୀ କାନ୍ତ ପଲାଉରୀଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ଅନ୍ୟ ପଟେ ଗୁରୁବାର ପାଟଳଦା ପଞ୍ଚାୟତରେ ବିଜେଡି କୁ ସୁଦୃଢ କରିବା ପାଇଁ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଜେଡି ବରିଷ୍ଠ ନେତା ସୁବ୍ରତ କୁମାର ଛାଟୋଇ, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକି, ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ପାଟଳଦା ସରପଞ୍ଚ ଯଶୋବନ୍ତ ନାୟକ, ସମିତିସଭ୍ୟା ମନ୍ଦାକିନୀ ଛାଟୋଇ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା ଙ୍କ ସହ ପଞ୍ଚାୟତ ଚାରି ସହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ଉପସ୍ଥିତରେ ପାଟଳଦା ପଞ୍ଚାୟତ ବିଜେଡି ସଭାପତି ଭାବେ ହରିବନ୍ଧୁ ସ୍ୱାଇଁଙ୍କୁ ଚୟନ କରାଯାଇଛି। ନିର୍ବାଚନ ପୂର୍ବରୁ ପଞ୍ଚାୟତରେ ବିଜେଡିକୁ ଅଧିକ ମଜଭୂତ କରିବା ପାଇଁ ସମସ୍ତ ସହଯୋଗ ଆବଶ୍ୟକ ବୋଲି ଅତିଥି ମାନେ କହିଛନ୍ତି। ମନ୍ତ୍ରୀ ୨ ବରିଷ୍ଠ ନେତା ନଳିନୀ କାନ୍ତ ପଲାଉରୀ ଓ ହରିବନ୍ଧୁ ସ୍ୱାଇଁଙ୍କୁ ୨ ପଞ୍ଚାୟତ ସଭାପତି ଭାବେ ଦାୟିତ୍ୱ ଦେଇଛନ୍ତି । ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଭଲ ରେଜଲ୍ଟ କରିଥିଲା। ଏନେଇ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା।

ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ରରେ ରଥଯାତ୍ରା

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଗଡକୁଜଙ୍ଗ ସୁଭଦ୍ରାକ୍ଷେତ୍ରରେ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁର ରାଜା ତଥା ପାରାଦୀପ ବିଧାୟକ ଇ. ସମ୍ବିତ ରାଉତରାୟ ରଥରେ ଛେରା ପହଁରା କରିବା ପରେ ଅପରାହ୍ନରେ ସୁଭଦ୍ରାକ୍ଷେତ୍ରରେ ବାସି ରଥଯାତ୍ରା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ରାଜ୍ୟ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ୧୫୬୮ ମସିହାରେ କଳା ପାହାଡ଼ ଶ୍ରୀ ମନ୍ଦିରରୁ ତିନି ଠାକୁରଙ୍କ ବିଗ୍ରହଙ୍କୁ ଆଣି ଗଙ୍ଗା ନଦୀ କୂଳରେ ପୋଡ଼ିବାକୁ ଉଦମ୍ୟ କରିଥିଲେ। ତିନି ବିଗ୍ରହଙ୍କ ଠାରେ ଯେତେବେଳେ କଳା ପାହାଡ଼ ଅଗ୍ନି ସଂଯୋଗ କରିବା ମାତ୍ରେ ତାଙ୍କ ଶରିରରେ ଜୋଳନ ଅନୁଭବ ହୋଇଥିଲା। ଯାହା ଫଳରେ ସେ ତିନି ବିଗ୍ରହଙ୍କୁ ଗଙ୍ଗା ନଦୀକୁ ନୀକ୍ଷେପ କରିଥିଲେ। ଏହି ସମୟରେ ବିଶ୍ୱର ମହାନ୍ତି ନାମକ ଭକ୍ତ ଗଙ୍ଗା ନଦୀରୁ ତିନି ବିଗ୍ରହଙ୍କୁ ଉଦ୍ଧାର କରି ମୁଧଙ୍ଗ ମଧ୍ୟରେ ପୁରାଇ ଗଙ୍ଗା ନଦୀ କୂଳେ କୂଳେ ଆସି ଓ ଡ଼ିଶା ଉପକୂଳରେ ପହଞ୍ଚିବା ପରେ ପରେ ତାଙ୍କୁ ଏକ ଶୂନ୍ୟବାଣୀ ହୋଇଥିଲା। ସେହି ଶୂନ୍ୟବାଣୀ ଅନୁଯାଇ ଯେଉଠିଁ ଅଛି। କିକ ଘଟଣା ତାଙ୍କ ନଜରକୁ ଆସିବ ସେହି ସ୍ଥାନରେ ବିଗ୍ରହ ସ୍ଥାପନ କରାଯିବ ବୋଲି ମୁଦୁଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏରସମା ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ୩ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ପୀତବାସ ଗୋଛାୟତ, ଗଡକୁଜଙ୍ଗ ମଠର ମହନ୍ତ ତଥା ଶ୍ରମିକ ନେତା ଓ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଅମୃତ ଦାସ, ବାଲିକୁଦା ଏରସମା ବିଜୁ ଜନତା ଦଳର ଯୁବ ସଭାପତି ପାର୍ଥସାରଥୀ ରାଉତ, ପୂର୍ବତନ ସାଂସଦ ଡଃ. କୁଳମଣି ସାମଲ, ଗୋପିଆକୁଦ ପଞ୍ଚାୟତ ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ଭୁୟାଁ ଜଗତସିଂହପୁର ଜିଲ୍ଲା ବିଜେଡି କାର୍ଯ୍ୟକାରି ସଭାପତି ଜୋତିସି ଦାସ, ଢ଼ିଙ୍କିଆ ପଞ୍ଚାୟତ ସରପଞ୍ଚ କିଶୋର କୁମାର ପରିଡା, ଗଡକୁଜଙ୍ଗ ସରପଞ୍ଚ କବିତା ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ ଯୋଗଦେଇ ଶ୍ରୀ ଶ୍ରୀ କୁଞ୍ଜବିହାରୀଙ୍କ କିମ୍ବଦନ୍ତୀଙ୍କ ଅନୁଯାୟୀ ଶ୍ରୀଗୁଣ୍ଡିଚା ଦିନ ଭାଇ ଜଗନ୍ନାଥଙ୍କ ରଥଯାତ୍ରା ପରଦିନ ସୁଭଦ୍ରାକ୍ଷେତ୍ରରେ ବାସି ରଥଯାତ୍ରା ହୁଏ। ଭାଇ ଜଗନ୍ନାଥ ଭଉଣୀ ସୁଭଦ୍ରାଙ୍କ ରଥଯାତ୍ରା ଦେଖିବାକୁ ଆସନ୍ତି ବୋଲି ଶ୍ରୀମତୀ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିତୁଠ ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଭୁରଞ୍ଜନ ସାମନ୍ତରାୟ, ବାଡଗାହି ସଞ୍ଜୟ କୁମାର ମହାନ୍ତି, ଯଦୁମଣି ଖଟୁଆ, ହରିହର ଲିଙ୍ଗରାଜ ମହାନ୍ତି, ଚଟୁଆ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ବାଲିତୁଠ ଅଞ୍ଚଳର ଯୁବ ସମାଜସେବୀ ସ୍ମୃତି ରଞ୍ଜନ ଦାସ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଟ୍ରଷ୍ଟି ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପିତାମ୍ବର ରାଉତ, ଯୁବ ନେତା ବିଜୟଚାନ୍ଦ ନାୟକ,ପୂର୍ବତନ ସରପଞ୍ଚ ସମ୍ପଦ କୁମାର ବାରିକ ପ୍ରମୁଖ ଯୋଗଦେଇ ଥିଲେ। ତିର୍ତ୍ତୋଲ ଏସେ,ଡି,ପି,ଓ, ପ୍ରସାନ୍ତ କୁମାର ମାଝୀ ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରାଙ୍କ ସମେତ ପୋଲିସ କର୍ମଚାରୀ ମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ଆର୍‌ଏମ୍‌ସି କେନ୍ଦୁପାଟଣା ଏବଂ ନରସିଂହପୁର ଉପରେ ସମୀକ୍ଷା

ମାର୍କେଟ ୟାର୍ଡରେ ଭିତ୍ତିଭୂମି ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଲୋକ ସେବା ଭବନରେ ନିୟନ୍ତ୍ରିତ ମାର୍କେଟିଂ ସୋସାଇଟି (ଆରଏମସି) କେନ୍ଦୁପାଟଣା ଏବଂ ନରସିଂହପୁର ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମାର୍କେଟ ୟାର୍ଡରେ ଉପଲବ୍ଧ ବିଦ୍ୟମାନ ଭିତ୍ତିଭୂମି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମାର୍କେଟ ୟାର୍ଡ ପ୍ରତିଷ୍ଠା ପାଇଁ କେଉଁ କେଉଁ ବ୍ଲକ୍ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଏହାର ମାର୍କେଟିଂ ଚ୍ୟାନେଲ ଅଧୀନରେ ଉପଲବ୍ଧ କୃଷିଜାତ ଦ୍ରବ୍ୟ, ପ୍ରସ୍ତାବିତ ଭିତ୍ତିଭୂମି ସୃଷ୍ଟି ପାଇଁ କାର୍ଯ୍ୟ ଯୋଜନା, ଆରଏମସି ତରଫରୁ ନିଆଯାଇଥିବା ପଦକ୍ଷେପ, ଇଣ୍ଟିଗ୍ରେଟେଡ୍ ପ୍ୟାକ୍ ହାଉସ୍ ନିର୍ମାଣ, ବିଭିନ୍ନ ସୁବିଧାଗୁଡ଼ିକର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ ଉପରେ ଆଲୋଚନା କରାଯାଇଛି ଓ ଉଭୟ ଆର୍‌ଏମ୍‌ସି ଇ-ନାମ୍ ସହିତ ଏକୀଭୂତ ହୋଇଛି ଓ କୁଳିଆରେ ଆରଏମସି କେନ୍ଦୁପାଟଣାର ମୁଖ୍ୟ ବଜାର ପ୍ରାଙ୍ଗଣର ଉପଯୁକ୍ତ ଉପଯୋଗ ଏବଂ ସିଡିଏ କୃଷକ ବଜାରର ସୁବିଧାର ସୁଯୋଗ ବିକାଶ ଉପରେ ଆଲୋଚନା ହୋଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମବାୟ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢା, ରେଜିଷ୍ଟର କୋଅପରେଟିଭ୍ ସୋସାଇଟି ଉଦ୍ଧବ ଚରଣ ମାଝୀ, ଜିଏମ୍ ଓଏସ୍‌ଏମ୍ ବୋର୍ଡର ଧରିତ୍ରି ମିଶ୍ର, ଏଜିସିଏସ୍ ପି.କେ.ପଟ୍ଟନାୟକ, ଉପଜିଲ୍ଲାପାଳ କଟକ କମଳଜିତ ମିଶ୍ରଙ୍କ ସମେତ ଅନ୍ୟାନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

ସ୍ୱୀକୃତି ଯୋଜନାରେ ସରକାରୀ ସହାୟତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କିନ୍ନରମାନଙ୍କ ନିରାପଦ ଭବିଷ୍ୟତ ଓ ଆର୍ଥିକ ନିର୍ଭରତା ନିମନ୍ତେ 'ସ୍ୱୀକୃତି' ଯୋଜନାରେ ସରକାର ବିଶେଷ ସୁବିଧା ମଞ୍ଜୁର କରିଛନ୍ତି। ସେମାନଙ୍କ ଶିକ୍ଷାଗତ ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ ନିମନ୍ତେ ସରକାରୀ ସହାୟତାର ବ୍ୟବସ୍ଥା କରାଯାଇଛି । କିନ୍ନରମାନଙ୍କ ପାଠପଢ଼ା ପାଇଁ ସରକାରଙ୍କ ପକ୍ଷରୁ ପ୍ରାକ୍-ମାଟ୍ରିକ୍ ଓ ମାଟ୍ରିକ୍ ପରବର୍ତ୍ତୀ ଶିକ୍ଷାବୃତ୍ତି ପରିମାଣ ମାସିକ ସର୍ବନିମ୍ନ ଏକ ହଜାର ଟଙ୍କାରୁ ଆରମ୍ଭ ହୋଇ ତିନି ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି । ସେମାନଙ୍କ ପାଇଁ ଛାତ୍ରାବାସ ସୁବିଧା ନିମନ୍ତେ ସେମାନେ ପଢୁଥିବା ଶିକ୍ଷାନୁଷ୍ଠାନ ଛାତ୍ରାବାସ ସୁବିଧା କରିପାରିବେ । ଛାତ୍ରାବାସରେ ରହୁଥିବା ପ୍ରତି କିନ୍ନରଙ୍କୁ ଉପକରଣ କ୍ରୟ ନିମନ୍ତେ ଏକକାଳୀନ ପାଠପଢ଼ା ଶେଷ ପର୍ଯ୍ୟନ୍ତ ୧୫ ହଜାର ଟଙ୍କା ପ୍ରଦାନ କରାଯିବ । ସଂପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୁପାରିଶକୁ ଭିତ୍ତି କରି ପ୍ରତି କିନ୍ନରଙ୍କୁ ମାସିକ ତିନି ହଜାର ଟଙ୍କା ଛାତ୍ରାବାସ ଖର୍ଚ୍ଚ ଯୋଗାଇ ଦିଆଯିବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, କିନ୍ନରମାନଙ୍କୁ ଉତ୍ତମ ମାନବସମ୍ବଳ ଭାବରେ ବିବେଚନା କରି ସେମାନଙ୍କ ସୁରକ୍ଷା ଓ ଆର୍ଥିକ ନିରାପତ୍ତା ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ସେମାନଙ୍କ ଶିକ୍ଷା, ଦକ୍ଷତା ବିକାଶ ସାଙ୍ଗକୁ ଛାତ୍ରାବାସ ରହଣି ଉପରେ ଗୁରୁତ୍ୱ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୨ଲକ୍ଷ ୧ଟଙ୍କା ପ୍ରଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କୃଷି ସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବାର ଲକ୍ଷ ଏକ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାହାନଗା ଠାରେ ଜୁନ ୨ ତାରିଖରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କ ସାହାଯ୍ୟାର୍ଥେ ଏବଂ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରେମୁଣା ବ୍ଲକ୍‌ର ବ୍ଲକ୍ କୃଷି ଅଧିକାରୀ ତଥା ସଂଘର ସଦସ୍ୟ ବ୍ରଜ କିଶୋର ବେହେରାଙ୍କ ଦିବଂଗତ ଆତ୍ମାର ସମ୍ମାନାର୍ଥେ ସଂଘ ଏହି ଅର୍ଥ ପ୍ରଦାନ କରିଛି । ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲାକ୍ରିଷ୍ଣନ୍‌ଙ୍କୁ ସଂଘର ସାଧାରଣ ସମ୍ପାଦକ ରାଜେଶ କୁମାର ନନ୍ଦଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

ସେବତୀ ସାହୁ ଓ ମଞ୍ଜୁଲତା ମହାରଣାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ ସମ୍ମାନରେ ସମ୍ମାନିତ ହୋଇଥିବା ସେବତୀ ସାହୁ ଓ ମଞ୍ଜୁଲତା ମହାରଣାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଠାରୁ ୨୦୨୨ ଓ ୨୦୨୩ ବର୍ଷ ପାଇଁ 'ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ' ସମ୍ମାନରେ ସମ୍ମାନିତ ହୋଇଥିବା ଓଡ଼ିଶାର ସେବତୀ ସାହୁ ଓ ମଞ୍ଜୁଲତା ମହାରଣାଙ୍କ ସମେତ ସମସ୍ତ ନର୍ସିଂ ବୃତ୍ତିଧାରୀଙ୍କୁ ଅଭିନନ୍ଦନ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ଦୁଇ କର୍ମନିଷ୍ଠ ମହିଳାଙ୍କ ଉଲ୍ଲେଖନୀୟ ଅବଦାନ ଓଡ଼ିଶାର ସ୍ୱାସ୍ଥ୍ୟକର୍ମୀଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିବ ।

ହାଇକୋର୍ଟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ମାମଲା

ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ବିସ୍ତୃତ ତଥ୍ୟ ଜୁନ୍ ୨୭ ତାରିଖ ସୁଦ୍ଧା ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ହାଇକୋର୍ଟର ବିଚାରପତି ଏସ୍. ତଳାପାତ୍ର ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସବିଶେଷ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ମାମଲାର ଶୁଣାଣିବେଳେ ସ୍ପଷ୍ଟ ହୋଇଥିଲା ଯେ, ରାଜ୍ୟରେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ଯୋଜନା ନାହିଁ। ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ଦଲାଲ ମାଳମାଳ ହେଉଥିବାରୁ ହାଇକୋର୍ଟ ଡାକ୍ତରଖାନା ପରିସରକୁ ଦଲାଲାମୁକ୍ତ କରିବାକୁ ଆଦେଶ ଦେଇଛନ୍ତି । ସେହିପରି ସରକାରୀ ଡାକ୍ତରଖାନାରେ ଡାକ୍ତର ଓ ଅନ୍ୟ କର୍ମଚାରୀ କାର୍ଯ୍ୟ ସମୟରେ ଅନୁପସ୍ଥିତ ରହୁଛନ୍ତି। ଅଧିକାଂଶ ସିଏଚ୍‌ସି ଓ ପିଏଚ୍‌ସିରେ ସାଧାରଣ ପରୀକ୍ଷା ପାଇଁ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ଓ ଭିତ୍ତିଭୂମି ନାହିଁ। ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ମାମଲାରେ ଆଜି ଆମିକସ୍‌କ୍ୟୁରୀ ଗୌତମ ମିଶ୍ରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କଣ କଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଅଦାଲତରେ ସତ୍ୟପାଠ ଦାଖଲ କରନ୍ତୁ । ସେହିପରି ରାଜ୍ୟରେ କେତେ ନକଲି ଡାକ୍ତର କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ କୌଣସି ମେକାନିଜିମ୍ କାର୍ଯ୍ୟ କରୁଛଇ କି ନାହିଁ ସେ ସମ୍ପର୍କରେ ମଧ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାନ୍ତୁ। ଅନ୍ୟପକ୍ଷରେ ଡାକ୍ତରଖାନାରେ ଦଲାଲୀରାଜ୍ ରୋକ୍ ଉପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ମଧ୍ୟ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ।